# ଜାତୀୟ ଶିକ୍ଷାନୀତି -୨୦୨୦ ଅନୁଯାୟୀ

# ଆଦର୍ଶ ଓଡ଼ିଆ ସ୍ନାତକ ପାଠ୍ୟକ୍ରମ

## (ପ୍ରବେଶ ଓ ପ୍ରସ୍ଥାନର ବିବିଧ ବିକଳ୍ପ ସହିତ)

**MODEL ODIA CURRICULUM**

**FOR**

**THREE/FOUR YEARS DEGREE COURSES**

**(With Multiple Entry and Exit Option)**

**Based on NEP – 2020**

ରାଜ୍ୟ ଉଚ୍ଚଶିକ୍ଷା ପରିଷଦ, ଓଡ଼ିଶା

ଉଚ୍ଚଶିକ୍ଷା ବିଭାଗ

ଓଡ଼ିଶା ସରକାର

## ପାଠ୍ୟକ୍ରମ ପ୍ରସ୍ତୁତି ପରିଷଦର ସଭ୍ୟସଭ୍ୟା ବୃନ୍ଦ

ପ୍ରଫେସର ବଭ୍ରୁବାହନ ମହାପାତ୍ର

ଡକ୍ଟର ଶିଶିର ବେହେରା

ଡକ୍ଟର ଦେବୀ ପ୍ରସାଦ ଶତପଥୀ

ଡକ୍ଟର ଦେବାଶିଷ ପାତ୍ର

ଡକ୍ଟର ମିଲନ ମହାନ୍ତ

ଡକ୍ଟର ଅର୍ଚ୍ଚନା ପ୍ରଧାନ

ପ୍ରଫେସର ସବିତା ପ୍ରଧାନ

ଶ୍ରୀ ନାରାୟଣ ପ୍ରସାଦ ବେହେରା

ଡକ୍ଟର ନରେନ୍ଦ୍ର କୁମାର ପାତ୍ର

**Table-I:** **Structure for Certificate Courses Exit after First Academic year**

*[(One academic year (First & Second Semesters and a Summer/Vocational Course and Community Work)]*

| Semester | Core-I | Core-II | Core-III | Multi-disciplinary | AEC | SEC | VAC | Community Engagement& Services/ Field work /Internship | Total MinimumCredit |
|---|---|---|---|---|---|---|---|---|---|
| I | 1X4=4 | 1X4=4 | | 1X3=3 | 1X4=4 Odia | 1X2=2 Analytical Thinking and logical reasoning | 1x4=4 EnvironmentalStudies and Disaster management | | 21 |
| II | 1X4=4 | | 1X4=4 | 1X3=3 | 1X4=4 English | 1X2=2 Introduction to statistics and data analyses | 1x2=2 UnderstandingIndia | 1x2=2 | 21 |
| Total | 2x4=8 | 1X4=4 | 1X4=4 | 2x3=6 | 2x4=8 | 2x2=4 | 06 | 1x2=2 | 42 |
| *Vocational Course of 4 credits for Certificate* | | | | | | | | | |

**Table-II: Structure for Diploma Certificate Course Exit after Second Academic year** [*Two academic years (First, Second, Third & Four Semesters and a Summer Vocational Course and Community Work)*]

| Semester | Core-I | Core-II | Core-III | Multi-disciplinary | AEC | SEC | VAC | Community Engagement & Services/ Field work /Internship | Total Minimum Credit |
|---|---|---|---|---|---|---|---|---|---|
| I | 1X4=4 | 1X4=4 | | 1X3=3 | 1X4=4 Odia | 1X2=2 Analytical Thinking and logical reasoning | 1x4=4 EnvironmentalStudies and Disaster management | | 21 |
| II | 1X4=4 | | 1X4=4 | 1X3=3 | 1X4=4 English | 1X2=2 Introduction to statistics and data analyses | 1x2=2 UnderstandingIndia | 1x2=2 | 21 |
| | | | | | | | | | 42 |
| III | 3X4=12 | 1X4=4 | | 1X3=3 | | 1X2=2 | | | 21 |
| IV | 3X4=12 | | 1X4=4 | | | 1X3=3 | | 1x2=2 | 21 |
| | | | | | | | | | 42 |
| Total | 8x4=32 | 2x4=8 | 2x4=8 | 3x3=9 | 2x4=8 | 09 | 06 | 2x2=4 | 84 |
| ***Vocational Course of 4 credits for Diploma Certificate*** | | | | | | | | | |

**Core-II and Core-III are interchangeable.**

**Table-III:** **Three Year Degree Course Single Major with Two Minor**

| Semester | Core-I | Core-II | Core-III | Multi-disciplinary | AEC | SEC | VAC | Community Engagement & Services/ Field work /Internship | Total Minimum Credit |
|---|---|---|---|---|---|---|---|---|---|
| **I** | **1X4=4** | **1X4=4** | | **1X3=3** | **1X4=4** Odia | **1X2=2** Analytical Thinking and logical reasoning | **1x4=4** Environ mental Studies and Disaster manage ment | | **21** |
| **II** | **1X4=4** | | **1X4=4** | **1X3=3** | **1X4=4** English | **1X2=2** Introductio nto statistics and data analyses | **1x2=2** Underst anding India | **1x2=2** | **21** |
| | | | | | | | | | **42** |
| **III** | **3X4=12** | **1X4=4** | | **1X3=3** | | **1X2=2** | | | **21** |
| **IV** | **3X4=12** | | **1X4=4** | | | **1X3=3** | | **1x2=2** | **21** |
| | | | | | | | | | **42** |
| **V** | **4X4=16** | **1X4=4** | | | | | **1x1=1** Underst anding Odisha | | **21** |
| **VI** | **3X4=12** | | **1X4=4** | | | | **1x2=2** Introduct ion to ICT **1x3=3** Ethics and Values | | **21** |
| | | | | | | | | | **42** |
| **Total** | **15X4=60** | **3X4=12** | **3X4=12** | **3X3=9** | **2X4=8** | **09** | **12** | **2x2=4** | **126** |

**Table-IV**: **Three Year Degree Course Double Major Course**

| Semester | Core-I | Core-II | Multi-disciplinary | AEC | SEC | VAC | Community Engagement & Services/ Field work /Internship | Total Minimum Credit |
|---|---|---|---|---|---|---|---|---|
| I | 1X4=4 | 1X4=4 | 1X3=3 | 1X4=4 Odia | 1X2=2 Analytical Thinking and logical reasoning | 1x4=4 Environmen talStudies and Disaster management | | 21 |
| II | 1X4=4 | 1X4=4 | 1X3=3 | 1X4=4 English | 1X2=2 Introduction to statistics and data analyses | 1x2=2 Understandi ngIndia | 1x2=2 | 21 |
| | | | | | | | | 42 |
| III | 3X4=12 | 2X4=8 | 1X3=3 | | 1X2=2 | | | 25 |
| IV | 3X4=12 | 2X4=8 | | | 1X3=3 | | 1x2=2 | 25 |
| | | | | | | | | 50 |
| V | 4X4=16 | 3X4=12 | | | | 1x1=1 Understandi ngOdisha | | 29 |
| VI | 3X4=12 | 3X4=12 | | | | 1x2=2 Introduction toICT 1x3=3 Ethics and Values | | 29 |
| | | | | | | | | 58 |
| Total | 15X4=60 | 12X4=48 | 3X3=9 | 2X4=8 | 09 | 12 | 2x2=4 | 150 |

**<u>Table-V:</u> Three Year Degree Course with Three Core without Major**

| Semester | Core-I | Core-II | Core-III | Multi-disciplinary | AEC | SEC | VAC | Community Engagement & Services/ Field work /Internship | Total Minimum Credit |
|---|---|---|---|---|---|---|---|---|---|
| **I** | **1X4=4** | **1X4=4** | | **1X3=3** | **1X4=4** Odia | **1X2=2** Analytical Thinking and logical reasoning | **1x4=4** Environment alStudies and Disaster management | | **21** |
| **II** | **1X4=4** | | **1X4=4** | **1X3=3** | **1X4=4** English | **1X2=2** Introductio nto statistics and data analyses | **1x2=2** Understandin gIndia | **1x2=2** | **21** |
| | | | | | | | | | **42** |
| **III** | **2X4=8** | **1X4=4** | **1X4=4** | **1X3=3** | | **1X2=2** | | | **21** |
| **IV** | **2X4=8** | **1X4=4** | **1X4=4** | | | **1X3=3** | | **1x2=2** | **21** |
| | | | | | | | | | **42** |
| **V** | **1X4=4** | **2X4=8** | **2X4=8** | | | | **1x1=1** Understandin gOdisha | | **21** |
| **VI** | | **2X4=8** | **2X4=8** | | | | **1x2=2** Introduction to ICT **1x3=3** Ethics and Values | | **21** |
| | | | | | | | | | **42** |
| **Total** | **7X4=28** | **7X4=28** | **7X4=28** | **3X3=9** | **2X4=8** | **09** | **12** | **2x2=4** | **126** |

**Table-VI: Fourth Year Hons. Without Research**

| Semester | Core-I | Core-II | Core-III | Multi-disciplinary | AEC | SEC | VAC | Community Engagement & Services/ Field work /Internship | Total Minimum Credit |
|---|---|---|---|---|---|---|---|---|---|
| I | 1X4=4 | 1X4=4 | | 1X3=3 | 1X4=4 Odia | 1X2=2 Analytical Thinking and logical reasoning | 1x4=4 Environmental Studies and Disaster management | | 21 |
| II | 1X4=4 | | 1X4=4 | 1X3=3 | 1X4=4 English | 1X2=2 Introduction to statistics and data analyses | 1x2=2 Understanding India | 1x2=2 | 21 |
| | | | | | | | | | 42 |
| III | 3X4=12 | 1X4=4 | | 1X3=3 | | 1X2=2 | | | 21 |
| IV | 3X4=12 | | 1X4=4 | | | 1X3=3 | | 1x2=2 | 21 |
| | | | | | | | | | 42 |
| V | 4X4=16 | 1X4=4 | | | | | 1x1=1 Understanding Odisha | | 21 |
| VI | 3X4=12 | | 1X4=4 | | | | 1x2=2 Introduction to ICT **1x3=3** Ethics and Values | | 21 |
| | | | | | | | | | 42 |
| VII | 4x4=16 | 1x4=4 | | | | | | | 20 |
| VIII | 4x4=16 | 1x4=4 | | | | | | | 20 |
| | | | | | | | | | 40 |
| Total | 23X4=92 | 5X4=20 | 3X4=12 | 3X3=9 | 2X4=8 | 09 | 12 | 2x2=4 | 166 |

**Table-VII: Fourth Year Hons. With Research**

| Semester | Core-I | Core-II | Core-III | Multi-disciplinary | AEC | SEC | VAC | Community Engagement& Services/ Field work /Internship | Total MinimumCredit |
|---|---|---|---|---|---|---|---|---|---|
| I | 1X4=4 | 1X4=4 | | 1X3=3 | 1X4=4 Odia | 1X2=2 Analytical Thinking and logical reasoning | 1x4=4 Environment-al Studies and Disaster management | | 21 |
| II | 1X4=4 | | 1X4=4 | 1X3=3 | 1X4=4 English | 1X2=2 Introduction to statistics and data analyses | 1x2=2 UnderstandingIndia | 1x2=2 | 21 |
| | | | | | | | | | 42 |
| III | 3X4=12 | 1X4=4 | | 1X3=3 | | 1X2=2 | | | 21 |
| IV | 3X4=12 | | 1X4=4 | | | 1X3=3 | | 1x2=2 | 21 |
| | | | | | | | | | 42 |
| V | 4X4=16 | 1X4=4 | | | | | 1x1=1 UnderstandingOdisha | | 21 |
| VI | 3X4=12 | | 1X4=4 | | | | 1x2=2 Introduction to ICT 1x3=3 Ethics and Values | | 21 |
| | | | | | | | | | 42 |
| VII | 3x4=12 | 2x4=8 | | | | | | | 20 |
| VIII | 2x4=8 | | | | | | | Research 12 | 20 |
| | | | | | | | | | 40 |
| Total | 21X4=84 | 5X4=20 | 3X4=12 | 3X3=9 | 2X4=8 | 09 | 12 | 12 | 166 |

| Sl. No. | Core - I | Semester | Title of the Course | Credit |
|---|---|---|---|---|
| 1 | Paper - 01 | 1st | ଭାଷା ବିଜ୍ଞାନ | 04 Credit for each Paper( 1 Credit = 15 Classes) |
| 2 | Paper - 02 | 2nd | ସାହିତ୍ୟର ସ୍ୱରୂପ | |
| 3 | Paper - 03 | 3rd | ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ | |
| 4 | Paper - 04 | | ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଇତିହାସ | |
| 5 | Paper - 05 | | ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ନବଜାଗରଣ ଯୁଗ ଓ ସତ୍ୟବାଦୀ ଧାରା | |
| 6 | Paper - 06 | 4th | ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ସବୁଜ, ପ୍ରଗତିବାଦୀ ଧାରା ଓ ସ୍ୱାଧୀନତା ପରବର୍ତ୍ତୀ କାଳ | |
| 7 | Paper - 07 | | ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତା | |
| 8 | Paper - 08 | | ଆଧୁନିକ ଓଡ଼ିଆ କବିତା | |
| 9 | Paper - 09 | 5th | ଓଡ଼ିଆ ନାଟକ ଓ ଏକାଙ୍କିକା | |
| 10 | Paper - 10 | | ଓଡ଼ିଆ କଥାସାହିତ୍ୟ | |
| 11 | Paper - 11 | | ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ | |
| 12 | Paper - 12 | | ଓଡ଼ିଆ ଲୋକସାହିତ୍ୟ | |
| 13 | Paper - 13 | 6th | ଓଡ଼ିଆ ଭାଷା ଓ ଲିପିର ଐତିହାସିକ ବିବର୍ତ୍ତନ | |
| 14 | Paper - 14 | | ଓଡ଼ିଆ ଭାଷା : ଧ୍ୱନିତତ୍ତ୍ୱ, ଶବ୍ଦ ସମ୍ଭାର, ଅନ୍ୟ ଭାଷାର ପ୍ରଭାବ ଓ ଶାସ୍ତ୍ରୀୟତା | |
| 15 | Paper - 15 | | ଓଡ଼ିଆ ବ୍ୟାବହାରିକ ବ୍ୟାକରଣ | |
| 16 | Paper - 16 | 7th | ଓଡ଼ିଆ ଭାଷାର ବ୍ୟାବହାରିକ ପ୍ରୟୋଗ | |
| 17 | Paper - 17 | | ପ୍ରାଚ୍ୟ-ପାଶ୍ଚାତ୍ୟ କାବ୍ୟତତ୍ତ୍ୱ | |
| 18 | Paper - 18 | | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଅନୁଶୀଳନ (୧୯୪୭- ୨୦୦୦) | |
| 19 | Paper - 19 | | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥାସାହିତ୍ୟ ଅନୁଶୀଳନ (୧୯୪୭-୨୦୦୦) | |
| 20 | Paper - 20 | 8th | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟସାହିତ୍ୟ ଅନୁଶୀଳନ (୧୯୪୭-୨୦୦୦) | |
| 21 | Paper - 21 | | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଦ୍ୟସାହିତ୍ୟ ଓ ପତ୍ରପତ୍ରିକାର ଅନୁଶୀଳନ (୧୯୪୭-୨୦୦୦) | |

| | | | | |
|---|---|---|---|---|
| 22 | Paper - 22 | | ଓଡ଼ିଆ ଶିଶୁ ସାହିତ୍ୟ ଓ ବିଜ୍ଞାନ ଭିତ୍ତିକ ସାହିତ୍ୟ | |
| 23 | Paper - 23 | | ଓଡ଼ିଶାର ସାଂସ୍କୃତିକ ଇତିହାସ | |

| Sl. No. | Core - II | Semester | Title of the Course | Credit |
|---|---|---|---|---|
| 1 | Paper - 01 | 1st | ସାହିତ୍ୟର ସ୍ୱରୂପ | 4 |
| 2 | Paper - 02 | 3rd | ସାହିତ୍ୟ ଅଧ୍ୟୟନ | 4 |
| 3 | Paper - 03 | 5th | ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ ଓଡ଼ିଆ ସାହିତ୍ୟ | 4 |
| 4 | Paper - 04 | 7th | ଓଡ଼ିଆ କମ୍ପ୍ୟୁଟର ଶିକ୍ଷା | 4 |
| 5 | Paper - 05 | 8th | ସାହିତ୍ୟ ଅଧ୍ୟୟନ ଓ ବ୍ୟାକରଣ | 4 |

| Sl. No. | Core - III | Semester | Title of the Course | Credit |
|---|---|---|---|---|
| 1 | Paper - 01 | 2nd | ସାହିତ୍ୟର ସ୍ୱରୂପ | 4 |
| 2 | Paper - 02 | 4th | ସାହିତ୍ୟ ଅଧ୍ୟୟନ | 4 |
| 3 | Paper - 03 | 6th | ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ ଓଡ଼ିଆ ସାହିତ୍ୟ | 4 |

| Sl. No | Basket | Semester | Title of the Course | Credit |
|---|---|---|---|---|
| 1 | AEC<br>(Ability Enhancement Course) | 1st | ପରିଶୁଦ୍ଧ ଭାଷା ଓ ଲିଖନ ଧାରା | 4 |
| 2 | SEC<br>(Skill Enhancement Course) | 3rd | ଅନୁବାଦ ସାହିତ୍ୟ | 2 |
| | | 4th | ଗଣମାଧ୍ୟମ ଓ ଗଣଯୋଗାଯୋଗ | 3 |
| 3 | VAC<br>( Value Added Course) | 2nd | ଶ୍ରୀଜଗନ୍ନାଥ ସଂସ୍କୃତି | 2 |
| | | 5th | ଆଦିବାସୀ ସଂସ୍କୃତି | 1 |
| | | 6th | ଓଡ଼ିଶାର ସାଂସ୍କୃତିକ ପରିଚୟ | 3 |
| 4 | SVC<br>( Summer Vocational Course) | | କବିତା: ପଠନ ଓ ଲିଖନ କଳା | |
| | | | ଗଳ୍ପ: ପଠନ ଓ ଲିଖନ କଳା | |
| | | | ପ୍ରବନ୍ଧ: ପଠନ ଓ ଲିଖନ କଳା | |
| | | | କ୍ଷୁଦ୍ର ନାଟକ: ପଠନ ଓ ଲିଖନ କଳା | |
| 5 | Multi-disciplinary Basket | 1st | ତୁଳନାତ୍ମକ ସାହିତ୍ୟ | 3 |
| | | 2nd | ବିଜ୍ଞାନ ବିଷୟ ଓ ସାହିତ୍ୟ | 3 |
| | | 3rd | କଳା ବିଷୟ ଓ ସାହିତ୍ୟ | 3 |

# Programme Outcome (ପାଠ୍ୟଖସଡ଼ା ଫଳଶ୍ରୁତି)

ଭାରତର ଆଞ୍ଚଳିକ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷାର ସ୍ଥିତି ଓ ଐତିହ୍ୟ ସ୍ୱତନ୍ତ୍ର । ଏହା ଓଡ଼ିଶା ପ୍ରଦେଶର ମାତୃଭାଷା, ମାନକଭାଷା ଓ ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା ରୂପେ ଗୌରବାନ୍ୱିତ । ପ୍ରାକ୍- ସାରଳା ଯୁଗଠାରୁ ଆରମ୍ଭ କରି ଏଯାବତ୍ ଏହି ଭାଷାର ସାହିତ୍ୟିକ ବିକାଶ ଓ ବୈଭବ ମଧ୍ୟ ମର୍ଯ୍ୟାଦା ମଣ୍ଡିତ । ସୁତରାଂ ଓଡ଼ିଆ ଭାଷାକୁ ମାତୃଭାଷା ରୂପେ ବ୍ୟବହାର କରୁଥିବା ସ୍ନାତକ ଛାତ୍ରଛାତ୍ରୀ ତଥା ସମ୍ମାନ (Honours) ରୂପେ ନେଇ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀଙ୍କ ପାଇଁ ଏହି ପାଠ୍ୟଖସଡ଼ା ପ୍ରସ୍ତୁତ । ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସବୁ ସ୍ତରର ସ୍ନାତକ ଅଧ୍ୟାୟୀଙ୍କ ନିମିତ୍ତ ଏହା ଉପଯୋଗୀ ହେବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଛାତ୍ରଛାତ୍ରୀ କିପରି ଅନୁରାଗୀ ହେବେ ଓ ଭାଷା ସାହିତ୍ୟର ଅଭିବୃଦ୍ଧି ପାଇଁ ନିଜକୁ ସଂଶ୍ଳିଷ୍ଟ କରିବେ, ସେହି ଦିଗକୁ ଧ୍ୟାନ ଦିଆଯାଇ ଶଂସିତ ପାଠ୍ୟପତ୍ର ଗୁଡ଼ିକରେ ଓଡ଼ିଆ ଭାଷାର ଉନ୍ମେଷ, ବିକାଶ ଓ ବୈଶିଷ୍ଟ୍ୟ, ଓଡ଼ିଆ ବ୍ୟାକରଣ, ଓଡ଼ିଆ ସାହିତ୍ୟର ଐତିହାସିକ ବିବର୍ତ୍ତନ ଧାରା, ପ୍ରାଚ୍ୟ-ପାଶ୍ଚାତ୍ୟ କାବ୍ୟ ତତ୍ତ୍ୱ, ଲୋକ ସାହିତ୍ୟ, କାବ୍ୟ ସାହିତ୍ୟ, କଥା ସାହିତ୍ୟ, ନାଟ୍ୟ ସାହିତ୍ୟ, ଗଦ୍ୟ ସାହିତ୍ୟ ଓ ପତ୍ର ପତ୍ରିକା ପ୍ରଭୃତି ବିଷୟ ଏଥିରେ ଗର୍ଭିତ । ପୁନଶ୍ଚ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗର ପ୍ରତିନିଧିମୂଳକ ରଚନାକୁ ପାଠ୍ୟାନ୍ତର୍ଗତ କରାଯାଇଛି । ସାହିତ୍ୟର ବିବିଧ ଦିଗର ଅନୁଶୀଳନ ନିମିତ୍ତ ମଧ୍ୟ ପାଠ୍ୟପତ୍ରର ବ୍ୟବସ୍ଥା ରହିଛି । ତେଣୁ ଏହି ପାଠ୍ୟଖସଡ଼ା ନିମ୍ନମତେ ସ୍ନାତକ ଶିକ୍ଷାର୍ଥୀଙ୍କ ଭାଷା - ସାହିତ୍ୟ ଜ୍ଞାନର ଭୂୟୋବିକାଶରେ ଅବଶ୍ୟ ସହାୟକହେବ ।

- ଶୁଦ୍ଧ ଓଡ଼ିଆ ଲିଖନ, କଥନ ଓ ସର୍ଜନଶୀଳତାର ଅଭିବୃଦ୍ଧି
- ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ବିଷୟକ ଜ୍ଞାନ ଆହରଣ ଓ ବିକାଶ
- ମୂଲ୍ୟବୋଧ ଯୁକ୍ତ ସମାଜ ଗଠନ ଓ ମାତୃଭୂମି, ମାତୃଭାଷା ପ୍ରତି ସଂପ୍ରୀତି ସୃଷ୍ଟି
- ପରମ୍ପରାର୍ଜିତ ଭାଷା, ସଂସ୍କୃତିର ସଂରକ୍ଷଣ ଓ ପୁନରୁଜ୍ଜୀବନ
- ସନ୍ତୁଳିତ ପରିବେଶ ଓ ଜୈବ ସୁରକ୍ଷା
- ନିର୍ଭୁଲ ଓଡ଼ିଆ ଭାଷା ଶିକ୍ଷଣ, କମ୍ପ୍ୟୁଟରୀକରଣ ଓ ବ୍ୟାବହାରିକ ପ୍ରୟୋଗ ଜ୍ଞାନ ଅର୍ଜନ
- ପ୍ରାଶାସନିକ, ବୃତ୍ତିଗତ ଜୀବନରେ ସ୍ୱାଚ୍ଛନ୍ଦ୍ୟ ଓ ସ୍ୱାବଲମ୍ବନଶୀଳତାର ଅଭିବୃଦ୍ଧି
- ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ଦ୍ୱାରା ରାଷ୍ଟ୍ରୀୟତାବୋଧ ଓ ବିଶ୍ୱଦୃଷ୍ଟି ନିର୍ମାଣ
- ସୌନ୍ଦର୍ଯ୍ୟ ଚେତନାର ବିକାଶ, ଆଧୁନିକ ଜୀବନଦୃଷ୍ଟି ଓ ପ୍ରଗତିଶୀଳ ମନୋଭାବ ସୃଷ୍ଟି

***

# ଜାତୀୟ ଶିକ୍ଷାନୀତି -୨୦୨୦ ଅନୁଯାୟୀ
# ଆଦର୍ଶ ଓଡ଼ିଆ ସ୍ନାତକ ପାଠ୍ୟକ୍ରମ
# (ପ୍ରବେଶ ଓ ପ୍ରସ୍ଥାନର ବିବିଧ ବିକଳ୍ପ ସହିତ)

**Core Course-I (ପ୍ରଧାନ ପାଠ୍ୟାଂଶ-୧):-**

- ମୋଟ ପତ୍ର ସଂଖ୍ୟା:- ୨୩
- ପ୍ରତ୍ୟେକ ପତ୍ର- ୧୦୦ ମୂଲ୍ୟାଙ୍କ ବିଶିଷ୍ଟ ( ୨୦ ନମ୍ବର ମହାବିଦ୍ୟାଳୟ ସ୍ତରୀୟ ଅନ୍ତଃ ପର୍ଯ୍ୟାୟ ପରୀକ୍ଷା + ୬୦ ବିଶ୍ୱବିଦ୍ୟାଳୟ/ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ତରୀୟ ମାନକ ଅନ୍ତିମ ପରୀକ୍ଷା+ ୨୦ ନମ୍ବର କ୍ରମିକତା/ଅଧିବେଶନଗତ ମୂଲ୍ୟାୟନ) ।
- ସମ୍ମାନ: ଜଣେ ସ୍ନାତକ ସମ୍ମାନର (ଅନର୍ସ) ବିଦ୍ୟାର୍ଥୀ ମୋଟ ୨୩୦୦ ନମ୍ବରର ପରୀକ୍ଷା ଦେବେ । ( ଟେବୁଲ ସଂଖ୍ୟା- VI ଦ୍ରଷ୍ଟବ୍ୟ)
- ଜଣେ ବିଦ୍ୟାର୍ଥୀ ସାର୍ଟିଫିକେଟ୍ ପାଠ୍ୟକ୍ରମ ହାସଲ କରିବା ପାଇଁ ପ୍ରଧାନ ପାଠ୍ୟାଂଶ-୧ (Core Course-1) ର ୨ଟି ପତ୍ର (ପ୍ରଥମ ପର୍ଯ୍ୟାୟ + ଦ୍ୱିତୀୟ ପର୍ଯ୍ୟାୟ) ପଢିବାକୁ ହେବ । ( ଟେବୁଲ ସଂଖ୍ୟା- I ଦ୍ରଷ୍ଟବ୍ୟ)
- ଜଣେ ବିଦ୍ୟାର୍ଥୀ ଡିପ୍ଲୋମା ପାଠ୍ୟକ୍ରମ ହାସଲ କରିବା ପାଇଁ ପ୍ରଧାନ ପାଠ୍ୟାଂଶ-୧ (Core Course-1) ର ୮ଟି ପତ୍ର (ପ୍ରଥମ ପର୍ଯ୍ୟାୟ + ଦ୍ୱିତୀୟ ପର୍ଯ୍ୟାୟ+ ତୃତୀୟ ପର୍ଯ୍ୟାୟ + ଚତୁର୍ଥ ପର୍ଯ୍ୟାୟ) ପଢିବାକୁ ହେବ । ( ଟେବୁଲ ସଂଖ୍ୟା- II ଦ୍ରଷ୍ଟବ୍ୟ)
- ଅତି କମ୍‌ରେ (ମୋଟ୍) ରେ ୬୦ ଟି କାର୍ଯ୍ୟ ନିର୍ଘଣ୍ଟ( ପିରିୟଡ଼) ରେ ଗୋଟିଏ ପତ୍ରର ପାଠଦାନ ଶେଷ ହେବ ।
- ଗୋଟିଏ କାର୍ଯ୍ୟ ନିର୍ଘଣ୍ଟ ବା ପିରିୟଡ଼- ୬୦ ମିନିଟ୍ ବା ୧ ଘଣ୍ଟା ।
- ପ୍ରତ୍ୟେକ ପତ୍ର ୪ ଆସ୍ଥାଭିତ୍ତିକ କାର୍ଯ୍ୟ ନିର୍ଘଣ୍ଟ ପାଇବେ । ଗୋଟିଏ ଆସ୍ଥାଭିତିକ କାର୍ଯ୍ୟ ନିର୍ଘଣ୍ଟର ମହତ୍ତ୍ୱ ହେଉଛି – ୧୫ ପିରିୟଡ୍ ସହିତ ସମାନ ।
- ବିଦ୍ୟାର୍ଥୀ ମାନଙ୍କ ବିଶ୍ୱବିଦ୍ୟାଳୟ/ଶ୍ୱୟଂସାଶିତ ମହାବିଦ୍ୟାଳୟ ସ୍ତରୀୟ ମାନକ ଅନ୍ତିମ ପରୀକ୍ଷା ପାଇଁ ଦୀର୍ଘ ଓ ସଂକ୍ଷିପ୍ତ ପ୍ରଶ୍ନ ଉପସ୍ଥାପନା କରାଯିବ ।

୧. ପ୍ରତ୍ୟେକ ପ୍ରଧାନ ପାଠ୍ୟାଂଶର ପ୍ରତ୍ୟେକ ପତ୍ର – ୧୦୦ ନମ୍ବର ବିଶିଷ୍ଟ

୨. ମହାବିଦ୍ୟାଳୟ ସ୍ତରୀୟ ଅନ୍ତଃପରୀକ୍ଷା – ୨୦ ନମ୍ବର

୩. ବିଶ୍ୱବିଦ୍ୟାଳୟ ସ୍ତରୀୟ ମୁଖ୍ୟ ପରୀକ୍ଷା – ୬୦ ନମ୍ବର

୪. ଉପସ୍ଥାନ/ ନିରନ୍ତର ମୂଲ୍ୟାୟନ:-

(କ) ଉପସ୍ଥାନ – ୦୫ ନମ୍ବର

( ଖ) ଆକସ୍ମିକ ପରୀକ୍ଷା/ କୁଇଜ୍ – ୧୦ ନମ୍ବର

( ଗ) ଗୃହ କାର୍ଯ୍ୟ/ ପାଠଚକ୍ର ଉପସ୍ଥାପନା – ୦୫ ନମ୍ବର

ମୋଟ ନମ୍ବର=୨୦ ନମ୍ବର

ବିଶ୍ୱବିଦ୍ୟାଳୟ/ ମହାବିଦ୍ୟାଳୟ ସ୍ତରୀୟ ଅନ୍ତିମ ପରୀକ୍ଷା ନିମ୍ନମତେ ପ୍ରଶ୍ନ ହେବ :-

୧. ପ୍ରତ୍ୟେକ ପତ୍ରର ପ୍ରତି ଏକକରୁ ୨ ନମ୍ବର କରି ୧୦ଟି ପ୍ରଶ୍ନର ଉତ୍ତର ( ପ୍ରତ୍ୟେକର ଉତ୍ତର ୫୦ ଶବ୍ଦ ବିଶିଷ୍ଟ ହେବ) ଦେବାକୁ ହେବ । ( ୨ X ୧୦ =୨୦)

୨. ପ୍ରତ୍ୟେକ ପତ୍ରର ପ୍ରତି ଏକକରୁ ୪ ନମ୍ବର କରି ୮ ଟିରୁ ୫ ଟି ପ୍ରଶ୍ନର ଉତ୍ତର ( ପ୍ରତ୍ୟେକର ଉତ୍ତର୨୦୦ ଶବ୍ଦ ବିଶିଷ୍ଟ ହେବ) ଦେବାକୁ ହେବ । ( ୫ X ୪ =୨୦)

୩. ପ୍ରତ୍ୟେକ ପତ୍ରର ପ୍ରତି ଏକକରୁ ୫ ନମ୍ବର କରି ୬ ଟିରୁ ୪ ଟି ପ୍ରଶ୍ନର ଉତ୍ତର ( ପ୍ରତ୍ୟେକର ଉତ୍ତର୫୦୦ ଶବ୍ଦ ବିଶିଷ୍ଟ ହେବ) ଦେବାକୁ ହେବ । ( ୪ X ୫ =୨୦)

***

## ପ୍ରଥମ ପର୍ଯ୍ୟାୟ (Semester-I)
## ପ୍ରଧାନ ପାଠ୍ୟାଂଶ-୧ (Core Course-I)
## ପ୍ରଥମ ପତ୍ର (Paper-01)
# ଭାଷାବିଜ୍ଞାନ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଭାଷା ଭାବ ବିନିମୟର ମାଧ୍ୟମ । ଭାଷା ବ୍ୟବହାର କରି ସର୍ଜନଶୀଳ ସ୍ରଷ୍ଟା ସାହିତ୍ୟସୃଷ୍ଟି କରିଥାଏ । ତେଣୁ ସାହିତ୍ୟ ବିଷୟକ ପାଠ୍ୟଖସଡ଼ାର ଆଦ୍ୟରେ ଭାଷା ସମ୍ପର୍କରେ ସାଧାରଣ ଉପଲବ୍ଧି ଆଣିବା ନିମିତ୍ତ ଏହି ପତ୍ରଟି ଉପଯୋଗୀ ହେବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଭାଷା କଣ, ତାହାର ପରିଚୟ, ଭାଷାର ସ୍ୱରୂପ ଓ ବିବିଧ ପ୍ରକାରଭେଦ ସମ୍ପର୍କରେ ଏହି ଏକକ ଉପଲବ୍ଧି ଆଣିବ ।

**୨ୟ ଏକକ :** ଭାଷା କିପରି ଉତ୍ପତ୍ତି ହେଲା, ସେ ସମ୍ପର୍କରେ ପ୍ରଚଳିତ ବିବିଧ ସିଦ୍ଧାନ୍ତର ପରିଚୟ ଲାଭକରି ଛାତ୍ରଛାତ୍ରୀ ଭାଷା ସୃଷ୍ଟିର ଦିଗଦିଗନ୍ତକୁ ଜାଣିପାରିବେ ।

**୩ୟ ଏକକ :** ବିଶ୍ୱରେ ବହୁଭାଷା ପ୍ରଚଳିତ । ଭାଷାତତ୍ତ୍ୱ ଦୃଷ୍ଟିରୁ ସେହି ସମୁଦାୟ ଭାଷାକୁ ନେଇ ପୃଥିବୀର ଭାଷା ପରିବାର ଗଠିତ। ସେହି ଭାଷା ପରିବାର ସମ୍ପର୍କରେ ଛାତ୍ରଛାତ୍ରୀ ଜାଣିବା ନିତାନ୍ତ ଆବଶ୍ୟକ । ଏହି ଏକକଟି ସେହି ଉଦ୍ଦେଶ୍ୟ ପୂରଣ କରିବ ।

**୪ର୍ଥ ଏକକ :** ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଦେଶରେ ଯେଉଁ ମୁଖ୍ୟ ଭାଷା ପ୍ରଚଳିତ, ତାହା ସାଧାରଣତଃ ମାନକ ଭାଷା ରୂପେ ପରିଚିତ ହୁଏ। ମାତ୍ର ବିବିଧ ଅଞ୍ଚଳରେ ମାନକଭାଷା ବ୍ୟତିରେକ ଅନ୍ୟ କେତେକ ଆଞ୍ଚଳିକ ଭାଷାର ପ୍ରଚଳନ ପରିଲକ୍ଷିତ ହୋଇଥାଏ । ଏହି ଏକକରେ ମାନକଭାଷା ଓ ଉପଭାଷା ସମ୍ପର୍କରେ ଶିକ୍ଷାର୍ଥୀ ଜ୍ଞାନଲାଭ କରିପାରିବେ ।

# ପାଠ୍ୟ ବିଷୟ

**୧ମ ଏକକ :** ଭାଷାର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

**୨ୟ ଏକକ :** ଭାଷା ଉତ୍ପତ୍ତି ସମ୍ପର୍କୀୟ ବିଭିନ୍ନ ସିଦ୍ଧାନ୍ତ

**୩ୟ ଏକକ :** ପୃଥିବୀର ଭାଷା ପରିବାର

**୪ର୍ଥ ଏକକ :** ମାନକଭାଷା ଓ ଉପଭାଷା

**ସହାୟକ ଗ୍ରନ୍ଥସୂଚୀ (Book of references) :**

୧. ଭାଷା ବିଜ୍ଞାନର ରୂପରେଖ – ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଭାଷାଶାସ୍ତ୍ର ପରିଚୟ – ଗୋଲୋକ ବିହାରୀ ଧଳ, ଓ.ରାଜ୍ୟ ପା.ପୁ.ପ୍ର. ଓ ପ୍ର. ସଂସ୍ଥା, ଭୁବନେଶ୍ୱର ।

୩. ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ – ଉପେନ୍ଦ୍ର ପ୍ରସାଦ ଦଳାଇ, ଏ.କେ ମିଶ୍ର ପବ୍ଲିଶର୍ସ , କଟକ ।

୪. ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ – ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଭାଷା ଭାବନା - ସଂ. ବିଜୟଲକ୍ଷ୍ମୀ ମହାନ୍ତି, ବିଦ୍ୟା ପ୍ରକାଶନୀ, ଭୁବନେଶ୍ୱର ।

୬. ଓଡ଼ିଆ ଭାଷା ଓ ଭାଷା ବିଜ୍ଞାନ – ଦେବୀ ପ୍ରସନ୍ନ ପଟ୍ଟନାୟକ, ଗ୍ରନ୍ଥମନ୍ଦିର, କଟକ ।

୭. ଓଡ଼ିଆ ଭାଷାର ଉପଭାଷା-ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

୮. ମଣିଷର ଭାଷା- ଗୋଲୋକ ବିହାରୀ ଧଳ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଭାଷା ଚର୍ଚ୍ଚା ପରଂପରା-ଗଗନେନ୍ଦ୍ରନାଥ ଦାଶ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

**Sample Questions (ନମୁନା ପ୍ରଶ୍ନ):**

୧. ଭାଷାର ଏକ ସାର୍ଥକ ସଂଜ୍ଞା ପ୍ରଦାନକର । (୧ ମାର୍କ ପ୍ରଶ୍ନ)

୨. ଭାଷା ଉତ୍ପତ୍ତି ସମ୍ପର୍କୀୟ ଧ୍ୱନି ଅନୁରଣନ ସିଦ୍ଧାନ୍ତର ଟିପ୍ପଣୀ ଲେଖ । (୨ମାର୍କ ପ୍ରଶ୍ନ)

୩. ମାନକଭାଷା ଓ ଉପଭାଷା ମଧ୍ୟରେ ତାରତମ୍ୟ ଦର୍ଶାଅ । (୫ମାର୍କ ପ୍ରଶ୍ନ)

୪.ପୃଥିବୀର ଭାଷା ପରିବାର ସମ୍ପର୍କରେ ଆଲୋକପାତ କର । (୮ମାର୍କ ପ୍ରଶ୍ନ)

***

## ଦ୍ୱିତୀୟ ପର୍ଯ୍ୟାୟ (Semester - II)

## ପ୍ରଧାନ ପାଠ୍ୟାଂଶ-୧ (Core Course - I)

## ଦ୍ୱିତୀୟ ପତ୍ର (Paper - 02)

# ସାହିତ୍ୟର ସ୍ୱରୂପ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ସାହିତ୍ୟ ବିବିଧ ରୂପର ସମାହାର । କାବ୍ୟ କବିତା, ଗଳ୍ପ ଉପନ୍ୟାସ, ନାଟକ ,ଏକାଙ୍କିକା ଏବଂ ଗଦ୍ୟ ସାହିତ୍ୟର ଭିନ୍ନଭିନ୍ନ ରୂପ ସାହିତ୍ୟକୁ କରିଛି ପରିପୁଷ୍ଟ । ଛାତ୍ରଛାତ୍ରୀମାନେ ସାହିତ୍ୟର ସେହି ରୂପଗତ ବୈଚିତ୍ର୍ୟ ଓ ତାର ତାତ୍ତ୍ୱିକ ଦିଗ ଉପରେ ଅବଗତ ହେବା ଆବଶ୍ୟକ । ଏହି ପତ୍ରଟି ଶିକ୍ଷାର୍ଥୀମାନଙ୍କୁ ସେ ସମ୍ପର୍କରେ ଧାରଣା ପ୍ରଦାନ କରିବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** କାବ୍ୟ, ମହାକାବ୍ୟ ଓ କବିତାର ସଂଜ୍ଞା ସ୍ୱରୂପ ଓ ବିବିଧତା ସମ୍ପର୍କରେ ଛାତ୍ରଛାତ୍ରୀ ଏଥିରେ ଜ୍ଞାନ ଲାଭ କରିବେ ।

**୨ୟ ଏକକ :** କଥାସାହିତ୍ୟର ଜଗତ ମଧ ବର୍ଣ୍ଣିଳ, ବିଶେଷତଃ ଗଳ୍ପ ଓ ଉପନ୍ୟାସର ତାତ୍ତ୍ୱିକ ଦିଗ ସହ ତାହାର ବିଶେଷତ୍ୱ ଓ ପ୍ରକାରଭେଦ ଏହି ଏକକରୁ ଜାଣି ହେବ ।

**୩ୟ ଏକକ :** ନାଟକ ଓ ଏକାଙ୍କିକା ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଏକାଧାରରେ ପାଠକ ଓ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ । ତେଣୁ ଏ ଉଭୟର ସଂଜ୍ଞା, ସ୍ୱରୂପ, ରୂପଭେଦ ଉପରେ ଏହି ଏକକ ଅବଗତ କରାଇବ ।

**୪ର୍ଥ ଏକକ :** ଗଦ୍ୟ ରଚନାର ବିଭିନ୍ନତା ମଧ୍ୟରୁ ପ୍ରବନ୍ଧ, ରମ୍ୟ ରଚନା, ଭ୍ରମଣ କାହାଣୀ ତଥା ଜୀବନୀ ଓ ଆତ୍ମଜୀବନୀ ଆଧୁନିକ ସାହିତ୍ୟକୁ କରିଛି ସମୃଦ୍ଧ। ଏହି ରଚନାମାନଙ୍କର ତାତ୍ତ୍ୱିକ ଓ ଗୁଣାତ୍ମକ ବୈଶିଷ୍ଟ୍ୟ ଜାଣିବା ପାଇଁ ଏହି ଏକକ ଉଦ୍ଦିଷ୍ଟ ।

## ପାଠ୍ୟ ବିଷୟ

**୧ମ ଏକକ :** କାବ୍ୟକବିତା - କ) କାବ୍ୟ, ମହାକାବ୍ୟର ସଂଜ୍ଞା, ସରୂପ ଓ ପ୍ରକାର ଭେଦ

ଖ) ଗୀତି କବିତା, ଗାଥାକବିତା, ସନେଟ୍, ସମ୍ବୋଧନଗୀତିକାର ସଂଜ୍ଞା ଓ ସରୂପ

**୨ୟ ଏକକ :** ଗଳ୍ପ ଓ ଉପନ୍ୟାସ – (କ) ଗଳ୍ପର ସଂଜ୍ଞା, ସରୂପ ଓ ପ୍ରକାରଭେଦ

(ଖ) ଉପନ୍ୟାସର ସଂଜ୍ଞା, ସରୂପ, ଓ ପ୍ରକାରଭେଦ

**୩ୟ ଏକକ :** ନାଟକ ଓ ଏକାଂକିକା - (କ) ନାଟକର ସଂଜ୍ଞା, ସରୂପ ଓ ପ୍ରକାରଭେଦ

(ଖ) ଏକାଂକିକାର ସଂଜ୍ଞା, ସରୂପ ଓ ପ୍ରକାରଭେଦ

**୪ର୍ଥ ଏକକ :** ଗଦ୍ୟ ସାହିତ୍ୟ – (ପ୍ରବନ୍ଧ, ରମ୍ୟରଚନା, ଭ୍ରମଣ କାହାଣୀ, ଜୀବନୀ-ଆତ୍ମଜୀବନୀର ସଂଜ୍ଞା ଓ ସ୍ୱରୂପ)

**ସହାୟକ ଗ୍ରନ୍ଥସୂଚୀ (Book of references):**


୧. ସାହିତ୍ୟର ସନ୍ନିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ-୨୦୧୬

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ, ନାଳନ୍ଦା, ବିନୋଦବିହାରୀ, କଟକ - ୨୦୧୦

୩. ସାହିତ୍ୟର ରୂପରେଖ - ନୀଳାଦ୍ରି ଭୂଷଣ ହରିଚନ୍ଦନ, ବାଳକୃଷ୍ଣ ବେହେରା, ବିଦ୍ୟାପୁରୀ, ବାଲୁବଜାର, କଟକ-୨୦୧୭

୪. ସାହିତ୍ୟର ତାଳପତ୍ର - ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ୨୦୧୮

୫. ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ଓ ପାଶ୍ଚାତ୍ୟ - ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨୦୧୯

୬. ସାହିତ୍ୟର ଗଠନ ରୀତି - ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୭. ସାହିତ୍ୟ ତତ୍ତ୍ୱ - ଧନେଶ୍ୱର ମହାପାତ୍ର, ଗ୍ରନ୍ଥମନ୍ଦିର, କଟକ,

୮. ସାହିତ୍ୟର ସାମାନ୍ୟ କଥନ- କ୍ଷେତ୍ରବାସୀ ନାୟକ, ସାଥୀ ମହଲ, କଟକ

୯. ସମ୍ବାଦ-ଆମ ଓଡ଼ିଶା : ସାହିତ୍ୟକୋଷ- ସଂ.ଦାଶରଥି ଦାସ, ସୁଦର୍ଶନ ଆଚାର୍ଯ୍ୟ, ଦେବେନ୍ଦ୍ର କୁମାର ଦାଶ, ଗୌରାଙ୍ଗ ଚରଣ ଦାଶ, ଆମ ଓଡ଼ିଶା, ୪ ଆର୍ ୧/୨, ଇଉନିଟ୍-୩, ଭୁବନେଶ୍ୱର


**ନମୁନା ପ୍ରଶ୍ନ(Sample Questions):**

୧. ସନେଟ୍‌ରେ କେତେଗୋଟି ପାଦ ରହିଥାଏ ? (୧ମାର୍କ ପ୍ରଶ୍ନ)

୨.ଗଳ୍ପ ଓ ଉପନ୍ୟାସ ମଧ୍ୟରେ ଦୁଇଗୋଟି ପାର୍ଥକ୍ୟ ଲେଖ । (୨ମାର୍କ ପ୍ରଶ୍ନ)

୩. ଏକାଙ୍କିକା ନାଟକର ବାମନରୂପ ନୁହେଁ, କାହିଁକି? ଦର୍ଶାଅ। (୫ମାର୍କ ପ୍ରଶ୍ନ)

୪.ଭ୍ରମଣ କାହାଣୀର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ ପ୍ରଦର୍ଶନ କର । (୮ମାର୍କ ପ୍ରଶ୍ନ)

***

### ତୃତୀୟ ପର୍ଯ୍ୟାୟ (Semester-III)

### ପ୍ରଧାନ ପାଠ୍ୟାଂଶ-୧ (Core Course-I)

### ତୃତୀୟ ପତ୍ର (Paper-03)

## ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଓଡ଼ିଆ ସାହିତ୍ୟର ପ୍ରାଚୀନ ଐତିହ୍ୟ ଗୌରବାବହ । ବିଶେଷତଃ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଚର୍ଯ୍ୟାଗୀତିକାଠାରୁ ପଞ୍ଚସଖା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଓଡ଼ିଶାର ଧର୍ମଧାରା, ସାମାଜିକ ଓ ସାଂସ୍କୃତିକ ପ୍ରାଣପ୍ରବାହ ତଥା ଓଡ଼ିଆ ଜାତିର ଅସ୍ମିତା ପ୍ରସ୍ଫୁଟିତ । ଏହି

ପତ୍ରଟିର ଅଧ୍ୟୟନ ମାଧ୍ୟମରେ ଶିକ୍ଷାର୍ଥୀମାନେ ପ୍ରାକ୍-ସାରଳା, ସାରଳା ଓ ପଞ୍ଚସଖା ସାହିତ୍ୟର ଐତିହାସିକ ବିକାଶ ଓ ବିଶେଷତ୍ୱକୁ ଉପଲବ୍ଧି କରିପାରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ପ୍ରାକ୍-ସାରଳା ଯୁଗର ସାହିତ୍ୟ ମୁଖ୍ୟତଃ ଧର୍ମକୈନ୍ଦ୍ରିକ, ତନ୍ମଧ୍ୟରୁ ବୌଦ୍ଧଧର୍ମ ଓ ନାଥଧର୍ମ ସମ୍ପର୍କରେ ରଚିତ ସାହିତ୍ୟ ଉପରେ ଏହି ଏକକ ଧାରଣା ପ୍ରଦାନ କରିବ । ପ୍ରସଙ୍ଗକ୍ରମେ ଛାତ୍ରଛାତ୍ରୀ ତତ୍‌କାଳୀନ ସାମାଜିକ ଓ ସାହିତ୍ୟିକ ପରିଚୟ ସମ୍ପର୍କରେ ମଧ୍ୟ  ଅବଗତ ହୋଇପାରିବେ ।

**୨ୟ ଏକକ :** ମହାକବି ସାରଳା ଦାସଙ୍କ ସାହିତ୍ୟ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନର ବୈଶିଷ୍ଟ୍ୟ ବହନ କରେ । ଶଂସିତ ଏକକରେ ତାହା ଉପଲବ୍ଧ ହେବ ।

**୩ୟ ଏକକ :** ପଞ୍ଚସଖା ସାହିତ୍ୟିକଙ୍କ ମଧ୍ୟରୁ ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କ ଭୂମିକା ଅଗ୍ରଗଣ୍ୟ । ଏହି ଦୁଇ ସାହିତ୍ୟ ସାଧକଙ୍କ ସମ୍ପର୍କରେ ଏହି ଏକକର ଅଧ୍ୟୟନ ଉପାଦେୟ ହେବ ।

**୪ର୍ଥ ଏକକ :** ଅଚ୍ୟୁତାନନ୍ଦ, ଯଶୋବନ୍ତ ଓ ଶିଶୁ ଅନନ୍ତଙ୍କ ସାରସ୍ୱତ ସୃଷ୍ଟିର ମହତ୍ତ୍ୱ ଏହି ଏକକରୁ ମିଳି ପାରିବ।

# ପାଠ୍ୟ ବିଷୟ

**୧ମ ଏକକ :** ପ୍ରାକ୍‌ସାରଳା ସାହିତ୍ୟ : ଚଯ୍ୟାଗୀତିକା ଓ ନାଥ ସାହିତ୍ୟ
(ସାମାଜିକ, ସାହିତ୍ୟିକ, ଧାର୍ମିକ ମୂଲ୍ୟାୟନ)

**୨ୟ ଏକକ :** ସାରଳା ସାହିତ୍ୟ
(ସାମାଜିକ, ଐତିହାସିକ, ସାଂସ୍କୃତିକ ଓ ସାହିତ୍ୟିକ ମୂଲ୍ୟ)

**୩ୟ ଏକକ :** ପଂଚସଖା ସାହିତ୍ୟ : ବଳରାମ ଦାସ ଓ ଜଗନ୍ନାଥ ଦାସ (ବିଶେଷ ଅଧ୍ୟୟନ)

**୪ର୍ଥ ଏକକ :** ପଂଚସଖା ସାହିତ୍ୟ : ଅନନ୍ତ ଦାସ, ଯଶୋବନ୍ତ ଦାସ ଓ ଅଚ୍ୟୁତାନନ୍ଦ ଦାସ (ବିଶେଷ ଅଧ୍ୟୟନ)

**ସହାୟକ ଗ୍ରନ୍ଥ ସୂଚୀ (Book of references ):**


୧. ଚର୍ଯ୍ୟାଗୀତିକା- ଖଗେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଓଡ଼ିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ – ବଂଶୀଧର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ . କଟକ ।

୩. ଓଡ଼ିଆ ସାହିତ୍ୟର ଇତିହାସ- ସୂର୍ଯ୍ୟ ନାରାୟଣ ଦାଶ (୧ମ, ୨ୟ ଭାଗ) ଗ୍ରନ୍ଥ ମନ୍ଦିର, କଟକ ।

୪.ଓଡ଼ିଆ ସାହିତ୍ୟର ଆଦିପର୍ବ – ସୁରେନ୍ଦ୍ର ମହାନ୍ତି, କଟକ ଷ୍ଟୁଡେଣ୍ଟ୍ ଷ୍ଟୋର, କଟକ ।

୫. ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ – ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ଗ୍ରନ୍ଥ ମନ୍ଦିର, କଟକ ।

୬ .ଓଡ଼ିଆ ସାହିତ୍ୟର ମଧ୍ୟପର୍ବ ଓ ଉତ୍ତର ମଧ୍ୟପର୍ବ– ସୁରେନ୍ଦ୍ର ମହାନ୍ତି, କଟକ ଷ୍ଟୁଡେଣ୍ଟ୍ ଷ୍ଟୋର, କଟକ ।

୭.ପଂଚସଖା ଓଡ଼ିଆ ସାହିତ୍ୟ- ଦେବେନ୍ଦ୍ର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ . କଟକ ।

୮.ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ଉତ୍ତରଣ, ତୃତୀୟ ଭାଗ-ଦେବେନ୍ଦ୍ର ମହାନ୍ତି,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ – କରୁଣାକର କର, ଓଡ଼ିଶା ସାହିତ୍ୟ ଏକଡ଼େମୀ, ଭୁବନେଶ୍ୱର ।

୧୦.ସାରଳା ମହାଭାରତର ଭୂମିପର୍ବ- ଉଦୟନାଥ ସାହୁ, ଚିନ୍ମୟ ପ୍ରକାଶନ, କଟକ ।

**ନମୁନା ପ୍ରଶ୍ନ (Sample Questions)** :

୧. ଚର୍ଯାଗୀତିକାରେ କେଉଁ ଓଡ଼ିଆ କବିଙ୍କର ସର୍ବାଧିକ ଗୀତିକା ରହିଛି ? (୧ମାର୍କ ପ୍ରଶ୍ନ)

୨. ଲୁଇପାଙ୍କର ଦୁଇଗୋଟି ଗୀତିକାର ନାମ ଲେଖ । (୨ମାର୍କ ପ୍ରଶ୍ନ)

୩. ନାଥସାହିତ୍ୟକୁ ଗୋରେଖନାଥଙ୍କ ଅବଦାନ ଉଲ୍ଲେଖ କର । (୫ମାର୍କ ପ୍ରଶ୍ନ)

୪. ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ'ର ସାମାଜିକ ମୂଲ୍ୟ ନିର୍ଦ୍ଧାରଣ କର । (୮ ମାର୍କ ପ୍ରଶ୍ନ)

***

## ତୃତୀୟ ପର୍ଯ୍ୟାୟ (Semester-III)
## ପ୍ରଧାନ ପାଠ୍ୟାଂଶ-୧ (Core Course-I)
## ଚତୁର୍ଥ ପତ୍ର (Paper-04)

# ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଇତିହାସ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ବେଶ୍ ବିଭବଶାଳୀ । ଏହାର ପୃଷ୍ଠଭୂମି ସମକାଳୀନ ସାହିତ୍ୟର ଆଳଙ୍କାରିକ ବୈଚିତ୍ର୍ୟ, ରସଚେତନା, ଛନ୍ଦବିଭବ, ସୌନ୍ଦର୍ଯ୍ୟ ଚେତନା ଆଦି ବିଶେଷ ପ୍ରଣିଧାନ ଯୋଗ୍ୟ । ପ୍ରସ୍ତୁତ ପତ୍ରର ପାଠ୍ୟଖସଡ଼ାରୁ ଶିକ୍ଷାର୍ଥୀମାନେ ମଧ୍ୟକାଳୀନ ଓଡ଼ିଆ ସାହିତ୍ୟର ରୂପଗତ ଓ ଗୁଣଗତ ବିଶେଷତ୍ୱ ଜାଣିପାରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଧର୍ମଧାରା, ରାଜନୀତି, ସାମାଜିକତା ତଥା ସାଂସ୍କୃତିକ ପୃଷ୍ଠଭୂମି ଉପରେ ଏହି ଏକକଟି ପର୍ଯ୍ୟବସିତ ହୋଇଥିବାରୁ ଏହି ସମୟର ସାହିତ୍ୟର ସୃଷ୍ଟି ପୃଷ୍ଠପଟ୍ଟରେ ରହିଥିବା ଦିଗଗୁଡ଼ିକ ବିଷୟରେ ଛାତ୍ରଛାତ୍ରୀ ଅବଗତ ହେବେ ।

**୨ୟ ଏକକ :** ଆଙ୍ଗିକ ଦୃଷ୍ଟିରୁ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ସାହିତ୍ୟ କିପରି ବହୁ ବିବିଧତାପୂର୍ଣ୍ଣ ତାହାର ଧାରଣା ଏଠାରେ ମିଳିପାରିବ।

**୩ୟ ଏକକ :** ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଭାବାଦର୍ଶ, ରସଚେତନା ଓ ସୌନ୍ଦର୍ଯ୍ୟବୋଧ ସାହିତ୍ୟର ଆତ୍ମିକ ଦିଗକୁ କିପରି ବିମଣ୍ଡିତ କରିଛି, ତାହା ଏହି ଏକକରୁ ଉପଲବ୍ଧ ହେବ ।

**୪ର୍ଥ ଏକକ :** ମଧ୍ୟଯୁଗୀୟ ସାହିତ୍ୟର ଗୋଟିଏ ଜନପ୍ରିୟ ବିଭାଗ ହେଉଛି ଗୀତିକବିତା । କ୍ଷୁଦ୍ରକ୍ଷୁଦ୍ର ଗୀତିରଚନା ମାଧ୍ୟମରେ ତଥା ଚମ୍ପୂ, ଚଉପଦୀ, ଭଜନ, ଜଣାଣ ଓ ମୁଷ୍ଟିମେୟ ଗଦ୍ୟ ରଚନା ଦ୍ୱାରା ଏ ଯୁଗର ସାହିତ୍ୟ କିପରି ପରିପୁଷ୍ଟ , ତାହାର ଧାରଣାଦେବ ଏହି ଏକକ ।

## ପାଠ୍ୟ ବିଷୟ

**୧ମ ଏକକ :** ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ( ସାମାଜିକ, ସାଂସ୍କୃତିକ, ରାଜନୀତିକ ଓ ଧର୍ମୀୟ)

**୨ୟଏକକ :** ମଧ୍ୟଯୁଗୀୟ କାବ୍ୟର ଆଂଗିକ ବୈଚିତ୍ର୍ୟ (ବିଷୟବିନ୍ୟାସ, ଭାଷା ,ଛନ୍ଦ, ଆଳଂକାରିକତା ଓ ବର୍ଣ୍ଣନା ବୈଚିତ୍ର୍ୟ )

**୩ୟ ଏକକ :** ମଧ୍ୟଯୁଗୀୟ କାବ୍ୟର ଆତ୍ମିକ ବିଭବ (ରସ, ସୌନ୍ଦର୍ଯ୍ୟ ଚେତନା ଓ ଭାବାଦର୍ଶ)

**୪ର୍ଥ ଏକକ :** ମଧ୍ୟଯୁଗୀୟ ଓଡ଼ିଆ ଗୀତିକାବ୍ୟ ଓ ଗଦ୍ୟଧାରା -

(କ) ଚମ୍ପୂ, ଚଉପଦୀ, କୋଇଲି, ଚଉତିଶା, ଭଜନ, ଜଣାଣ

(ଖ) ମଧ୍ୟଯୁଗୀୟ ଓଡ଼ିଆ ଗଦ୍ୟର ପରିଚୟ

**ସହାୟକ ଗ୍ରନ୍ଥସୂଚୀ (Book of references ) :**


୧ – ଓଡ଼ିଆ ସାହିତ୍ୟର ଇତିହାସ (୪ର୍ଥ ଭାଗ) – ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ, ଗ୍ରନ୍ଥମନ୍ଦିର, କଟକ ।

୨ – ଭଞ୍ଜୀୟ କାବ୍ୟଭାବନା – ବେଣୀମାଧବ ପାଢ଼ୀ, ଗ୍ରନ୍ଥମନ୍ଦିର, କଟକ ।

୩ – ମଧ୍ୟକାଳୀନ ଓଡ଼ିଆ ସାହିତ୍ୟ – କୃଷ୍ଣଚରଣ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ . କଟକ ।

୪ - ଓଡ଼ିଆ ଗୀତିକାବ୍ୟ – ଜାନକୀ ବଲ୍ଲଭ ମହାନ୍ତି, ଗ୍ରନ୍ଥମନ୍ଦିର, କଟକ ।

୫ – ଓଡ଼ିଆ କାବ୍ୟକୌଶଳ – ସୁଦର୍ଶନ ଆଚାର୍ଯ୍ୟ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୬- ଗୋପାଳକୃଷ୍ଣ ପଦାବଳୀ ଓ ପରିକ୍ରମା - କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୭ – ରୀତି କାବ୍ୟର ଭିତ୍ତି ଓ ଭୂତି – ସୁରେନ୍ଦ୍ର କୁମାର ନାୟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୮ – ପ୍ରାଚୀନ ମଧ୍ୟଯୁଗ ସାହିତ୍ୟ : ନୂତନ ପ୍ରେକ୍ଷାପଟ –ନୀଳାଦ୍ରିଭୂଷଣ ହରିଚନ୍ଦନ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ,କଟକ ।

୯- ଓଡ଼ିଆ କବିତାର ଛନ୍ଦ- ଗୌରୀକୁମାର ବ୍ରହ୍ମା, କଟକ ଷ୍ଟୁଡେଣ୍ଟ୍ସ୍ ଷ୍ଟୋର, କଟକ ।

୧୦- ଓଡ଼ିଆ ଛନ୍ଦର ବିକାଶଧାରା- ଜାନକୀ ବଲ୍ଲଭ ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

୧୧- ରୀତି କାବ୍ୟ ସଂପର୍କରେ- ଗଙ୍ଗାଧର ବଳ, ଓଡ଼ିଶା ବୁକ୍ ଷ୍ଟୋର, କଟକ ।


**ନମୁନା ପ୍ରଶ୍ନ (Sample Questions):**

୧. ମନବୋଧ ଚଉତିଶାର ରଚୟିତା କିଏ ? (୧ ମାର୍କ)

୨. ଚମ୍ପୂ କାବ୍ୟର ଦୁଇଟି ଲକ୍ଷଣ ଲେଖ । (୨ମାର୍କ)

୩. ମଧ୍ୟ ଯୁଗୀୟ ଓଡ଼ିଆ ସାହିତ୍ୟରେ ରଚିତ ଗଦ୍ୟ ରଚନାର ପରିଚୟ ଦିଅ । (୫ ମାର୍କ)

୪. ରୀତି ଯୁଗର ସାହିତ୍ୟ ଶୃଙ୍ଗାର ରସ ପ୍ରଧାନ- ଏହାର ଯଥାର୍ଥତା ବିଚାର କର । (୮ ମାର୍କ)

***

## ତୃତୀୟ ପର୍ଯ୍ୟାୟ (Semester-III)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ପଞ୍ଚମ ପତ୍ର (Paper-05)

# ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ନବଜାଗରଣ ଯୁଗ ଓ ସତ୍ୟବାଦୀ ଧାରା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):** ଆଧୁନିକ ଯୁଗରେ ଓଡ଼ିଆ ସାହିତ୍ୟରେ ଆସିଛି ବ୍ୟାପକ ପରିବର୍ତ୍ତନ। ବିଭିନ୍ନ ପତ୍ରପତ୍ରିକା ପ୍ରକାଶନ ସହିତ କାବ୍ୟ ସାହିତ୍ୟ ଓ ଗଦ୍ୟ ସାହିତ୍ୟର ଘଟିଛି ଅଭିନବ ଉନ୍ମେଷ । ଶଂସିତ ପାଠ୍ୟପତ୍ରରେ ଆଧୁନିକ ଯୁଗର ନବଜାଗରଣ ଓ ସତ୍ୟବାଦୀ ପର୍ଯ୍ୟାୟ ସମ୍ପର୍କରେ ଅବଗତ ହେବାର ସୁଯୋଗ ରହିଛି ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ସାହିତ୍ୟରେ ନବ ଜାଗରଣର ପୃଷ୍ଠଭୂମିରେ ଇଂରାଜୀ ଶିକ୍ଷା, ପାଠ୍ୟପୁସ୍ତକ, ମୁଦ୍ରଣଯନ୍ତ୍ର, ପତ୍ରପତ୍ରିକା ତଥା ଭାଷା ଆନ୍ଦୋଳନ କିପରି ମୁଣ୍ଡ ଟେକିଥିଲା, ତାହାର ସୂଚନା ଉପଲବ୍ଧ ହେବ ଏହି ଏକକରେ।

**୨ୟ ଏକକ :** ନବଜାଗରଣର ରୂପରେଖ ସହିତ ସତ୍ୟବାଦୀ ସାହିତ୍ୟ ଧାରାର ଆଭାସ ଏହି ଏକକଟିରେ ଛାତ୍ରଛାତ୍ରୀ ପାଇପାରିବେ।

**୩ୟ ଏକକ:** ନବଜାଗରଣ ସମୟର ବିଶିଷ୍ଟ କବି ଓ କଥାକାର ରାଧାନାଥ, ଫକୀରମୋହନ, ଗଙ୍ଗାଧର, ଗୋପବନ୍ଧୁ ଓ ଗୋଦାବରୀଶଙ୍କ ସମ୍ପର୍କରେ ଏହି ଏକକରେ ଚର୍ଚ୍ଚା କରାଯିବ। ଫଳରେ ଶିକ୍ଷାର୍ଥୀମାନେ ଏହି ସମୟର ବିଶିଷ୍ଟ ସାହିତ୍ୟସ୍ରଷ୍ଟାଙ୍କ କୃତିତ୍ୱ ଜାଣିପାରିବେ।

**୪ର୍ଥ ଏକକ :** ସମକାଳୀନ ପ୍ରାବନ୍ଧିକ ଓ ନାଟ୍ୟକାର ଭାବେ ଖ୍ୟାତିସିଦ୍ଧ ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, କାମପାଳ ମିଶ୍ର, ମଧୁସୂଦନ ରାଓ, ବିଶ୍ୱନାଥ କର ଓ ନୀଳକଣ୍ଠ ଦାସଙ୍କ ସମ୍ପର୍କରେ ଏହି ଏକକ ଧାରଣା ପ୍ରଦାନ କରିବ ।

# ପାଠ୍ୟ ବିଷୟ

**୧ମ ଏକକ :** ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମି ଓ ନବଜାଗରଣ

(ଇଂରାଜୀଶିକ୍ଷା ବିସ୍ତାର, ପାଠ୍ୟପୁସ୍ତକ ଓ ପତ୍ରପତ୍ରିକା ପ୍ରକାଶନ, ମୁଦ୍ରଣଯନ୍ତ୍ର ପ୍ରତିଷ୍ଠା ଓ ଭାଷାସୁରକ୍ଷା ଆନ୍ଦୋଳନ)

**୨ୟ ଏକକ :** ନବଜାଗରଣ ଓ ସତ୍ୟବାଦୀ ସାହିତ୍ୟ ଧାରାର ବୈଶିଷ୍ଟ୍ୟ

**୩ୟ ଏକକ :** ସମକାଳୀନ ପ୍ରମୁଖ କବି ଓ କଥାକାର

(ରାଧାନାଥ ରାୟ, ଫକୀରମୋହନ, ଗଂଗାଧର ମେହେର, ଗୋପବନ୍ଧୁ ଓ ଗୋଦାବରୀଶ )

**୪ର୍ଥ ଏକକ :** ସମକାଳୀନ ପ୍ରମୁଖ ପ୍ରାବନ୍ଧିକ ଓ ନାଟ୍ୟକାର

(ଜଗନ୍ମୋହନ ଲାଲ, ରାମଶଙ୍କର ରାୟ, କାମପାଳ ମିଶ୍ର, ମଧୁସୂଦନ ରାଓ, ବିଶ୍ୱନାଥ କର, ନୀଳକଂଠ ଦାସ)

**ସହାୟକ ଗ୍ରନ୍ଥସୂଚୀ (Book of reference) :**

(୧) ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩ ରୁ ୧୯୨୦)- ନଟବର ସାମନ୍ତରାୟ, , ଭୁବନେଶ୍ୱର
(୨) ଊନବିଂଶ ଶତାବ୍ଦୀର ଓଡ଼ିଆ ପତ୍ରପତ୍ରିକା - ଅରବିନ୍ଦ ଦାସ, ତିହିଡ଼ି, ଭଦ୍ରକ
(୩) କାବ୍ୟଶିଳ୍ପୀ ଗଂଗାଧର – ଗୋବିନ୍ଦ ଚନ୍ଦ୍ର ଉଦଗାତା ,
(୪) ଗଂଗାଧର ସାହିତ୍ୟ ଜିଜ୍ଞାସା –ବଭ୍ରୁବାହନ ମହାପାତ୍ର – ବିଜୟିନୀ ପବ୍ଲି କେଶନସ୍ ,କଟକ
(୫) ଯୁଗଜ୍ୟୋତି ରାଧାନାଥ – ଦେବେନ୍ଦ୍ର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ
(୬) କାବ୍ୟ ଓ କଳାକାର – ଚିନ୍ତାମଣି ବେହେରା, ଜଗନ୍ନାଥ ରଥ, କଟକ
(୭) ନବ ଯୁଗର କବି ଓ କାବ୍ୟଧାରା – ଜାନକୀବଲ୍ଲଭ ମହାନ୍ତି, ଗ୍ରନ୍ଥମନ୍ଦିର, କଟକ
(୮) ଆଧୁନିକ ଓଡ଼ିଆ କାବ୍ୟଧାରା(ଆଦିଯୁଗ)-ନରେନ୍ଦ୍ର ନାଥ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
(୯) ଓଡ଼ିଆ ସାହିତ୍ୟରେ ରାଧାନାଥ ଓ ସତ୍ୟବାଦୀ ଯୁଗ- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ ,କଟକ
(୧୦) ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗ – ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ , ଫ୍ରେଣ୍ଡସ୍ ପବ୍ଲିଶର୍ସ ,କଟକ

**ନମୁନା ପ୍ରଶ୍ନ (Sample Questions):**

୧.ଗୌରୀଶଙ୍କର ରାୟଙ୍କ ' ଉତ୍କଳ ଦୀପିକା ' ପ୍ରଥମେ କେଉଁ ମସିହାରୁ ଆତ୍ମପ୍ରକାଶ କରିଥିଲା ? (୧ ମାର୍କ)

୨.ଗୋପବନ୍ଧୁଙ୍କ ରଚିତ ଦୁଇଗୋଟି କବିତା ଗ୍ରନ୍ଥର ନାମ ଲେଖ । (୨ ମାର୍କ)

୩. ପ୍ରାବନ୍ଧିକ ମଧୁସୂଦନଙ୍କ ପ୍ରବନ୍ଧକଳାର ବିଶେଷତ୍ୱ ଦର୍ଶାଅ । (୫ ମାର୍କ)

୪. ଫକୀରମୋହନଙ୍କ କଥାସାହିତ୍ୟରୁ ସମକାଳୀନ ସମାଜର ଚିତ୍ର ପ୍ରଦର୍ଶନ କର । (୮ ମାର୍କ)

***

## ଚତୁର୍ଥ ପର୍ଯ୍ୟାୟ (Semester-IV)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ଷଷ୍ଠ ପତ୍ର (Paper-06)

# ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ : ସବୁଜ, ପ୍ରଗତିବାଦୀ ଧାରା ଓ ସ୍ୱାଧୀନତା ପରବର୍ତ୍ତୀକାଳ(୨୦୦୦ ପର୍ଯ୍ୟନ୍ତ)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଆଧୁନିକ ଯୁଗର ସବୁଜ ଧାରାଠାରୁ ସ୍ୱାଧୀନତା ପରବର୍ତ୍ତୀକାଳ(୨୦୦୦ ପର୍ଯ୍ୟନ୍ତ) ଓଡ଼ିଆ ସାହିତ୍ୟ ରୂପରେଖ ଉପରେ ଏହି ପତ୍ରଟି ଧାରଣା ଦେବ। ବିଶେଷତଃ ସବୁଜ କାବ୍ୟଧାରା, ପ୍ରଗତିବାଦୀ ସାହିତ୍ୟ ଓ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ବିବିଧ ରଚନା ସମ୍ପର୍କରେ ପରିଚୟାତ୍ମକ ଜ୍ଞାନ ଛାତ୍ରଛାତ୍ରୀ ଲାଭକରିବେ ।

Unit wise Learning Outcome (**ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି**) :

**୧ମ ଏକକ :** ସତ୍ୟବାଦୀ ଯୁଗ ପରେ ବିଶ୍ୱକବି ରବୀନ୍ଦ୍ରନାଥ ଓ ଇଂରାଜୀ ରୋମାଣ୍ଟିକ କବିମାନଙ୍କ ଅନୁପ୍ରେରଣାରେ ଓଡ଼ିଆ ସାହିତ୍ୟରେ କିପରି ସବୁଜ କାବ୍ୟଧାରାର ସୂତ୍ରପାତ ଘଟିଥିଲା ଏବଂ ଏକାଳର ତରୁଣ କବି ଲେଖକମାନେ ସାହିତ୍ୟକୁ କିପରି ଶ୍ୟାମଳିମାମୟ କରିଥିଲେ, ତାହା ଶିକ୍ଷାର୍ଥୀମାନେ ଏହି ଏକକରେ ଉପଲବ୍ଧି କରିବେ ।

**୨ୟ ଏକକ :** ସବୁଜଗୋଷ୍ଠୀଙ୍କ ପରେ ମାର୍କ୍ସବାଦର ପ୍ରଭାବରେ ଓଡ଼ିଶାରେ ନିପୀଡ଼ିତ ସର୍ବହରା ମଣିଷର ଜୀବନ କଥାକୁ ନେଇ ପ୍ରଗତିବାଦୀ କାବ୍ୟଧାରା କିପରି ପ୍ରସାରଲାଭ କରିଥିଲା, ତାହା ଶିକ୍ଷାର୍ଥୀମାନଙ୍କୁ ଉପଲବ୍ଧ କରାଇବ ଏହି ଏକକର ପାଠ୍ୟକ୍ରମ ।

**୩ୟ ଏକକ :** ସ୍ୱାଧୀନତା ପ୍ରାପ୍ତି ପରେ ଓଡ଼ିଆ କବିତା ଓ ନାଟକ କ୍ଷେତ୍ରରେ କିପରି ପରିବର୍ତ୍ତନ ଆସିଥିଲା, ସେ ସମ୍ପର୍କୀୟ ତଥ୍ୟମୂଳକ ଜ୍ଞାନ ଏହି ଏକକରେ ହାସଲକରିବେ ଛାତ୍ରଛାତ୍ରୀ ।

**୪ର୍ଥ ଏକକ :** ଏହି ଏକକରେ ସ୍ୱାଧୀନତା ପରକାଳର କଥାସାହିତ୍ୟ ଓ ଗଦ୍ୟସାହିତ୍ୟ ଉପରେ ଛାତ୍ରଛାତ୍ରୀ ଅବଗତ ହେବେ ।

# ପାଠ୍ୟ ବିଷୟ

**୧ମ ଏକକ :** ଓଡ଼ିଆ ସାହିତ୍ୟରେ ସବୁଜ କାବ୍ୟଧାରା

**୨ୟ ଏକକ :** ପ୍ରଗତିବାଦୀ କାବ୍ୟଧାରା

**୩ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ( କବିତା ଓ ନାଟକ)

**୪ର୍ଥ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ( କଥାସାହିତ୍ୟ ଓ ଗଦ୍ୟସାହିତ୍ୟ )

**ସହାୟକ ଗ୍ରନ୍ଥସୂଚୀ (Book of reference) :**


(୧) ଓଡ଼ିଆ ସାହିତ୍ୟରେ ସବୁଜଧାରା (ସଂ) – ରାଘବାନନ୍ଦ ନାୟକ ।

(୨) ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା - ବିଜୟ କୁମାର ଶତପଥୀ, ଓଡ଼ିଶା ବୁକ୍ସ ଷ୍ଟୋର, କଟକ ।

(୩) ସବୁଜରୁ ସାମ୍ପ୍ରତିକ – ନିତ୍ୟାନନ୍ଦ ଶତପଥୀ , ଗ୍ରନ୍ଥମନ୍ଦିର, କଟକ ।

(୪) ଆଧୁନିକ ଓଡ଼ିଆ କବିତାର ଭାବଭୂମି - ବଭ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲିକେଶନସ୍ କଟକ ।

(୫) ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ - କ୍ଷେତ୍ରବାସୀ ନାୟକ, ଅକ୍ଷର, କଟକ ।

(୬) ସବୁଜ କବିତାର ରୂପବିଭବ - ପ୍ରମୋଦ କୁମାର ପାଢୀ, ଶ୍ୟାମା ପ୍ରକାଶନୀ, ପଦ୍ମପୁର, ବରଗଡ଼ ।

(୭) ଆଧୁନିକ ଓଡ଼ିଆ ସାହିତ୍ୟ - ଜାନକୀ ବଲ୍ଲଭ ମହାନ୍ତି, ଗ୍ରନ୍ଥ ମନ୍ଦିର, କଟକ ।

(୮) ନବଯୁଗର କବି ଓ କାବ୍ୟଧାରା- ଜାନକୀବଲ୍ଲଭ ମହାନ୍ତି, ଗ୍ରନ୍ଥମନ୍ଦିର, କଟକ ।

(୯) ସବୁଜ ଅକ୍ଷର- ଅନ୍ନଦାଶଙ୍କର ରାୟ, ଦାସ ବ୍ରଦର୍ସ, ବ୍ରହ୍ମପୁର ।


**ନମୁନା ପ୍ରଶ୍ନ (Sample Questions) :**

୧. ସବୁଜ କାବ୍ୟଧାରାର ଲେଖକମାନଙ୍କ ସମ୍ମିଳିତ ଉଦ୍ୟମରେ ଯେଉଁ ଉପନ୍ୟାସ ପ୍ରକାଶିତ ହୋଇଥିଲା, ତାହାର ନାମ ଲେଖ । (୧ ମାର୍କ)

୨. ସବୁଜ କାବ୍ୟଶିଳ୍ପୀ ବୈକୁଣ୍ଠନାଥଙ୍କ ଦୁଇଗୋଟି କବିତା ଗ୍ରନ୍ଥର ନାମ ଲେଖ । (୨ ମାର୍କ)

୩. ସ୍ୱାଧୀନତା ପରକାଳର ଓଡ଼ିଆ କାବ୍ୟଶିଳ୍ପୀଙ୍କ ମଧ୍ୟରୁ ବେଣୁଧର ରାଉତଙ୍କ କବିତାର ବିଶେଷତ୍ୱ ପ୍ରଦର୍ଶନ କର । (୫ ମାର୍କ)

୪. କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତି କିମ୍ବା ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସର ମହତ୍ତ୍ୱ ବିଚାର କର । (୮ ମାର୍କ)

***

## ଚତୁର୍ଥ ପର୍ଯ୍ୟାୟ (Semester-IV)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ସପ୍ତମ ପତ୍ର (Paper-07)

# ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଓଡ଼ିଆ ସାହିତ୍ୟର ଐତିହାସିକ ବିବର୍ତ୍ତନ ଧାରା ଅବଗତ ହେବାପରେ ଏହି ପାଠ୍ୟପତ୍ରରେ ଛାତ୍ରଛାତ୍ରୀ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କବିତାର ପ୍ରାସଙ୍ଗିକ ଦିଗଗୁଡ଼ିକ ନିର୍ଦ୍ଧାରିତ ପାଠ୍ୟବିଷୟ ମାଧ୍ୟମରେ ଜାଣିବାର ସୁଯୋଗ ଲାଭ କରିବେ । ବିଶେଷତଃ ଚର୍ଯ୍ୟାଗୀତିକାଠାରୁ ଆରମ୍ଭକରି ସାରଳା ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ ଓ ରୀତିକବି ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ଭକ୍ତଚରଣ, ବଳଦେବ ପ୍ରମୁଖଙ୍କ ରଚନାର କିୟଦଂଶ ପାଠକରି କବିତାର କ୍ରମିକ ବିକାଶଧାରା ଉପଲବ୍ଧି କରିପାରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** କାହ୍ନୁପାଦ ଓ ଲୁଇପାଦ ଚର୍ଯ୍ୟାଗୀତିକାର ଦୁଇ ପ୍ରମୁଖ କବିଙ୍କ ଗୀତିକାମାଧ୍ୟମରେ ଚର୍ଯାପଦର ଗୁଣାତ୍ମକ ବୈଶିଷ୍ଟ୍ୟ ଚିହ୍ନିତ ହୋଇପାରିବ ।

**୨ୟ ଏକକ :** ସାରଳା ଦାସଙ୍କ ମହାଭାରତ ଓ ଜଗନ୍ନାଥ ଦାସଙ୍କ ଭାଗବତ ଶଂସିତ ସମୟଖଣ୍ଡର କାଳଜୟୀ ରଚନା । ଏହି ଉଭୟ ରଚନାରୁ ଏକ ଏକ ଅଂଶ ଅଧ୍ୟୟନ କରି ଛାତ୍ରଛାତ୍ରୀ ଦୁଇ ମହାନ୍ ସ୍ରଷ୍ଟାଙ୍କ କବି ପ୍ରତିଭାର ଅବଧାରଣା କରିପାରିବେ।

**୩ୟ ଏକକ :** ଭଞ୍ଜ ଓ ଦୀନକୃଷ୍ଣ ରୀତିଯୁଗୀୟ କାବ୍ୟ ସାହିତ୍ୟର ପ୍ରମୁଖ ସ୍ରଷ୍ଟା। ଦୀନକୃଷ୍ଣଙ୍କ ରସକଲ୍ଲୋଳ ଓ ଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ଗୋଟିଏ ଗୋଟିଏ ଛାନ୍ଦ ଆଧାରରେ ରୀତିଯୁଗର ପୌରାଣିକ ଓ କାଳ୍ପନିକ କାବ୍ୟଧାରାର ଧାରଣା ମିଳିପାରିବ।

**୪ର୍ଥ ଏକକ :** କାବ୍ୟ ବ୍ୟତିରେକ କୋଇଲି, ଚଉତିଶା ଓ ଚମ୍ପୂରଚନା ରୀତି ଯୁଗୀୟ ସାହିତ୍ୟକୁ ସମୃଦ୍ଧ କରିଛି । ତାହାର ଝଲକ ଏହି ଏକକର ପାଠ୍ୟ ଖସଡ଼ାରୁ ମିଳିପାରିବ ।

## ପାଠ୍ୟ ବିଷୟ

**୧ମ ଏକକ :** କ) ଲୁଇପାଦ – କାୟାତରୁ ଚର୍ଯ୍ୟା

ଖ) କାହ୍ନୁପାଦ – ବାଟଓଗାଳ ଚର୍ଯ୍ୟା (ଚର୍ଯ୍ୟା ନଂ – ୭)

**୨ୟ ଏକକ :** କ) ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ – ସାରଳା ଦାସ (ସାରଳା ମହାଭାରତ – ଆର୍ତ୍ତବଲ୍ଲଭ ମହାନ୍ତି ସମ୍ପାଦିତ)

ଖ) ଭାଗବତ (ଚବିଶ ଗୁରୁ ପ୍ରସଙ୍ଗ) – ଜଗନ୍ନାଥ ଦାସ

**୩ୟ ଏକକ :** କ) ରସକଲ୍ଲୋଳ (୩୪ଶ ଛାନ୍ଦ) – ଦୀନକୃଷ୍ଣ ଦାସ

ଖ) କୋଟିବ୍ରହ୍ମାଣ୍ଡ ସୁନ୍ଦରୀ (ପ୍ରଥମ ଛାନ୍ଦ) – ଉପେନ୍ଦ୍ର ଭଞ୍ଜ ।

**୪ର୍ଥ ଏକକ :** କ) କେଶବ କୋଇଲି – ମାର୍କଣ୍ଡ ଦାସ

ଖ) କଳାକଳେବର ଚଉତିଶା – ଭକ୍ତଚରଣ ଦାସ

ଗ) କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ – ('ଘ' ଗୀତ) – କବିସୂର୍ଯ୍ୟ ବଳଦେବ ରଥ

**ସହାୟକ ଗ୍ରନ୍ଥସୂଚୀ (Book of reference) :**

୧. ଚର୍ଯ୍ୟାଗୀତିକା – ଖଗେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ
୨. ସାରଳା ଦାସଙ୍କ ଶ୍ରେଷ୍ଠ ରଚନା - ସଂ. ନୀଳାଦ୍ରି ଭୂଷଣ ହରିଚନ୍ଦନ ନେସନାଲ ବୁକ ଟ୍ରଷ୍ଟ୍ ଅଫ୍ ଇଣ୍ଡିଆ
୩. ସାରଳା ମହାଭାରତ ଚରିତ୍ରର ଚିତ୍ରଶାଳା – ସାରଳା ସାହିତ୍ୟ ସଂସଦ, କଟକ
୪. ଓଡ଼ିଆ ଭାଗବତ : ଜଗନ୍ନାଥ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
୫. ଜଗନ୍ନାଥ ଦାସଙ୍କ ଶ୍ରେଷ୍ଠ କାବ୍ୟକୃତି – ସଂ. ଦାଶରଥି ଦାସ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
୬. ବଳରାମ ଦାସଙ୍କ ଶ୍ରେଷ୍ଠ କାବ୍ୟକୃତି- ସଂ. ପ୍ରଦୀପ୍ତ କୁମାର ପଣ୍ଡା, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
୭. ରସକଲ୍ଲୋଳ - ଦୀନକୃଷ୍ଣ ଦାସ, ସଂ. ଆର୍ତ୍ତବଲ୍ଲଭ ମହାନ୍ତି – ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ
୮. କୋଟିବ୍ରହ୍ମାଣ୍ଡ ସୁନ୍ଦରୀ- ସଂ. କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୯. ଉପେନ୍ଦ୍ର ଭଞ୍ଜଙ୍କ ଶ୍ରେଷ୍ଠ କାବ୍ୟକୃତି- ସଂ. ଦାଶରଥି ଦାସ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
୧୦. କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ – ସଂ. କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

**ନମୁନା ପ୍ରଶ୍ନ (Sample Questions):**

୧. ଲୁଇପାଦଙ୍କ ଗୀତିକାରେ ଶରୀରକୁ କାହା ସହିତ ତୁଳନା କରାଯାଇଛି ? (୧ ମାର୍କ)
୨. ଅବଧୂତଙ୍କ ଗୁରୁମାନଙ୍କ ମଧ୍ୟରୁ ଯେକୌଣସି ଦୁଇଟି ଗୁରୁଙ୍କ ନାମ ଲେଖ । (୨ ମାର୍କ)
୩. ରସକଲ୍ଲୋଳର ୩୪ ଛାନ୍ଦରୁ ଗୋପୀଙ୍କ ବିରହଦଶାର ଚିତ୍ର ପ୍ରଦାନକର । (୫ ମାର୍କ)
୪. ମାର୍କଣ୍ଡ ଦାସଙ୍କ କେଶବ କୋଇଲିରୁ ଯଶୋଦାଙ୍କ ମାତୃ ହୃଦୟର ପରିଚୟ ଦିଅ । (୮ ମାର୍କ)

***

## ଚତୁର୍ଥ ପର୍ଯ୍ୟାୟ (Semester-IV)
## ପ୍ରଧାନ ପାଠ୍ୟାଂଶ-୧ (Core Course-I)
## ଅଷ୍ଟମ ପତ୍ର (Paper-08)
# ଆଧୁନିକ ଓଡ଼ିଆ କବିତା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ରାଧାନାଥଙ୍କ ସମୟରୁ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଆଧୁନିକ ଓଡ଼ିଆ କବିତାର ଉତ୍ତରଣଧାରା ଅବଗତ ହେବା ନିମିତ୍ତ ଏହି ପାଠ୍ୟପତ୍ରଟି ଉଦ୍ଦିଷ୍ଟ । ଏହି ସମୟଖଣ୍ଡର ପ୍ରତିନିଧି ଶ୍ରେଣୀୟ କବିମାନଙ୍କର କାବ୍ୟାଂଶ ବା କବିତାପଠନ ମାଧ୍ୟମରେ ଛାତ୍ରଛାତ୍ରୀ ଏ ଦିଗରେ ଜ୍ଞାନ ଆହରଣ କରିବେ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଏହି ଏକକରେ ରାଧାନାଥଙ୍କ ମହାଯାତ୍ରା, ଗଙ୍ଗାଧରଙ୍କ ତପସ୍ୱିନୀ ଓ ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣିର ଗୋଟିଏ ଗୋଟିଏ ଅଂଶ ଅଧ୍ୟୟନଦ୍ୱାରା ଛାତ୍ରଛାତ୍ରୀ ପ୍ରାରମ୍ଭିକ ପର୍ଯ୍ୟାୟର ଆଧୁନିକ କାବ୍ୟଧାରା ବିଷୟରେ ଜାଣିପାରିବେ।

**୨ୟ ଏକକ :** ମଧୁସୂଦନ, ଗୋଦାବରୀଶ ଓ କୁନ୍ତଳା କୁମାରୀଙ୍କ ଗୋଟିଏ ଗୋଟିଏ କବିତା ଏହି ଏକକରେ ସ୍ଥାନିତ। ଏଥିରୁ ଆଧୁନିକ ଓଡ଼ିଆ ଗୀତିକବିତାର ବୈଚିତ୍ର୍ୟ ଓ ବିଶେଷତ୍ୱ ସାଙ୍କେତିକରୂପେ ଉପଲବ୍ଧ ହେବ ।

**୩ୟ ଏକକ :** ରାଧାମୋହନ ଗଡ଼ନାୟକ, ମାୟାଧର ମାନସିଂହ ଓ ସଚ୍ଚିଦାନନ୍ଦ ରାଉତରାୟ ପ୍ରମୁଖ ଆଧୁନିକ ଓଡ଼ିଆ ସାହିତ୍ୟର ସୁପ୍ରତିଷ୍ଠିତ କବିଙ୍କ କବିତାଗୁଡ଼ିକ ଅଧ୍ୟୟନକରି ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ।

**୪ର୍ଥ ଏକକ :** ସ୍ୱାଧୀନତା ପରବର୍ତ୍ତୀ କାଳର ବିଶିଷ୍ଟ କବିତାମାନଙ୍କ ମଧ୍ୟରେ ବିନୋଦ ଚନ୍ଦ୍ର ନାୟକଙ୍କ 'ଗ୍ରାମପଥ', ସୌରୀନ୍ଦ୍ର ବାରିକଙ୍କ 'କର୍ଣ୍ଣ ' ଓ ବ୍ରହ୍ମୋତ୍ରୀ ମହାନ୍ତିଙ୍କ 'ମୃତ୍ୟୁ ସମ୍ପର୍କରେ' କବିତାତ୍ରୟ ଏକଏକ ବିଶେଷ ଦିଗର ପ୍ରତିନିଧିତ୍ୱ କରେ । ତେଣୁ ଏହାର ଅଧ୍ୟୟନଦ୍ୱାରା ଅତ୍ୟାଧୁନିକ କବିତାର ମହତ୍ତ୍ୱ ବୁଝାପଡ଼ିବ।

# ପାଠ୍ୟ ବିଷୟ

**୧ମ ଏକକ :** କ) ମହାଯାତ୍ରା – ୧ମ ସର୍ଗ – ରାଧାନାଥ ରାୟ

ଖ) ତପସ୍ୱିନୀ–୩ୟ ସର୍ଗ – ଗଙ୍ଗାଧର ମେହେର

ଗ) ସ୍ତୁତି ଚିନ୍ତାମଣି–୩୭ଶ ବୋଲି – ଭୀମ ଭୋଇ

**୨ୟ ଏକକ :** କ) ବିଚ୍ଛେଦେ (ବସନ୍ତ ଗାଥା) – ମଧୁସୂଦନ ରାଓ

ଖ) ନିମିଷକ ଦେଖା – ଗୋଦାବରୀଶ ମିଶ୍ର

ଗ) ଶେଫାଳି ପ୍ରତି – କୁନ୍ତଳା କୁମାରୀ ସାବତ

**୩ୟ ଏକକ :** କ) ବୀରରାଣୀ ଶୁକଦେଈ (ଉତ୍କଳିକା) – ରାଧାମୋହନ ଗଡ଼ନାୟକ

ଖ) ବିରହୀ ଘନ – ମାୟାଧର ମାନସିଂହ

ଗ) ପ୍ରତିମା ନାୟକ – ସଚ୍ଚିଦାନନ୍ଦ ରାଉତରାୟ

**୪ର୍ଥ ଏକକ :** କ) ଗ୍ରାମପଥ – ବିନୋଦ ଚନ୍ଦ୍ର ନାୟକ

ଖ) କର୍ଣ୍ଣ – ସୌରୀନ୍ଦ୍ର ବାରିକ

ଗ) ମୃତ୍ୟୁ ସମ୍ପର୍କରେ – ବ୍ରହ୍ମୋତ୍ରୀ ମହାନ୍ତି

**ସହାୟକ ଗ୍ରନ୍ଥସୂଚୀ (Book of reference) :**


୧. ମହାଯାତ୍ରା ଓ ରାଧାନାଥ–ସଂ. ବେଣୁଧର ରାଉତ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୨. ମାନସିଂହ ମାନସ– ଶ୍ରୀଚରଣ ମହାନ୍ତି, ପ୍ରଗତି ଉତ୍କଳ ସଂଘ, ରାଉରକେଲା

୩. ଗୋଦାବରୀଶ ମହାପାତ୍ର ପରିକ୍ରମା – ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ

୪. ସବୁଜ କବିତାର ରୂପ ବିଭବ –ପ୍ରମୋଦ କୁମାର ପାଢୀ, ଶ୍ୟାମା ପ୍ରକାଶନୀ, ଭୁବନେଶ୍ୱର

୫. ଆଧୁନିକ ଓଡ଼ିଆ କବିତାରେ ନାରୀ – ବବ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲିକେଶନ୍ସ, କଟକ

୬. ସନ୍ଥକବି ଭୀମ ଭୋଇ– ସାରଳା ସାହିତ୍ୟ ସଂସଦ, ଓଡ଼ିଶା ବୁକ୍ ଷ୍ଟୋର, କଟକ


**ପାଠ୍ୟପୁସ୍ତକ( Text Books):**


୧. ବସନ୍ତ ଗାଥା–ମଧୁସୂଦନ ରାଓ, ଓଡ଼ିଶା ମିଶନ୍ ପ୍ରେସ୍, କଟକ


**ନମୁନା ପ୍ରଶ୍ନ (Sample Questions):**

୧. ତପସ୍ୱିନୀ କାବ୍ୟର କେତେ ଗୋଟି ସର୍ଗ ରହିଛି ? (୧ ମାର୍କ)

୨. ମଧୁସୂଦନଙ୍କ ଦୁଇ ଗୋଟି ସମ୍ବୋଧନ ଗୀତିକାର ନାମୋଲ୍ଲେଖ କର । (୨ ମାର୍କ )

୩. ପଠିତ କବିତା ଅବଲମ୍ବନରେ ପ୍ରତିମା ନାୟକର ଜୀବନବସ୍ଥା ସୂଚାଇ ଦିଅ । (୫ ମାର୍କ)

୪. ଏକ ମିଥ୍‌ଧର୍ମୀ କବିତା ଭାବେ କର୍ଣ୍ଣ କବିତାର ମୂଲ୍ୟାୟନ କର । (୮ ମାର୍କ)

***

## ପଞ୍ଚମ ପର୍ଯ୍ୟାୟ (Semester-V)
## ପ୍ରଧାନ ପାଠ୍ୟାଂଶ-୧ (Core Course-I)
## ନବମ ପତ୍ର (Paper-09)
# ଓଡ଼ିଆ ନାଟକ ଓ ଏକାଂକିକା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଓଡ଼ିଶାର ନାଟ୍ୟ ପରମ୍ପରା ସୁପ୍ରାଚୀନ ହେଲେ ହେଁ, ଆଧୁନିକ ଯୁଗରେ ହିଁ ଲିଖିତ ନାଟକ ଓ ଏକାଙ୍କିକାର ପରିପ୍ରକାଶ ଘଟିଛି । ଜଗନ୍ମୋହନ ଲାଲଙ୍କ ବାବାଜୀଠାରୁ ଏଯାବତ୍ ଆମର ନାଟ୍ୟସାହିତ୍ୟ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ ପରିବର୍ତ୍ତିତ ହୋଇଆସିଛି । ସଂସ୍କାରବୋଧ, ଭକ୍ତିଚେତନା, ଜାତୀୟ ଜାଗରଣ ଓ ରାଜନୀତି କ୍ଷେତ୍ରରେ ପଟ୍ଟ ପରିବର୍ତ୍ତନ ତଥା ସାମାଜିକ ଜୀବନର ବିବିଧରୂପ ଓ ସମସ୍ୟାକୁ ନାଟକ ଅଙ୍ଗୀଭୂତ କରିଛି । ଓଡ଼ିଆ ନାଟକର ଏହି ବିବର୍ତ୍ତନଧାରା ଶଂସିତ ପାଠ୍ୟପତ୍ରରେ ଛାତ୍ରଛାତ୍ରୀ ଉପଲବ୍ଧି କରିପାରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଏହି ଏକକର ପ୍ରଥମ ଓଡ଼ିଆ ନାଟକ ବାବାଜୀ ସମ୍ପର୍କରେ ଅଥବା ଗୋପାଳ ଛୋଟରାୟଙ୍କ ବିଶିଷ୍ଟ ରାଜନୀତିକ ନାଟକ ପରକଲମର ବାର୍ତ୍ତା ଉପରେ ଅବଗତ ହୋଇପାରିବେ ।

**୨ୟ ଏକକ :** ମନୋରଞ୍ଜନଙ୍କ ଅପରାଧପ୍ରବଣ ନାଟକ ସାଗରମନ୍ଥନ ଅଥବା କାର୍ତ୍ତିକ ରଥଙ୍କ ଈଶ୍ୱର ଜଣେ ଯୁବକ ପରି ପ୍ରଭାବଶାଳୀ କଥାବସ୍ତୁ ଓ ଆଭିମୁଖ୍ୟ ସମ୍ପର୍କରେ ଏହି ଏକକରେ ଜାଣିବାର ସୁଯୋଗ ରହିଛି ।

**୩ୟ ଏକକ :** ଆମ ସମୟର ଦୁଇଜଣ ବିଶିଷ୍ଟ ନାଟ୍ୟକାର ନାରାୟଣ ସାହୁ ଓ ବିଜୟ ଶତପଥୀଙ୍କ ଯଥାକ୍ରମେ ରାଜରାଣୀ ଉପାଖ୍ୟାନ ଓ କୋକୁଆ ନାଟକ ସାମ୍ପ୍ରତିକ ଓଡ଼ିଆ ନାଟକର ଗୁଣାତ୍ମକ ମୂଲ୍ୟ ଓ ଉପସ୍ଥାପନ କୌଶଳକୁ ଚିହ୍ନଟ କରିବ ।

**୪ର୍ଥ ଏକକ :** ଛାତ୍ରଛାତ୍ରୀମାନେ ରତ୍ନାକର ଚଇନି ଓ ସୁରେନ୍ ମହାନ୍ତିଙ୍କ ଦୁଇଟି ବଳିଷ୍ଠ ଏକାଙ୍କିକା ଅଥବା ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ପ୍ରସିଦ୍ଧ ଭୁଖା ନାଟକର ମର୍ମବାଣୀ ଜାଣିବାର ସୁଯୋଗ ଏହି ଏକକରେ ରହିଛି ।

## ପାଠ୍ୟ ବିଷୟ

**୧ମ ଏକକ :** ବାବାଜୀ -ଜଗନ୍ମୋହନ ଲାଲ୍ **କିମ୍ବା** ପରକଲମ – ଗୋପାଳ ଛୋଟରାୟ

**୨ୟ ଏକକ :** ସାଗରମନ୍ଥନ - ମନୋରଞ୍ଜନ ଦାସ **କିମ୍ବା** ଈଶ୍ୱର ଜଣେ ଯୁବକ – କାର୍ତ୍ତିକ ଚନ୍ଦ୍ର ରଥ

**୩ୟ ଏକକ :** ରାଜରାଣୀ ଉପାଖ୍ୟାନ – ନାରାୟଣ ସାହୁ **କିମ୍ବା** କୋକୁଆ – ବିଜୟ ଶତପଥୀ

**୪ର୍ଥ ଏକକ :** ଏକାଂକିକା-

ପାହାଡ଼ର ଆତ୍ମକଥା- ସୁରେନ୍ ମହାନ୍ତି

ଅନ୍ୟ ଏକ ଶ୍ରବଣକୁମାର- ରତ୍ନାକର ଚଇନି

**ସହାୟକ ଗ୍ରନ୍ଥସୂଚୀ (Books of references ):**

୧. ଓଡ଼ିଆ ନାଟକର ଇତିହାସ – ନୀଳାଦ୍ରି ଭୂଷଣ ହରିଚନ୍ଦନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୨. ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ – ରତ୍ନାକର ଚଇନି, ବୁକ୍ସ ଏଣ୍ଡ୍ ବୁକ୍ସ, କଟକ

୩. ଓଡ଼ିଆ ନାଟକର ବିକାଶଧାରା (୧ମ,୨ୟ.୩ୟ ଓ ୪ର୍ଥ ଖଣ୍ଡ) - ହେମନ୍ତ କୁମାର ଦାସ, ସାଥୀ ମହଲ, କଟକ

୪. ବିବର୍ତ୍ତିତ ଓଡ଼ିଆ ନାଟ୍ୟଧାରା ଓ ନାଟ୍ୟକାର ରତ୍ନାକର ଚଇନି – ରଶ୍ମିତା ତ୍ରିପାଠୀ, ସୃଜନ ଚକାଡୋଲା ଧାମ, ଭୁବନେଶ୍ୱର

୫. ମନୋରଞ୍ଜନ ଦାସଙ୍କ ନାଟ୍ୟ ଦିଗନ୍ତ – ସଂ. ନାରାୟଣ ସାହୁ, ନାଳନ୍ଦା, କଟକ-୧୯୯୨

**ପାଠ୍ୟପୁସ୍ତକ( Text Books) :**

୧. ବାବାଜୀ- ଜଗନ୍ମୋହନ ଲାଲ

୨. ସାଗରମନ୍ଥନ – ମନୋରଂଜନ ଦାସ

୩. ଭୁଖା- ମଙ୍ଗଳୁଚରଣ ବିଶ୍ୱାଳ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୪. ଈଶ୍ୱର ଜଣେ ଯୁବକ- କାର୍ତ୍ତିକଚନ୍ଦ୍ର ରଥ, ଓଡ଼ିଶା ବୁକ୍ ଷ୍ଟୋର, କଟକ

୫. ପରକଲମ- ଗୋପାଳ ଛୋଟରାୟ

୬. କୋକୁଆ- ବିଜୟ କୁମାର ଶତପଥୀ, ଅଗ୍ରଦୂତ, କଟକ

୭. ରାଜରାଣୀ ଉପାଖ୍ୟାନ- ନାରାୟଣ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୮. ପାହାଡର ଆତ୍ମକଥା - ସୁରେନ୍ ମହାନ୍ତି

୯. ଅନ୍ୟ ଏକ ଶ୍ରବଣ କୁମାର – ରତ୍ନାକର ଚଇନି

**ନମୂନା ପ୍ରଶ୍ନ (sample Questions) :**

୧.ସାଗର ମନ୍ଥନ ନାଟକଟି କେଉଁ ବିଶିଷ୍ଟ ଇଂରାଜୀ ନାଟକର ଛାୟାରେ ଲିଖିତ ? (୧ ମାର୍କ)

୨.ନାରାୟଣ ସାହୁଙ୍କ ଦୁଇଟି ବେତାର ନାଟକର ନାମ ଲେଖ । (୨ ମାର୍କ)

୩. ଜଗନ୍ମୋହନ ଲାଲଙ୍କ ପଠିତ ନାଟକରୁ ବାବାଜୀ ଚରିତ୍ରର ବିଶେଷତ୍ୱ ଦର୍ଶାଅ । (୫ ମାର୍କ)

୪. ପରକଲମ ଏକ ବଳିଷ୍ଠ ରାଜନୀତିକ ନାଟକ – ଆଲୋଚନା କର । (୮ ମାର୍କ)

***

## ପଞ୍ଚମ ପର୍ଯ୍ୟାୟ (Semester-V)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ଦଶମ ପତ୍ର (Paper-10)

# ଓଡ଼ିଆ କଥାସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

କଥାସମ୍ରାଟ ଫକୀରମୋହନଙ୍କଠାରୁ ଆରମ୍ଭକରି ରାମଚନ୍ଦ୍ର ବେହେରାଙ୍କ ପର୍ଯ୍ୟନ୍ତ ଓଡ଼ିଆ କଥାସାହିତ୍ୟର ବୈଭବମୟ ବିକାଶ ସହିତ ବିଭିନ୍ନ ମୋଡ଼ଦେଇ ଆମର ଗଳ୍ପ ଓ ଉପନ୍ୟାସ କିପରି ଗତିକରି ଆସିଛି, ତାହା ଏହି ପାଠ୍ୟପତ୍ରରୁ ଉପଲବ୍ଧ ହେବ । କେତେଜଣ

ପ୍ରତିନିଧିଶ୍ରେଣୀୟ ଲେଖକଙ୍କ ରଚନାକୁ ଏହି ପତ୍ରରେ ଅଧ୍ୟୟନ କରି ଛାତ୍ରଛାତ୍ରୀ ଓଡ଼ିଆ ଗଳ୍ପ ଓ ଉପନ୍ୟାସ ସାହିତ୍ୟ ସମ୍ପର୍କରେ ଧାରଣା ଲାଭକରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଫକୀରମୋହନଙ୍କ 'ଲଛମା' ଏକ ସ୍ମରଣୀୟ ଐତିହାସିକ ଉପନ୍ୟାସ । ଓଡ଼ିଶାରେ ବର୍ଗୀ ଅତ୍ୟାଚାରର ବିଷୟ ଏଥିରେ ସମନ୍ୱିତ । ସେହିପରି କାଳିନ୍ଦୀ ଚରଣଙ୍କ 'ଆଜିର ମଣିଷ' ଉପନ୍ୟାସରେ ଭାରତ ସ୍ୱାଧୀନତାକାଳୀନ ବିବିଧ ଘଟଣାବଳୀର ପ୍ରତିବିମ୍ବ କିପରି ଉଦ୍ଭାସିତ, ତାହା ଛାତ୍ରଛାତ୍ରୀ ଅଧ୍ୟୟନ ମାଧ୍ୟମରେ ଜାଣିପାରିବେ ।

**୨ୟ ଏକକ :** ଗୋପୀନାଥ ମହାନ୍ତିଙ୍କ 'ଦାଦିବୁଢ଼ା' ହେଉ ବା ସୁରେନ୍ଦ୍ର ମହାନ୍ତିଙ୍କର 'କାଳାନ୍ତର', ଉଭୟରେ ଯଥାକ୍ରମେ ଓଡ଼ିଶାର ଆଦିବାସୀ ଜନଜୀବନ ଓ ପ୍ରାକୃତିକ ବିପର୍ଯ୍ୟୟର ସଂକେତ ନିହିତ । ଆମ ଉପନ୍ୟାସ ସାହିତ୍ୟରେ ସାମାଜିକ ବାସ୍ତବତାର ଲକ୍ଷଣକୁ ଛାତ୍ରଛାତ୍ରୀ ଅବଶ୍ୟ ଅଧ୍ୟୟନ ମାଧ୍ୟମରେ ଜାଣିପାରିବେ ।

**୩ୟ ଏକକ :** ରେବତୀ, ଏବେ ମଧ୍ୟ ବଞ୍ଚିଛି, ଶିକାର ଓ ଡିମିରିଫୁଲ ଓଡ଼ିଆ ସାହିତ୍ୟର ଚାରିଗୋଟି ଲୋକପ୍ରିୟ ଗଳ୍ପ । ଏଥିରୁ ଶିକ୍ଷାବ୍ୟବସ୍ଥା, ଦେଶପ୍ରେମ ଓ ଓଡ଼ିଆ ଜାତିର ସ୍ୱାଭିମାନ ସହିତ ମାର୍କ୍ସବାଦୀ ଚେତନା ଓ ମାନବୀୟ ମନସ୍ତତ୍ତ୍ୱର ନିଖୁଣ ଚିତ୍ର ଛାତ୍ରଛାତ୍ରୀ ଅବଗତ ହୋଇପାରିବେ ।

**୪ର୍ଥ ଏକକ :** ରଚନାର ପରିମାଣ ଓ ଗୁଣବତ୍ତା ଦୃଷ୍ଟିରୁ ମନୋଜ ଦାସ, ଶାନ୍ତନୁ ଆଚାର୍ଯ୍ୟ, ବୀଣାପାଣି ମହାନ୍ତି ଓ ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି । ସେମାନଙ୍କର ଏକ ଏକ ଗଳ୍ପ ପଠନଦ୍ୱାରା ଶିକ୍ଷାର୍ଥୀମାନେ ଓଡ଼ିଆ ଗଳ୍ପ ସାହିତ୍ୟର ସାମଗ୍ରିକ ମୂଲ୍ୟବୋଧକୁ ଆକଳନ କରି ପାରିବେ ।

## ପାଠ୍ୟ ବିଷୟ

**୧ମ ଏକକ :** ଲଛମା – ଫକୀର ମୋହନ ସେନାପତି **କିମ୍ବା** ଆଜିର ମଣିଷ - କାଳିନ୍ଦୀ ଚରଣ ପାଣିଗ୍ରାହୀ

**୨ୟ ଏକକ** : ଦାଦିବୁଢ଼ା - ଗୋପୀନାଥ ମହାନ୍ତି **କିମ୍ବା** କାଳାନ୍ତର- ସୁରେନ୍ଦ୍ର ମହାନ୍ତି

**୩ୟ ଏକକ :** ରେବତୀ –ଫକୀରମୋହନ ସେନାପତି, ଏବେ ମଧ୍ୟ ବଂଚିଛି–ଗୋଦାବରୀଶ ମହାପାତ୍ର, ଶିକାର - ଭଗବତୀ ଚରଣ ପାଣିଗ୍ରାହୀ, ଡିମିରି ଫୁଲ- ଅଖିଳ ମୋହନ ପଟ୍ଟନାୟକ

**୪ର୍ଥ ଏକକ :**
କ) ସୁନା ମେଡାଲ - ମନୋଜ ଦାସ
ଖ) କଳାପର୍ଦ୍ଦାର ଆରପଟେ- ଶାନ୍ତନୁ କୁମାର ଆଚାର୍ଯ୍ୟ
ଗ) ପାଟଦେଇ- ବୀଣାପାଣି ମହାନ୍ତି
ଘ) ଗୋପପୁର- ରାମଚନ୍ଦ୍ର ବେହେରା

**ସହାୟକ ଗ୍ରନ୍ଥସୂଚୀ (Book of reference) :**

୧. ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ – ପଠାଣି ପଟ୍ଟନାୟକ, ଓଡ଼ିଶା ବୁକ୍ ଷ୍ଟୋର, କଟକ
୨. କଥାଶିଳ୍ପୀ ମନୋଜ ଦାସ - ଶତ୍ରୁଘ୍ନ ପାଣ୍ଡବ
୩. ଓଡ଼ିଆ ଗଳ୍ପର ଗତି ଓ ପ୍ରକୃତି – ବୈଷ୍ଣବ ଚରଣ ସାମଲ – ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୪. ଶହେ ପଚିଶ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ : ଏକ ତାତ୍ତ୍ୱିକ ବିଶ୍ଳେଷଣ –ଡକ୍ଟର କବିତା ବାରିକ, ବିଦ୍ୟାପୁରୀ, କଟକ

୫. ଗୋପୀନାଥ ମହାନ୍ତିଙ୍କ କଥା ସାହିତ୍ୟର ବ୍ୟାପ୍ତି ଓ ଦୀପ୍ତି - ସଂ. ବିଜୟ କୁମାର ଶତପଥୀ, ଲିପି ହେମ୍ବ୍ରମ୍, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

୬. ଗୋପୀନାଥ ମହାନ୍ତି ସ୍ରଷ୍ଟା ମାନସ – ସାରଳା ସାହିତ୍ୟ ସଂସଦ, କଟକ

୭. ରାମଚନ୍ଦ୍ର ବେହେରାଙ୍କ କଥାସାହିତ୍ୟରେ ସ୍ଥାପତ୍ୟ ଓ ବୈଚିତ୍ର୍ୟ - ଗିରୀଶ ଚନ୍ଦ୍ର ସାହୁ, ବିଦ୍ୟାପୁରୀ, କଟକ

୮. ସାହିତ୍ୟସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ- ସଂ. ବାଉରୀବନ୍ଧୁ କର, ଗ୍ରନ୍ଥମନ୍ଦିର, କଟକ

**ପାଠ୍ୟପୁସ୍ତକ( Text Books):**

୧. ଦାଦିବୁଢ଼ା - ଗୋପୀନାଥ ମହାନ୍ତି,

୨. ଗୋପପୁର -ରାମଚନ୍ଦ୍ର ବେହେରା

୩. ମନୋଜ ପଂଚବିଂଶତି - ମନୋଜ ଦାସ

୪. କଳାପର୍ଦ୍ଦାର ଆରପଟେ - ଶାନ୍ତନୁ କୁମାର ଆଚାର୍ଯ୍ୟ

୫. ଆଜିର ମଣିଷ - କାଳିନ୍ଦୀ ଚରଣ ପାଣିଗ୍ରାହୀ

୬. କାଳାନ୍ତର - ସୁରେନ୍ଦ୍ର ମହାନ୍ତି

୭. ଲଛମା - ଫକୀରମୋହନ ସେନାପତି

**ନମୁନା ପ୍ରଶ୍ନ** (Sample Questions):

୧. ଲଛମା ଉପନ୍ୟାସଟି କେଉଁ ମସିହାରେ ପ୍ରକାଶିତ ? (୧ ମାର୍କ)

୨. ସୁରେନ୍ଦ୍ର ମହାନ୍ତିଙ୍କ ଦୁଇଟି ଐତିହାସିକ ଉପନ୍ୟାସର ନାମ ଲେଖ । (୨ ମାର୍କ)

୩. ଏବେ ମଧ୍ୟ ବଞ୍ଚିଛି ଗଳ୍ପରେ ଓଡ଼ିଆ ଜାତିର ସ୍ୱାଭିମାନ କିପରି ଫୁଟିଛି ଦର୍ଶାଅ ? (୫ ମାର୍କ)

୪. ନାରୀ ନିର୍ଯ୍ୟାତନାର ପୃଷ୍ଠଭୂମିରେ ରଚିତ ପାଟଦେଈ ଗଳ୍ପର ସାହିତ୍ୟିକ ମୂଲ୍ୟ ନିର୍ଦ୍ଧାରଣ କର । (୮ ମାର୍କ)

***

## ପଞ୍ଚମ ପର୍ଯ୍ୟାୟ (Semester-V)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ଏକାଦଶ ପତ୍ର (Paper-11)

# ଆଧୁନିକ ଓଡ଼ିଆ ଗଦ୍ୟସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଜୀବନୀ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ପ୍ରବନ୍ଧ, ରମ୍ୟ ରଚନା ଆଦି ଓଡ଼ିଆ ଗଦ୍ୟସାହିତ୍ୟର ବିଭିନ୍ନ ରୂପକୁ ଚିହ୍ନିବା ପାଇଁ ଏହି ପତ୍ରଟି ପରିକଳ୍ପିତ । ଛାତ୍ରଛାତ୍ରୀମାନେ ବିଭିନ୍ନ ରୂପର ଗଦ୍ୟସାହିତ୍ୟର ବିବିଧ ରଚନା ଅଧ୍ୟୟନ କଲେ ଓଡ଼ିଆ ଗଦ୍ୟର ସମୃଦ୍ଧ ଧାରାକୁ ଉପଲବ୍ଧି କରିପାରିବେ ।

Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :

**୧ମ ଏକକ :** ଏହି ଏକକରେ ଓଡ଼ିଆ ସାହିତ୍ୟର ଗୋଟିଏ ପ୍ରସିଦ୍ଧ ଆତ୍ମଜୀବନୀ ଅଥବା ଏକ ବିଶିଷ୍ଟ ଜୀବନୀର କିୟଦଂଶ ଅଧ୍ୟୟନ କରିବାର ସୁଯୋଗ ରହିଛି । 'ମୋ ସମୟର ଓଡ଼ିଶା' ରେ ପ୍ରାବନ୍ଧିକ କୃଷ୍ଣଚନ୍ଦ୍ରଙ୍କ ଜୀବନକଥା ସହିତ ସମକାଳୀନ ଓଡ଼ିଶାର ପ୍ରାଣସ୍ପନ୍ଦନ ତଥା 'ଗାନ୍ଧୀ ମଣିଷ' ରେ ଜାତିର ପିତା ମହାତ୍ମାଜୀଙ୍କ ଜୀବନର ବାର୍ତ୍ତା ଛାତ୍ରଛାତ୍ରୀଙ୍କ ପାଖକୁ ପହଞ୍ଚିପାରିବ ।

**୨ୟ ଏକକ :** ଓଡ଼ିଆ ଭ୍ରମଣକାହାଣୀର ବିଦେଶାନୁଭୂତିକୁ 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି' ଅଥବା 'ଆମେରିକା ଅନୁଭୂତି ' ଭ୍ରମଣ କାହାଣୀ ମାଧମରେ ଜାଣିବାର ଅବକାଶ ରହିଛି ଏହି ଏକକରେ ।

**୩ୟ ଏକକ :** ଓଡ଼ିଆ ଗଦ୍ୟ ସାହିତ୍ୟରେ ରମ୍ୟରଚନାର ସ୍ଥାନ ସ୍ୱତନ୍ତ୍ର । ଗୋପାଳଚନ୍ଦ୍ର ପ୍ରହରାଜ ଓ ନିତ୍ୟାନନ୍ଦ ମହାପାତ୍ର ଦୁଇଜଣ ରମ୍ୟରଚନାର ରଚୟିତା । ତାଙ୍କର ଏକ ଏକ ସ୍ମରଣୀୟ ରମ୍ୟରଚନାର କିୟଦଂଶ ପାଠକରି ଛାତ୍ରଛାତ୍ରୀ ଓଡ଼ିଆ ରମ୍ୟରଚନା ଅବଶ୍ୟ ଉପଲବ୍ଧି କରିପାରିବେ ।

**୪ର୍ଥ ଏକକ :** ଓଡ଼ିଆ ପ୍ରବନ୍ଧ ସାହିତ୍ୟ ସମ୍ପର୍କରେ ବିଶେଷ ଧାରଣା ସୃଷ୍ଟି କରିବାପାଇଁ 'ଆର୍ଯ୍ୟ ଜୀବନ,' 'ମଧୁସନ୍ଧାନ ' ଏବଂ 'ଭଗବାନ ଓ ଓଡ଼ିଆ ଜାତି' ପ୍ରବନ୍ଧ ଉପଯୋଗୀ ହେବ ।

# ପାଠ୍ୟ ବିଷୟ

**୧ମ ଏକକ :** ମୋ ସମୟର ଓଡ଼ିଶା ( ପ୍ରଥମ ଛଅଟି ପରିଚ୍ଛେଦ- ୮୬ ପୃଷ୍ଠା ପର୍ଯ୍ୟନ୍ତ)—କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

**କିମ୍ବା** ଗାନ୍ଧୀ ମଣିଷ (ପ୍ରଥମ ଦଶଟି ପରିଚ୍ଛେଦ, ୫୫ ପୃଷ୍ଠା ପର୍ଯ୍ୟନ୍ତ)- ଶରତ କୁମାର ମହାନ୍ତି

**୨ୟ ଏକକ :** ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି- ଭୁବନେଶ୍ୱର ବେହେରା (ଭ୍ରମଣକାହାଣୀ)

**କିମ୍ବା** ଆମେରିକା ଅନୁଭୂତି - ଗୋଲୋକ ବିହାରୀ ଧଳ (ଭ୍ରମଣକାହାଣୀ)

**୩ୟ ଏକକ** : ଭାଗବତ ଟୁଙ୍ଗୀରେ ସନ୍ଧ୍ୟା (ପ୍ରଥମ ଚାରୋଟି ସନ୍ଧ୍ୟା)- ଗୋପାଳ ଚନ୍ଦ୍ର ପ୍ରହରାଜ

**କିମ୍ବା** ପତ୍ର ଓ ପ୍ରତିମା (ପ୍ରଥମ ଚାରୋଟି ରଚନା)- ନିତ୍ୟାନନ୍ଦ ମହାପାତ୍ର

**୪ର୍ଥ ଏକକ** : ପ୍ରବନ୍ଧ ସାହିତ୍ୟ – କ) ଆର୍ଯ୍ୟଜୀବନ – ନୀଳକଣ୍ଠ ଦାସ

ଖ) ମଧୁସଂଧାନ – ଚନ୍ଦ୍ରଶେଖର ରଥ

ଗ ) ଭଗବାନ ଓ ଓଡ଼ିଆ ଜାତି - ଚିତ୍ତ ରଞ୍ଜନ ଦାସ

**ସହାୟକ ଗ୍ରନ୍ଥସୂଚୀ (Book of reference) :**


୧. ଜୀବନୀ ସାହିତ୍ୟ ଏକ ଅଧ୍ୟୟନ – ପଠାଣି ପଟ୍ଟନାୟକ, ଓଡ଼ିଶା ପା.ପୁ.ପ୍ର ଓ ପ୍ରକାଶନ ସଂ, ଭୁବନେଶ୍ୱର

୨. ସମାଲୋଚନାର ଦିଗ ଦିଗନ୍ତ- ଖଗେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୩. ସାହିତ୍ୟ ଓ ସମାଲୋଚନା – କୁଞ୍ଜବିହାରୀ ଦାଶ, ଓଡ଼ିଶା ବୁକ୍ ଷ୍ଟୋର୍, କଟକ

୪. ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ – ଅସିତ୍ କବି, ଗ୍ରନ୍ଥ ମନ୍ଦିର, କଟକ

୫. ଓଡ଼ିଆ ଆତ୍ମଜୀବନୀ ସମୀକ୍ଷଣ- ଅଜାମ୍ବର ମଲ୍ଲ- ବିଜୟିନୀ ପବ୍ଲିକେଶନ୍ସ, କଟକ

୬. ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଦୁଷ୍ପ୍ରାପ୍ୟ ରଚନାବଳୀ- କଇଳାଶ ପଟ୍ଟନାୟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

**ପାଠ୍ୟପୁସ୍ତକ( Text Books):**

୧. ମୋ ସମୟର ଓଡ଼ିଶା- କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କିତାବ ମହଲ, କଟକ

୨. ଗାନ୍ଧୀ ମଣିଷ- ଶରତ କୁମାର ମହାନ୍ତି, ମିତାବୁକ୍ସ, କଟକ

୩. ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି – ଭୁବନେଶ୍ୱର ବେହେରା, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ

୪. ଆମେରିକା ଅନୁଭୂତି- ଗୋଲୋକ ବିହାରୀ ଧଳ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୫. ପତ୍ର ଓ ପ୍ରତିମା- ନିତ୍ୟାନନ୍ଦ ମହାପାତ୍ର

**ନମୁନା ପ୍ରଶ୍ନ (Sample Questions) :**

୧.'ମୋ ସମୟର ଓଡ଼ିଶା' ଆତ୍ମଜୀବନୀରେ କେତେ ଗୋଟି ପରିଚ୍ଛେଦ ରହିଛି ? (୧ ମାର୍କ)

୨. ଆମେରିକା ଅନୁଭୂତି ଓ ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି ଭ୍ରମଣ କାହାଣୀ ଦ୍ୱୟର ରଚନାକାଳ ଲେଖ । (୨ ମାର୍କ)

୩. ଭାଗବତ ଟୁଙ୍ଗୀରେ ସନ୍ଧ୍ୟାର ମର୍ମବାଣୀ ଉଲ୍ଲେଖ କର । (୫ ମାର୍କ)

୪. ସଂକୀର୍ଣ୍ଣତା ନୁହେଁ, ଉଦାରତା ହିଁ ପ୍ରକୃତ ଧର୍ମୀୟ ଆଭିମୁଖ୍ୟ ହେବା ଆବଶ୍ୟକ - ଭଗବାନ ଓ ଓଡ଼ିଆ ଜାତି ପ୍ରବନ୍ଧରୁ ଏହାର ଯଥାର୍ଥତା ପ୍ରତିପାଦନ କର । (୮ ମାର୍କ)

***

## ପଞ୍ଚମ ପର୍ଯ୍ୟାୟ (Semester-V)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ଦ୍ୱାଦଶ ପତ୍ର (Paper-12)

# ଓଡ଼ିଆ ଲୋକସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଲୋକସାହିତ୍ୟ ହିଁ ବିଦଗ୍ଧ ସାହିତ୍ୟର ଜନନୀ । ଓଡ଼ିଶାର ଲୋକସାହିତ୍ୟ ବହୁମୁଖୀ ଓ ବିଭବଶାଳୀ । ଏଥିରେ ଲୋକ ଜୀବନର ପ୍ରାଣବାଣୀ ପ୍ରସ୍ଫୁଟିତ । ଏହି ପତ୍ର ଅଧ୍ୟୟନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ତାହା ଅବଗତ ହୋଇପାରିବେ ।

Unit wise Learning Outcome (**ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି**) :

**୧ମ ଏକକ :** ଓଡ଼ିଶାରେ ପ୍ରଚଳିତ ପ୍ରବାଦ ଓ ପ୍ରବଚନ, ଢଗଢମାଳି, ଛଟା ଆଦିର ତାତ୍ତ୍ୱିକ ଦିଗ ଓ ତା'ର ପ୍ରାୟୋଗିକ ମୂଲ୍ୟ ଏହି ଏକକରୁ ଉପଲବ୍ଧ ହେବ ।

**୨ୟ ଏକକ :** ଓଡ଼ିଆ ଲୋକଗୀତର ସ୍ୱରୂପ, ରୂପଭେଦ ଓ ପ୍ରାଚୁର୍ଯ୍ୟ ବିଷୟରେ ଅବଗତ ହେବାପାଇଁ ଏହି ଏକକ ସହାୟକ ହେବ ।

**୩ୟ ଏକକ :** ଓଡ଼ିଆ ଲୋକକାହାଣୀର ଧାରା ଯେପରି ପ୍ରାଚୀନ ସେହିପରି ମନୋଜ୍ଞ । ଏହି ଏକକରେ ଲୋକକାହାଣୀର ବିବିଧତା ଓ ମହତ୍ତ୍ୱ ଉପଲବ୍ଧ ହେବ ।

**୪ର୍ଥ ଏକକ :** ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ଲୋକନାଟକ ପ୍ରଚଳିତ । ଲୋକନାଟକର ସଂଜ୍ଞା ସ୍ୱରୂପ ସହ ଓଡ଼ିଆ ଲୋକନାଟକ ବିଷୟରେ ଜାଣିବା ପାଇଁ ଏହି ଏକକର ପାଠ୍ୟ ଖସଡ଼ା ସୁଯୋଗ ସୃଷ୍ଟି କରିବ ।

# ପାଠ୍ୟ ବିଷୟ

**୧ମ ଏକକ :** ଓଡ଼ିଆ ଲୋକବାଣୀର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ
(ପ୍ରବାଦ, ପ୍ରବଚନ, ଛଟା, ଢଗଢମାଳି, ନାଁଦିଆ)

**୨ୟ ଏକକ :** ଓଡ଼ିଆ ଲୋକଗୀତର ସଂଜ୍ଞା, ସ୍ୱରୂପ, ପ୍ରକାରଭେଦ ଓ ବିଭିନ୍ନ ଦିଗ

**୩ୟ ଏକକ :** ଓଡ଼ିଆ ଲୋକକାହାଣୀର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

**୪ର୍ଥ ଏକକ :** ଓଡ଼ିଆ ଲୋକନାଟକର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ (ପାଲା, ଦାସକାଠିଆ, ପ୍ରହ୍ଲାଦ ନାଟକ, ଦଣ୍ଡନାଚ, ଛଉନାଚ, ଲୀଳା, ଡାଲଖାଇ, କରମା)

**ସହାୟକ ଗ୍ରନ୍ଥସୂଚୀ (Book of reference) :**


୧. ଓଡ଼ିଆ ଲୋକଗୀତ ଓ କାହାଣୀ : କୁଞ୍ଜବିହାରୀ ଦାଶ, ବିଶ୍ୱଭାରତୀ ଗବେଷଣା ପ୍ରକାଶନ, ଶାନ୍ତିନିକେତନ
୨. ଲୋକଧାରା, ଲୋକସଂସ୍କୃତି ଓ ଲୋକସାହିତ୍ୟ – କୁମୁଦ ରଞ୍ଜନ ପାଣିଗ୍ରାହୀ, ସୁଖଦୁଃଖ ପବ୍ଲିକେଶନ୍ସ, ସମ୍ବଲପୁର
୩. ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି – କୃଷ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟାପୁରୀ, କଟକ
୪. ଲୋକସାହିତ୍ୟ ତତ୍ତ୍ୱ – ଶ୍ୟାମସୁନ୍ଦର ମହାପାତ୍ର, ଓଡ଼ିଆ ବୁକ୍ ଷ୍ଟୋର, କଟକ
୫. ଲୋକସଂସ୍କୃତି ଓ ଲୋକସାହିତ୍ୟ – ନାରାୟଣ ସାହୁ, ବିଜୟ ପ୍ରକାଶନ, କଟକ
୬. ଓଡ଼ିଶାର ଦଣ୍ଡନାଟ – ସନ୍ତୋଷ କୁମାର ଶତପଥୀ, କେଦାର ପ୍ରିଣ୍ଟିଂ ପ୍ରେସ୍, ଭୁବନେଶ୍ୱର
୭. ଓଡ଼ିଆ ଲୋକନାଟକ – କଲଚୁରାଲ ଏକାଡ଼େମୀ, ରାଉରକେଲା
୮. ଓଡ଼ିଆ ଲୋକନାଟକ – ହେମନ୍ତ କୁମାର ଦାସ, ଗ୍ରନ୍ଥମନ୍ଦିର, କଟକ
୯. ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି – ଅଜୟ କୁମାର ମିଶ୍ର, ବିଜୟିନୀ ପବ୍ଲିକେଶନସ୍
୧୦. ଓଡ଼ିଆ ଲୋକନାଟ୍ୟ ପରମ୍ପରା ଓ ପ୍ରହ୍ଲାଦ ନାଟକ– ଶାନ୍ତନୁ ରଥ, ଓଡ଼ିଶା ବୁକ୍ ଷ୍ଟୋର, କଟକ
୧୧. ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ - ସଂ. ଦ୍ୱାରିକାନାଥ ନାୟକ, ବିଶ୍ୱ ବୁକ୍ସ/ଓଡ଼ିଶା ବୁକ୍ ଷ୍ଟୋର, କଟକ


**ନମୁନା ପ୍ରଶ୍ନ (Sample Questions):**

୧. ଓଡ଼ିଆ ଲୋକଗୀତ ଓ କାହାଣୀ ପୁସ୍ତକର ରଚୟିତା କିଏ ? (୧ ମାର୍କ)

୨. ଓଡ଼ିଆ କାନ୍ଦଣା ଗୀତର ଦୁଇଗୋଟି ଲକ୍ଷଣ ଲେଖ । (୨ ମାର୍କ)

୩. ଓଡ଼ିଆ ଲୋକକାହାଣୀର ଆରମ୍ଭ ଓ ଉପସଂହାର କିପରି ହୋଇଥାଏ, ଦର୍ଶାଅ । (୫ ମାର୍କ)

୪. ଦକ୍ଷିଣ ଓଡ଼ିଶାର ପ୍ରହ୍ଲାଦ ନାଟକ ଉପରେ ଆଲୋଚନାକର । (୮ ମାର୍କ)

***

## ଷଷ୍ଠ ପର୍ଯ୍ୟାୟ (Semester-VI)
## ପ୍ରଧାନ ପାଠ୍ୟାଂଶ-୧ (Core Course-I)
## ତ୍ରୟୋଦଶ ପତ୍ର (Paper-13)
# ଓଡ଼ିଆ ଭାଷା ଓ ଲିପିର ଐତିହାସିକ ବିବର୍ତ୍ତନ

**Course Outcome (ପାଠ୍ୟକ୍ରମ ଫଳଶ୍ରୁତି) :**

ଓଡ଼ିଆ ଭାଷା ଓ ଲିପିର ଉନ୍ମେଷ ଏବଂ ବିକାଶ ପ୍ରସଙ୍ଗ ଅବଗତହେବା ପାଇଁ ଶଂସିତ ପାଠ୍ୟପତ୍ରଟି ଉଦ୍ଦିଷ୍ଟ । ମୌଖିକ ସ୍ତରରୁ ଭାଷା ଲିଖିତ ସ୍ତରକୁ ଉନ୍ନୀତହେବା ପାଇଁ ଲୋଡ଼ାହୁଏ ଲିପି । ଓଡ଼ିଆ ଏକ ସମ୍ବିଧାନ ସ୍ୱୀକୃତ ଶାସ୍ତ୍ରୀୟ ଭାଷା । ତାହାର ଉଦ୍ଭବ ସହିତ ବିକାଶପର୍ବ ଓ ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନଧାରା ସମ୍ବନ୍ଧରେ ଛାତ୍ରଛାତ୍ରୀ ଅବଗତହେବାର ସୁଯୋଗ ଏଠାରେ ରହିଛି ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ପୃଥିବୀର ଭାଷା ପରିବାର ମଧ୍ୟରୁ କିପରି ଓଡ଼ିଆ ଭାଷାର ଉନ୍ମେଷ ଘଟିଛି ଏବଂ କାଳକ୍ରମେ ବିକାଶ ଲାଭ କରିଛି, ଶିକ୍ଷାର୍ଥୀମାନେ ତାହା ଏଠାରେ ଉପଲବ୍ଧି କରିପାରିବେ ।

**୨ୟ ଏକକ :** ଭାରତୀୟ ଲିପି ତତ୍ତ୍ୱ ସହିତ ଓଡ଼ିଆ ଲିପିର ଉଦ୍ଭବ ଓ ବିବର୍ତ୍ତନ ଜାଣିବା ନିମିତ୍ତ ଏହି ଏକକଟି ସଂଯୋଜିତ ।

**୩ୟ ଏକକ :** ଓଡ଼ିଆ ଭାଷାର ସର୍ବପ୍ରାଚୀନ ଲିଖିତରୂପକୁ ଜାଣିବା ନିମିତ୍ତ ଓଡ଼ିଆ ଅଭିଲେଖକୁ ଅନୁଧ୍ୟାନକରିବା ଆବଶ୍ୟକ । ସୁତରାଂ ଏହି ଏକକରେ ଶିଳାଲେଖ, ତାମ୍ରଫଳକ ଓ ପ୍ରାଚୀନ ସନନ୍ଦଗୁଡ଼ିକ ଉପରେ ଚର୍ଚ୍ଚାର ଅବକାଶ ରହିଛି ।

**୪ର୍ଥ ଏକକ :** ସାହିତ୍ୟ-କଳା ଦୃଷ୍ଟିରୁ ଚର୍ଯ୍ୟାପଦ ହିଁ ଲିଖିତ ସାହିତ୍ୟର ଆଦିମତମ ରୂପ । ଏହି ଚର୍ଯ୍ୟାପଦ ଓ ସାରଳା ସାହିତ୍ୟର ଭାଷାଗତ ବିଶେଷତ୍ୱ ଛାତ୍ରଛାତ୍ରୀ ଏହି ଏକକରେ ଉପଲବ୍ଧି କରିବେ ।

## ପାଠ୍ୟ ବିଷୟ

**୧ମ ଏକକ :** ଓଡ଼ିଆ ଭାଷାର ଉଦ୍ଭବ ଓ ବିକାଶକ୍ରମ

**୨ୟ ଏକକ :** ଓଡ଼ିଆ ଲିପିର ଐତିହାସିକ ବିବର୍ତ୍ତନ

**୩ୟ ଏକକ :** ଓଡ଼ିଆ ଅଭିଲେଖର ଭାଷା (ଶିଳାଲେଖ, ତାମ୍ରଲେଖ, ପ୍ରାଚୀନ ସନନ୍ଦ)

**୪ର୍ଥ ଏକକ :** ଚର୍ଯ୍ୟାପଦ ଓ ସାରଳା ସାହିତ୍ୟର ଭାଷା

**ସହାୟକ ଗ୍ରନ୍ଥସୂଚୀ (Book of reference):**


୧. ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ - ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦସମ୍ଭାର – ଧନେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ଓଡ଼ିଆ ଭାଷା ଓ ଲିପିର କ୍ରମବିକାଶ – କୁଞ୍ଜବିହାରୀ ତ୍ରିପାଠୀ, ଓ.ରା.ପା. ପୁ. ପ୍ର ଓ ପ୍ର.ସଂସ୍ଥା. ଭୁବନେଶ୍ୱର ।

୪. ଭାଷାତତ୍ତ୍ୱର ରୂପଚିତ୍ର - ନଟବର ଶତପଥୀ, ବିଜୟିନୀ ପବ୍ଲିକେଶନ, କଟକ ।

୫. ସାରଳା ମହାଭାରତର ଭାଷାତାତ୍ତ୍ୱିକ ଅନୁଶୀଳନ – ଧନେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୬. ପ୍ରାଚୀନ ଓଡ଼ିଆ ଗଦ୍ୟ : ସ୍ୱରୂପ ଓ ସମ୍ଭାର - ହରପ୍ରସାଦ ମିଶ୍ର, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ ।

୭. ଭିନ୍ନ ସମୟ ଭିନ୍ନଦୃଷ୍ଟି(ଜଗନ୍ନାଥ ମନ୍ଦିରର ଦୁଇଟି ଶିଳାଲେଖ) - ନୀଳାଦ୍ରି ଭୂଷଣ ହରିଚନ୍ଦନ, ଫ୍ରେଣ୍ଡସ୍ ପବ୍ଲିଶର୍ସ

୮. ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ - ବଂଶୀଧର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଓଡ଼ିଆ ଭାଷାର ଇତିହାସ- ବିନାୟକ ମିଶ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୧୦. ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ-ଉପେନ୍ଦ୍ର ପ୍ରସାଦ ଦଳାଇ, ଏ.କେ ମିଶ୍ର, କଟକ ।

**ନମୁନା ପ୍ରଶ୍ନ (Sample Questions) :**

୧. ପ୍ରଥମ ଓଡ଼ିଆ ଶିଳାଲେଖର ନାମ ଲେଖ । (୧ ମାର୍କ)

୨. ଓଡ଼ିଆ ଲିପି କେଉଁ ପ୍ରାଚୀନ ଲିପିର ବିବର୍ତ୍ତିତ ରୂପ ? (୨ ମାର୍କ)

୩. ଓଡ଼ିଆ ଶିଳାଲେଖର ଭାଷାଗତ ବିଶେଷତ୍ୱ ସୂଚାଅ । (୫ ମାର୍କ)

୪. ସାରଳା ସାହିତ୍ୟରୁ ପ୍ରାଚୀନ ଓଡ଼ିଆ ଭାଷାର ସ୍ୱରୂପ ଦର୍ଶାଅ । (୮ ମାର୍କ)

***

## ଷଷ୍ଠ ପର୍ଯ୍ୟାୟ (Semester-VI)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ଚତୁର୍ଦ୍ଦଶ ପତ୍ର (Paper-14)

# ଓଡ଼ିଆ ଭାଷା : ଧ୍ୱନିତତ୍ତ୍ୱ, ଶବ୍ଦ ସମ୍ଭାର, ଅନ୍ୟ ଭାଷାର ପ୍ରଭାବ ଓ ଶାସ୍ତ୍ରୀୟତା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଶାସ୍ତ୍ରୀୟ ଓଡ଼ିଆ ଭାଷାର ଶବ୍ଦଗତ ଓ ଧ୍ୱନି ତାତ୍ତ୍ୱିକ ଗୁରୁତ୍ୱ ଉପଲବ୍ଧି କରିବା ପାଇଁ ଏହି ପତ୍ରଟି ଗଠିତ । ସେହିପରି ତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ ଆଦି ଶବ୍ଦ ସମ୍ଭାରରେ ଓଡ଼ିଆ ଭାଷା କିପରି ପରିପୁଷ୍ଟ ଏବଂ ଅନ୍ୟ ଭାଷାର ପ୍ରଭାବରେ ଏହା କିପରି ଋଦ୍ଧିମନ୍ତ, ତାହା ଛାତ୍ରଛାତ୍ରୀମାନେ ଜାଣି ରଖିବା ଆବଶ୍ୟକ । ଭାଷାର ଶାସ୍ତ୍ରୀୟତା ପ୍ରସଙ୍ଗ ମଧ୍ୟ ଶିକ୍ଷାର୍ଥୀଙ୍କ ପାଇଁ ଉପଯୋଗୀ ।

Unit wise Learning Outcome (**ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି**) :

**୧ମ ଏକକ :** ଧ୍ୱନିର ସଂଜ୍ଞା ଓ ବର୍ଗୀକରଣ ସହିତ ଆମ ଭାଷାର ଧ୍ୱନିତତ୍ତ୍ୱ ଉପରେ ଶିକ୍ଷାର୍ଥୀ ଏଠାରେ ଜ୍ଞାନଲାଭ କରିପାରିବେ । ଭାଷାର ବିବିଧ ଶବ୍ଦ ସମ୍ଭାର ମଧ୍ୟ ଶିକ୍ଷାର୍ଥୀଙ୍କ ଜ୍ଞାତବ୍ୟ ବିଷୟ ।

**୨ୟ ଏକକ :** ମାନକ ଓଡ଼ିଆ ଭାଷା ସହିତ ଓଡ଼ିଶାରେ ତାହାର ଅନେକ ଆଞ୍ଚଳିକ ରୂପ ବିଷୟରେ ଏହି ଏକକ ଧାରଣା ପ୍ରଦାନ କରିବ ।

**୩ୟ ଏକକ :** ଓଡ଼ିଆ ଭାଷା ଉପରେ ଭିନ୍ନଭିନ୍ନ ଭାଷାର ପ୍ରଭାବ ସ୍ୱୀକାର୍ଯ୍ୟ । ତନ୍ମଧ୍ୟରୁ ଦ୍ରାବିଡ଼, ଯାବନିକ ଓ ଇଂରାଜୀ ଭାଷାର ପ୍ରଭାବ ସମ୍ପର୍କରେ ଏହି ଏକକରୁ ଛାତ୍ରଛାତ୍ରୀ ଅବଗତ ହେବେ ।

**୪ର୍ଥ ଏକକ :** ଭାରତର ୬ଷ୍ଠ ଶାସ୍ତ୍ରୀୟ ଭାଷା ରୂପେ ଓଡ଼ିଆ ଭାଷା ଗୌରବ ଅର୍ଜନ କରିଛି । ତାହାର ପ୍ରାଚୀନ ଐତିହ୍ୟ ଓ ଭାଷାଗତ ମର୍ଯ୍ୟାଦାକୁ ଅବଗତ ହେବା ସହିତ ତାର ଶାସ୍ତ୍ରୀୟ ମାନ୍ୟତା ବିଷୟରେ ଏହି ଏକକ ଛାତ୍ରଛାତ୍ରୀମାନଙ୍କୁ ପରିଚିତ କରାଇବ ।

# ପାଠ୍ୟ ବିଷୟ

**୧ମ ଏକକ :** କ) ଓଡ଼ିଆ ଧ୍ୱନି ତତ୍ତ୍ୱ (ଧ୍ୱନିର ସଂଜ୍ଞା ଓ ବର୍ଗୀକରଣ)

ଖ) ଶବ୍ଦ ସମ୍ଭାର (ତତ୍ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ)

**୨ୟ ଏକକ :** ଓଡ଼ିଆ ଭାଷାର ଆଂଚଳିକ ରୂପ( ଉତ୍ତରାଞ୍ଚଳୀୟ, ଦକ୍ଷିଣାଞ୍ଚଳୀୟ ଓ ପଶ୍ଚିମାଞ୍ଚଳୀୟ )

**୩ୟ ଏକକ :** ଓଡ଼ିଆ ଭାଷା ଉପରେ ବିଭିନ୍ନ ଭାଷାର ପ୍ରଭାବ : ଦ୍ରାବିଡ଼, ଯାବନିକ ଓ ଇଂରାଜୀ

**୪ର୍ଥ ଏକକ :** ଓଡ଼ିଆ ଭାଷାର ଶାସ୍ତ୍ରୀୟତା

**ସହାୟକ ଗ୍ରନ୍ଥସୂଚୀ (Book of reference):**


୧. ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦ ସମ୍ଭାର – ଧନେଶ୍ୱର ମହାପାତ୍ର, କିତାବ ମହଲ, କଟକ ।

୨. ଓଡ଼ିଆ ଭାଷାର ଉନ୍ମେଷ ଓ ବିକାଶ - ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ . କଟକ ।

୩. ଶାସ୍ତ୍ରୀୟ ଓଡ଼ିଆ ଭାଷା – କରୁଣାକର କର – ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

୪. ଓଡ଼ିଆ ଭାଷା ତତ୍ତ୍ୱ- ଦମୟନ୍ତୀ ବେଶ୍ରା, କିତାବ ଭବନ, ଭୁବନେଶ୍ୱର ।

୫. ଓଡ଼ିଆ ଭାଷାରେ ଦ୍ରାବିଡ ଭାଷାର ପ୍ରଭାବ - ପୀତାମ୍ବର ପ୍ରଧାନ, ଓ.ରା.ପା.ପୁ.ପ୍ର. ଓ ପ୍ର.ସଂସ୍ଥା , ଭୁବନେଶ୍ୱର ।

୬. ଓଡ଼ିଆ ଭାଷା ବିଭବ – ବିଜୟ ପ୍ରସାଦ ମହାପାତ୍ର – ବିଦ୍ୟାପୁରୀ, କଟକ ।

୭. ଭାଷା ଶାସ୍ତ୍ର ପରିଚୟ - ଗୋଲୋକ ବିହାରୀ ଧଳ, ଓ.ରା.ପା.ପୁ.ପ୍ର.ଓ ପ୍ର. ସଂସ୍ଥା, ଭୁବନେଶ୍ୱର ।

୮. ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମ ବିକାଶ - ବଂଶୀଧର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ଭାଷାତତ୍ତ୍ୱ ଓ ଓଡ଼ିଆ ଭାଷାର ଦିଗଦିଗନ୍ତ - ହରପ୍ରାସାଦ ମିଶ୍ର, ବିଜୟିନୀ ପବ୍ଲିକେଶନ୍ସ, କଟକ ।

୧୦. ଓଡ଼ିଆ ଲିପି ଓ ଭାଷା- ଖଗେଶ୍ୱର ମହାପାତ୍ର, ଗ୍ରନ୍ଥମନ୍ଦିର କଟକ ।


**ନମୁନା ପ୍ରଶ୍ନ (Sample Questions):**

୧. ତଦ୍ଭବ ଶବ୍ଦର ସଂଜ୍ଞା ପ୍ରଦାନ କର । (୧ ମାର୍କ)

୨. ଓଡ଼ିଆ ଭାଷାରେ କେତେଗୋଟି ମୌଳିକ ସ୍ୱରଧ୍ୱନି ଅଛି ? ସେଗୁଡିକର ନାମ ଲେଖ । (୨ ମାର୍କ)

୩. ଓଡ଼ିଆ ଭାଷାର ଆଞ୍ଚଳିକରୂପ ଉପରେ ଆଲୋକପାତ କର । (୫ ମାର୍କ)

୪. ଓଡ଼ିଆ ଭାଷା ଉପରେ ଇଂରାଜୀ ଭାଷା ପ୍ରଭାବର ସବିଶେଷ ଦୃଷ୍ଟାନ୍ତ ଦିଅ । (୮ ମାର୍କ)

***

## ଷଷ୍ଠ ପର୍ଯ୍ୟାୟ (Semester-VI)
## ପ୍ରଧାନ ପାଠ୍ୟାଂଶ-୧ (Core Course-I)
## ପଞ୍ଚଦଶ ପତ୍ର (Paper-15)
# ଓଡ଼ିଆ ବ୍ୟାବହାରିକ ବ୍ୟାକରଣ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଭାଷା ବ୍ୟବହାରରେ ତ୍ରୁଟିଶୂନ୍ୟତା ଓ ଶୁଦ୍ଧତା ନିମିତ୍ତ ବ୍ୟାକରଣ ଜ୍ଞାନ ନିତାନ୍ତ ଆବଶ୍ୟକ। ଏହି ପାଠ୍ୟ ପତ୍ରରେ ଓଡ଼ିଆ ଭାଷାର ବ୍ୟାବହାରିକ ବ୍ୟାକରଣିକ ଜ୍ଞାନ ଅର୍ଜନ କରିବାର ସୁଯୋଗ ରହିଛି ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଓଡ଼ିଆ ଭାଷାରେ ବ୍ୟବହୃତ ବିଶେଷ୍ୟ, ବିଶେଷଣ,ସର୍ବନାମ ଓ ଅବ୍ୟୟ ବିଷୟରେ ଅବଗତ ହୋଇ ଛାତ୍ରଛାତ୍ରୀ ନିର୍ଭୁଲ ଭାଷା ପ୍ରୟୋଗରେ ସକ୍ଷମ ହେବେ ।

**୨ୟ ଏକକ :** ଓଡ଼ିଆ ଭାଷାରେ କାରକ ଓ ବିଭକ୍ତିର ସଂଜ୍ଞା ସହିତ ତାର ପ୍ରକାରଭେଦ ଜାଣିବାପାଇଁ ଏହି ଏକକଟି ଉଦ୍ଦିଷ୍ଟ ।

**୩ୟ ଏକକ :** ଓଡ଼ିଆ ଭାଷାର କୃଦନ୍ତ ଓ ତଦ୍ଧିତ ପଦ ତଥା ଉପସର୍ଗଗୁଡ଼ିକ ସମ୍ପର୍କରେ ଜାଣିବା ନିମିତ୍ତ ଏହି ଏକକର ପରିକଳ୍ପନା ।

**୪ର୍ଥ ଏକକ :** ଓଡ଼ିଆ ଭାଷାରେ ସମାସ, ସନ୍ଧି ଆଦିର ଗୁରୁତ୍ୱ ସ୍ୱୀକାର୍ଯ୍ୟ। ଶବ୍ଦ ସଂକ୍ଷେପଣ ବା ଏକପଦୀକରଣ ଜ୍ଞାନ ମଧ୍ୟ ଭାଷା ପ୍ରୟୋଗରେ ଆବଶ୍ୟକ ହୁଏ । ଏ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ଏହି ଏକକର ଲକ୍ଷ୍ୟ ।

# ପାଠ୍ୟ ବିଷୟ

**୧ମ ଏକକ :** ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ

**୨ୟ ଏକକ :** କାରକ, ବିଭକ୍ତି

**୩ୟ ଏକକ :** କୃଦନ୍ତ, ତଦ୍ଧିତ ଓ ଉପସର୍ଗ

**୪ର୍ଥ ଏକକ :** ସନ୍ଧି, ସମାସ ଓ ଏକପଦୀକରଣ

**ସହାୟକ ଗ୍ରନ୍ଥସୂଚୀ (Book of references):**


୧. ସର୍ବସାର ବ୍ୟାକରଣ- ନାରାୟଣ ମହାପାତ୍ର ଓ ଶ୍ରୀଧର ଦାସ, ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ ।

୨. ଆଧୁନିକ ଓଡ଼ିଆ ବ୍ୟାକରଣ – ଧନେଶ୍ୱର ମହାପାତ୍ର, କିତାବ ମହଲ, କଟକ ।

୩. ପ୍ରଚଳିତ ଓଡ଼ିଆ ଭାଷାର ଏକ ବ୍ୟାକରଣ – ବିଜୟ ପ୍ରସାଦ ମହାପାତ୍ର, ବିଦ୍ୟାପୁରୀ, କଟକ ।

୪. ଓଡ଼ିଆ ଭାଷା ଚର୍ଚ୍ଚା ପରମ୍ପରା ଗଗନେନ୍ଦ୍ରନାଥ ଦାସ, ଓଡ଼ିଆ ଗବେଷଣା ପରିଷଦ, କଟକ ।

୫. ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦ ସମ୍ଭାର – ଧନେଶ୍ୱର ମହାପାତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୬. ସାଧାରଣ ଓଡ଼ିଆ ବନାନ ଶୁଦ୍ଧି- ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

୭. ନିର୍ଭୁଲ ଲେଖାର ମୂଳସୂତ୍ର- ନୀଳାଦ୍ରି ଭୂଷଣ ହରିଚନ୍ଦନ, କିତାବ ମହଲ, କଟକ ।

୮. ବ୍ୟାବହାରିକ ଓଡ଼ିଆ ବ୍ୟାକରଣ - କୃଷ୍ଣଚନ୍ଦ୍ର ପ୍ରଧାନ, ବ୍ରଜକିଶୋର ହୋତା, ଭାସ୍କର ପ୍ରଧାନ - ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ

୯. ବୃହତ୍ ବ୍ୟାବହାରିକ ବ୍ୟାକରଣ - ଡକ୍ଟର ତ୍ରିଲୋଚନ ବେହେରା, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ ।

**ନମୁନା ପ୍ରଶ୍ନ (Sample Questions ) :**

୧. କାରକ କେତେ ପ୍ରକାର ଲେଖ । (୧ ମାର୍କ)

୨. କୃଦନ୍ତ ଓ ତଦ୍ଧିତ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (୨ ମାର୍କ)

୩.ବିଶେଷ୍ୟର ସଂଜ୍ଞା ପ୍ରଦାନ କରି ପ୍ରକାରଭେଦ ଲେଖ । (୫ ମାର୍କ)

୪. ସନ୍ଧି କଣ? ଉଦାହରଣ ସହ ସନ୍ଧିର ରୂପଭେଦ ଦର୍ଶାଅ। (୮ ମାର୍କ)

***

## ସପ୍ତମ ପର୍ଯ୍ୟାୟ (Semester-VII)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ଷୋଡ଼ଶ ପତ୍ର (Paper-16)

# ଓଡ଼ିଆ ଭାଷାର ବ୍ୟାବହାରିକ ପ୍ରୟୋଗ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସାରସ୍ୱତ ସୃଷ୍ଟି ବ୍ୟତୀତ ଭାଷା ବିବିଧ କାର୍ଯ୍ୟରେ ବ୍ୟବହୃତ ହୁଏ । ଭାଷାର ସେହି ବ୍ୟବହାରଗତ ପ୍ରୟୋଗ ରୀତି ଜାଣିବା ନିମିତ୍ତ ଓଡ଼ିଆ ଭାଷାର ବ୍ୟାବହାରିକ ପ୍ରୟୋଗ ପତ୍ର ପଠନ ପ୍ରାସଙ୍ଗିକ ମନେହୁଏ । ଏହି ପତ୍ରରେ ବିଭିନ୍ନ ବିଷୟ ଉପରେ ପ୍ରଦତ୍ତ ବକ୍ତବ୍ୟ ସମ୍ବାଦ ପ୍ରସ୍ତୁତି, ନଥି ପ୍ରସ୍ତୁତି, ବିଜ୍ଞପ୍ତି ପ୍ରକାଶନ ଏବଂ ଆଜିର ସମୟରେ ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ବିଷୟକ ଜ୍ଞାନ ଅର୍ଜନ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ହେବ।

### Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):

**୧ମ ଏକକ :** କୌଣସି ପ୍ରସଙ୍ଗ ଉପରେ ଦଳଗତ ଆଲୋଚନା ବା କୌଣସି ସମାରୋହରେ ଭାଷଣ ପ୍ରଦାନ କରିବାର କଳା କିପରି ହେବା ଆବଶ୍ୟକ, ଏହି ଏକକରୁ ସେହି ଶିକ୍ଷା ମିଳିବ ।

**୨ୟ ଏକକ :** ସାକ୍ଷାତକାର ଓ ସମ୍ବାଦ ପ୍ରସ୍ତୁତି ପାଇଁ ମଧ୍ୟ ଭାଷାର ଶୁଦ୍ଧତା ଓ ସଂଯମତା ଆବଶ୍ୟକ । ଛାତ୍ରୀଛାତ୍ରୀଙ୍କୁ ସେହି ଜ୍ଞାନ ପ୍ରଦାନ କରିବ ଏହି ଏକକଟି ।

**୩ୟ ଏକକ :** ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀମାନେ କିପରି ଓଡ଼ିଆ ଭାଷାରେ ନଥି ପ୍ରସ୍ତୁତକରି ଟିପ୍ପଣୀ ଲେଖିବେ, ଅନୁମୋଦନ ପତ୍ର ପ୍ରସ୍ତୁତ କରିବେ ବା କାର୍ଯ୍ୟାଳୟର ପତ୍ର ବିନିମୟ କିପରି ହେବ ତତ୍ ସମ୍ପର୍କୀୟ କଳାକୌଶଳ ଜାଣିବା ପାଇଁ ଏହି ଏକକଟି ସହାୟକ ହେବ ।

**୪ର୍ଥ ଏକକ :** ପ୍ରତ୍ୟେକ ଭାଷାର କମ୍ପ୍ୟୁଟରୀକରଣ ଆଜିର ଯୁଗରେ ଜରୁରୀ ହୋଇପଡ଼ିଛି । ତେଣୁ ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ବିଷୟରେ ଏହି ଏକକ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବ ।

# ପାଠ୍ୟ ବିଷୟ

**୧ମ ଏକକ :** ଭାଷଣ କଳା, ଦଳଗତ ଆଲୋଚନା

**୨ୟ ଏକକ :** ସମ୍ବାଦ ପ୍ରସ୍ତୁତି, ସାକ୍ଷାତକାର

**୩ୟ ଏକକ :** କାର୍ଯ୍ୟାଳୟରେ ଓଡ଼ିଆ ଲିଖନ ବିଧି (ନଥି ପ୍ରସ୍ତୁତି, ଟିପ୍ପଣୀ, ଅନୁମୋଦନ, ଚିଠା ପ୍ରସ୍ତୁତି, ଅଧିସୂଚନା ବିଜ୍ଞପ୍ତି, ଘୋଷଣା ଲିଖନ, ପତ୍ର ଲିଖନ)

**୪ର୍ଥ ଏକକ :** ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ସଫ୍ଟୱେୟାର ଏବଂ ହାର୍ଡ ୱେୟାର, ଓଡ଼ିଆ ଫଣ୍ଟସ୍, କୀ-ବୋର୍ଡ, ବନାନ ଓ ବ୍ୟାକରଣ ଯାଞ୍ଚ ପ୍ରକ୍ରିୟା, ଓଡ଼ିଆରେ ଇଂଟରନେଟ୍‌ର ବ୍ୟବହାର, ଓଡ଼ିଆ ସାମାଜିକ ୱେବ୍‌ସାଇଟ୍

**ସହାୟକ ଗ୍ରନ୍ଥସୂଚୀ (Books of reference) :**


୧. ଗଣମାଧ୍ୟମ ଓ ଗଣଯୋଗାଯୋଗ- ଶିଶିର ବେହେରା, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ ।

୨. ଭାଷଣ କଳା ଓ ଅନ୍ୟାନ୍ୟ ପ୍ରସଙ୍ଗ - କୃଷ୍ଣଚନ୍ଦ୍ର ପ୍ରଧାନ, ସତ୍ୟନାରାୟଣ ବୁକ୍ ଷ୍ଟୋର ।

୩. ସମ୍ବାଦ ପତ୍ର ଓ ଗଣମାଧ୍ୟମ – ମୃଣାଳ ଚାଟାର୍ଜୀ, ଶେଫାଳୀ କମ୍ୟୁନିକେଶନ୍, ଢେଙ୍କାନାଳ ।

୪. ପ୍ରାୟୋଗିକ ଭାଷା ଓ ବିଜ୍ଞାପନର ଦିଗ ବିଦିଗ – କେ. ବି. ପଟ୍ଟନାୟକ, ଓ.ରା.ପା.ପୁ.ପ୍ର. ସଂସ୍ଥା, ଭୁବନେଶ୍ୱର

୫. ସଂଯୋଗ ଅନୁବିଧି – ସନ୍ତୋଷ କୁମାର ତ୍ରିପାଠୀ, ନାଳନ୍ଦା, ବିନୋଦବିହାରୀ, କଟକ ।

୬. ଓଡ଼ିଆରେ କମ୍ପ୍ୟୁଟର ଶିକ୍ଷା – ରୁଦ୍ର ନାରାୟଣ ମହାପାତ୍ର, ସତ୍ୟନାରାୟଣ ବୁକ୍‌ଷ୍ଟୋର, କଟକ।

୭. ଓଡ଼ିଆ ଭାଷାର କମ୍ପ୍ୟୁଟର ପ୍ରୟୋଗ – ସୁଧୀର ଚନ୍ଦ୍ର ମହାନ୍ତି, ଏ କେ ମିଶ୍ର, ପବ୍ଲିକେଶନସ୍, କଟକ ।

୮. ଯୋଗାଯୋଗର ଭାଷା ଓଡ଼ିଆ – ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

୯. ଓଡ଼ିଆ ସାମ୍ବାଦିକତା ଓ ରାଧାନାଥ ରଥ- ସତ୍ୟ ରାୟ, ବିଦ୍ୟାପୁରୀ, କଟକ ।

୧୦. କାଯ୍ୟାଳୟ ନଥି – ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ।


**ନମୁନା ପ୍ରଶ୍ନ (Sample Questions) :**

୧. ମୁଦ୍ରିତ ସମ୍ବାଦର ଯିଏ ତ୍ରୁଟି ବିଚ୍ୟୁତି ସଂଶୋଧନ କରନ୍ତି, ତାଙ୍କୁ କଣ କୁହାଯାଏ ? (୧ ମାର୍କ)

୨. ଅଧିସୂଚନା ବିଜ୍ଞପ୍ତି କଣ ? (୨ ମାର୍କ)

୩.ସଫ୍ଟ ୱେୟାର ଓ ହାର୍ଡ ୱେୟାର୍ ମଧ୍ୟରେ ପାର୍ଥକ୍ୟ କଣ ? (୫ ମାର୍କ)

୪. ଭାଷଣ କଳାର ଅଭିବୃଦ୍ଧି ପାଇଁ କେଉଁକେଉଁ ଦିଗପ୍ରତି ସଚେତନ ରହିବାକୁ ପଡ଼େ, ଦର୍ଶାଅ । (୮ ମାର୍କ)

***

## ସପ୍ତମ ପର୍ଯ୍ୟାୟ (Semester-VII)
## ପ୍ରଧାନ ପାଠ୍ୟାଂଶ (Core Course-I)
## ସପ୍ତଦଶ ପତ୍ର (Paper-17)
# ପ୍ରାଚ୍ୟ ଓ ପାଶ୍ଚାତ୍ୟ କାବ୍ୟତତ୍ତ୍ୱ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସ୍ନାତକ ଶ୍ରେଣୀର ଛାତ୍ରଛାତ୍ରୀମାନେ ପ୍ରାଚ୍ୟ ଓ ପାଶ୍ଚାତ୍ୟ କାବ୍ୟ ତତ୍ତ୍ୱ ସମ୍ପର୍କରେ ଜାଣିବା ଆବଶ୍ୟକ । ପ୍ରାଚୀନ ଓଡ଼ିଆ ସାହିତ୍ୟ, ପ୍ରାଚ୍ୟ କାବ୍ୟ ତତ୍ତ୍ୱ ଦ୍ୱାରା ଯେପରି ଅନୁପ୍ରାଣିତ ଆଧୁନିକ ସାହିତ୍ୟରେ ସେହିପରି ପାଶ୍ଚାତ୍ୟ କାବ୍ୟ ତତ୍ତ୍ୱର ପ୍ରଭାବ ଲକ୍ଷଣୀୟ । ଏଣୁ ଏହି ଉଭୟ କାବ୍ୟ ତତ୍ତ୍ୱ ସମ୍ପର୍କରେ ଆବଶ୍ୟକ ଜ୍ଞାନ ଆହରଣ ନିମିତ୍ତ ଏହି ପାଠ୍ୟ ପତ୍ରଟି ସହଯୋଗ କରିବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଭାରତୀୟ କାବ୍ୟ ତତ୍ତ୍ୱର ରସ, ରୀତି ଓ ଗୁଣର ସଂଜ୍ଞା, ସ୍ୱରୂପ ତଥା ପ୍ରକାରଭେଦ ଜାଣିବା ପାଇବା ଏହି ଏକକରେ ସୁଯୋଗ ରହିଛି ।

**୨ୟ ଏକକ :** କାବ୍ୟ ସ୍ରଷ୍ଟା ବକ୍ରୋକ୍ତି ଓ ଅଳଙ୍କାର ପ୍ରୟୋଗ କରି କାବ୍ୟର ମହତ୍ତ୍ୱ ବର୍ଦ୍ଧନ କରେ । ପ୍ରାଚ୍ୟ କାବ୍ୟ ତତ୍ତ୍ୱର ଏ ଉଭୟର ତାତ୍ତ୍ୱିକ ଦିଗ ଶିକ୍ଷାର୍ଥୀମାନେ ଜାଣି ପାରିବେ ଏହି ଏକକରେ ।

**୩ୟ ଏକକ :** ପାଶ୍ଚାତ୍ୟ କାବ୍ୟ ତତ୍ତ୍ୱରେ କ୍ଲାସିକ ରୋମାଣ୍ଟିକ ଓ ବାସ୍ତବ ବାଦର ଭୂମିକା ସ୍ୱୀକାର୍ଯ୍ୟ । ଏହି ତିନି ଗୋଟି ପାଶ୍ଚାତ୍ୟ ବାଦ ଉପରେ ଏହି ଏକକ ଧାରଣା ଦେବ। ।

**୪ର୍ଥ ଏକକ :** ମିଥ୍, ପ୍ରତୀକ, ଚିତ୍ରକଳ୍ପ ଆଧୁନିକ ସାହିତ୍ୟର ଅପରିହାର୍ଯ୍ୟ ଉପାଦାନ । ଏହି ତିନି ଗୋଟି ପାଶ୍ଚାତ୍ୟ ତତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀ ଏହି ଏକକରୁ ଜାଣି ପାରିବେ ।

# ପାଠ୍ୟ ବିଷୟ

**୧ମ ଏକକ :** ରସ, ରୀତି ଓ ଗୁଣର ସଂଜ୍ଞା, ସ୍ୱରୂପ ଓ ପ୍ରକାର ଭେଦ

**୨ୟ ଏକକ :** ବକ୍ରୋକ୍ତି ଓ ଅଳଙ୍କାରର ସଂଜ୍ଞା ସ୍ୱରୂପ ଓ ପ୍ରକାରଭେଦ

**୩ୟ ଏକକ :** କ୍ଲାସିସିଜମ୍ , ରୋମାଂଟିସିଜମ୍ ଓ ବାସ୍ତବବାଦ

**୪ର୍ଥ ଏକକ :** ପ୍ରତୀକବାଦ, ମିଥ୍ ଓ ଚିତ୍ରକଳ୍ପ

**ସହାୟକ ଗ୍ରନ୍ଥସୂଚୀ (Book of reference) :**


୧. ଭାରତୀୟ ସାହିତ୍ୟ ତତ୍ତ୍ୱ - ବନମାଳୀ ରଥ, ଓଡ଼ିଶା ରା. ପା. ପୁ. ପ୍ର. ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର ।

୨. ଅଳଙ୍କାର ପ୍ରସଙ୍ଗ –ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସାହିତ୍ୟ ତତ୍ତ୍ୱ ପ୍ରାଚ୍ୟ ପାଶ୍ଚାତ୍ୟ – ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. କାବ୍ୟ ତତ୍ତ୍ୱ - ଜିତେନ୍ଦ୍ର କୁମାର ଦାଶ, ଏ. କେ. ମିଶ୍ର, କଟକ ।

୫. କାବ୍ୟ ବିଚାର – ସୁରେନ୍ଦ୍ର ନାଥ ଦାଶଗୁପ୍ତ, ଅନୁ – ଶିଶିର ବେହେରା, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

୬. ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ- ସଂ. କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ ।
୭. ସାହିତ୍ୟର ସୂଚୀପତ୍ର – ବିଭୂତି ପଟ୍ଟନାୟକ, ନାଳନ୍ଦା/ ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।
୮. କାବ୍ୟ ଓ କଳାକାର (ଶୁକ୍ଳାଭିସାର ତିମିରାଭିସାର) - ଚିନ୍ତାମଣି ବେହେରା, ଜଗନ୍ନାଥ ରଥ, କଟକ ।
୯. ସାମ୍ପ୍ରତିକ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ – ଚିତ୍ତ ରଞ୍ଜନ ମିଶ୍ର, ଗ୍ରନ୍ଥ ମନ୍ଦିର, କଟକ ।
୧୦. ସାହିତ୍ୟର ସନ୍ଧିଧାନ : ପୂର୍ଣଚନ୍ଦ୍ର ମହାନ୍ତି, ଫ୍ରେଣ୍ଡସ୍ ଏମ୍ପୋରିଅମ, ସମ୍ବଲପୁର ।

**ନମୁନା ପ୍ରଶ୍ନ (Sample Questions):**

୧. ସାହିତ୍ୟରେ କେତେଗୋଟି ରୀତି ପ୍ରଚଳିତ ।(୧ ମାର୍କ)
୨. ଶୃଙ୍ଗାର ରସର ଦୁଇଗୋଟି ଭେଦ ଲେଖ । (୨ ମାର୍କ)
୩. କାକୁ ବକ୍ରୋକ୍ତି ଉପରେ ଆଲୋକପାତ କର । (୫ ମାର୍କ)
୪. ସାହିତ୍ୟରେ ମିଥ୍ ପ୍ରୟୋଗର ପ୍ରାସଙ୍ଗିକତା ଲେଖ । (୮ ମାର୍କ)

***

## ସପ୍ତମ ପର୍ଯ୍ୟାୟ (Semester-VII)
## ପ୍ରଧାନ ପାଠ୍ୟାଂଶ-୧ (Core Course-I)
## ଅଷ୍ଟାଦଶ ପତ୍ର (Paper-18)
# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଅନୁଶୀଳନ (୧୯୪୭ ରୁ ୨୦୦୦)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଭାରତ ସ୍ୱାଧୀନତା ଲାଭକରିବା ପରେ ଶାସନ ବ୍ୟବସ୍ଥାରେ ଯେପରି ପରିବର୍ତ୍ତନ ଘଟିଲା, ଭାରତୀୟ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହିପରି ବ୍ୟାପକ ପରିବର୍ତ୍ତନ ଘଟିଥିବାର ଲକ୍ଷ୍ୟ କରାଯାଏ । ଏହି ପରିପ୍ରେକ୍ଷୀରେ ସ୍ୱାଧୀନତା ପରକାଳର ଓଡ଼ିଆ କବିତାରେ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ କି କି ନୂତନତା ସମ୍ପାଦିତ ହେଲା ତାହାର ଅନୁଶୀଳନ କରି ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ଗୁଣାତ୍ମକମୂଲ୍ୟ ଉପଲବ୍ଧି କରିବା ନିମିତ୍ତ ଏହି ପତ୍ରର ପାଠ୍ୟଖସଡ଼ା ପ୍ରସ୍ତୁତ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ପୃଷ୍ଠଭୂମିରେ ଯେଉଁସବୁ କାରଣ ଓ କାରକ ରହିଥିଲା, ତାହା ଅବଗତ ହେବା ନିମିତ୍ତ ଶଂସିତ ଏକକ ସହାୟକ ହେବ ।

**୨ୟ ଏକକ :** ପୂର୍ବବର୍ତ୍ତୀ କବିତାଠାରୁ ସ୍ୱାଧୀନତା ପରବର୍ତ୍ତୀକାଳର ଓଡ଼ିଆ କବିତାରେ ବହୁ ନୂତନଦିଗ ଆତ୍ମପ୍ରକାଶ କଲା । ସେହିସବୁ ଦିଗର ଅନୁଶୀଳନକରି ସ୍ୱାଧୀନତାପର ଓଡ଼ିଆ କବିତାର ଆତ୍ମିକ ବୈଶିଷ୍ଟ୍ୟକୁ ଚିହ୍ନିବାରେ ଏହି ଏକକ ଶିକ୍ଷାର୍ଥୀଙ୍କୁ ସହାୟତା କରିବ ।

**୩ୟ ଏକକ :** ଆତ୍ମିକ ଦିଗ ପରି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଆଙ୍ଗିକ ଦିଗର ଆକଳନ କରିବା ସହିତ ତାହାର ବିଶେଷତ୍ୱ ନିର୍ଦ୍ଧାରଣ କରିବାପାଇଁ ଏହି ଏକକ ଉଦ୍ଦିଷ୍ଟ ।

**୪ର୍ଥ ଏକକ:** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ବହୁ ବିଶିଷ୍ଟ କବିଙ୍କ ଦାନରେ ସମୃଦ୍ଧ। ସେମାନଙ୍କ ମଧ୍ୟରୁ ସଚ୍ଚିଦାନନ୍ଦ, ରମାକାନ୍ତ ପ୍ରମୁଖ କେତେଜଣ ସୁପ୍ରତିଷ୍ଠିତ କବିଙ୍କ କାବ୍ୟଧାରା ଉପରେ ଅବଗତ ହେବାପାଇଁ ଏହି ଏକକରେ ସୁଯୋଗ ରହିଛି ।

# ପାଠ୍ୟ ବିଷୟ

**୧ମ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ପୃଷ୍ଠଭୂମି

**୨ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଆତ୍ମିକ ବୈଶିଷ୍ଟ୍ୟ

**୩ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଆଙ୍ଗିକ ଦିଗ

**୪ର୍ଥ ଏକକ :** ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ କାବ୍ୟସ୍ରଷ୍ଟା

(ସଚ୍ଚିଦାନନ୍ଦ, ଗୁରୁପ୍ରସାଦ, ରମାକାନ୍ତ, ସୀତାକାନ୍ତ, ରାଜେନ୍ଦ୍ର ପଣ୍ଡା, ପ୍ରତିଭା ଶତପଥୀ)

**ସହାୟକ ଗ୍ରନ୍ଥସୂଚୀ (Book of reference):**


୧. ସତୁରୀରୁ ସହସ୍ରାବ୍ଦୀ – ନିତ୍ୟାନନ୍ଦ ଶତପଥୀ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ ।

୨. ଆଧୁନିକ ଓଡ଼ିଆ କବିତାର କୁଳ ଓ ଶୀଳ - ଶରତ ଚନ୍ଦ୍ର ପ୍ରଧାନ, ବିଜୟିନୀ ପବ୍ଲିକେଶନସ୍, କଟକ ।

୩. ଆଧୁନିକତାର ଉତ୍ତରଣ : ଓଡ଼ିଆ କବିତା ଓ କବି ଦୃଷ୍ଟି - ବବ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲି କେଶନସ୍, କଟକ ।

୪. ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ- ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ।

୫. ଆଧୁନିକ ଉତ୍ତର ଆଧୁନିକ – ଦେବାଶିଷ ପାତ୍ର, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୬. ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା - ଶତ୍ରୁଘ୍ନ ପାଣ୍ଡବ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୭. ସୂର୍ଯ୍ୟସ୍ନାତ – ଯତୀନ୍ଦ୍ର ମୋହନ ମହାନ୍ତି, ସୁବର୍ଣ୍ଣରେଖା, ଭୁବନେଶ୍ୱର-୬ ।

୮. ଆଧୁନିକ କାବ୍ୟ ଜିଜ୍ଞାସା : ଚିତ୍ର କଳ୍ପ - ଦାଶରଥି ଦାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୯. ନୂଆ କବିତାର ନକ୍ସା - ଦିଲୀପ କୁମାର ସ୍ୱାଇଁ, ବିଜୟିନୀ ପବ୍ଲିକେଶନସ୍, କଟକ ।

୧୦. କବିତା ୧୯୬୨ ଓ ନୂତନ କବିତାର ଭୂମିକା – ସଚ୍ଚିଦାନନ୍ଦ ରାଉତରାୟ , ଗ୍ରନ୍ଥମନ୍ଦିର, କଟକ ।


**ନମୁନା ପ୍ରଶ୍ନ  (Sample Questions):**

୧. ସୀତାକାନ୍ତ ମହାପାତ୍ରଙ୍କ ପ୍ରଥମ କବିତା ସଙ୍କଳନର ନାମ କଣ? (୧ ମାର୍କ)

୨.ସ୍ୱାଧୀନତା ପରବର୍ତ୍ତୀ କାଳରେ ରଚିତ କବି ସଚ୍ଚିଦାନନ୍ଦଙ୍କ ଦୁଇଟି କବିତାଗ୍ରନ୍ଥର ନାମ ଲେଖ। (୨ ମାର୍କ)

୩. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ରାଜନୀତିକ ପୃଷ୍ଠଭୂମି ଉପରେ ଆଲୋକପାତ କର।(୫ ମାର୍କ)

୪. ସ୍ୱାଧୀନତୋତ୍ତର ଓଡ଼ିଆ କବିତାର ଆତ୍ମିକ ବୈଶିଷ୍ଟ୍ୟ ନିର୍ଦ୍ଧାରଣ କର।(୮ ମାର୍କ)

***

## ସପ୍ତମ ପର୍ଯ୍ୟାୟ (Semester-VII)
## ପ୍ରଧାନ ପାଠ୍ୟାଂଶ-୧ (Core Course-I)
## ଊନବିଂଶ ପତ୍ର (Paper-19)
# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥାସାହିତ୍ୟର ଅନୁଶୀଳନ (୧୯୪୭ ରୁ ୨୦୦୦)

**Course Outcome (ପାଠ୍ୟକ୍ରମ ଫଳଶ୍ରୁତି):**

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଗଳ୍ପ-ଉପନ୍ୟାସର ଗତି ଓ ପ୍ରବୃତ୍ତି କିପରି ଭିନ୍ନମୋଡ଼ ନେଇଛି ତାହାର କଳାତ୍ମକ ଅନୁଶୀଳନ ମାଧ୍ୟମରେ ସ୍ୱାଧୀନତା ପରକାଳର ଓଡ଼ିଆ କଥାସାହିତ୍ୟକୁ ସୂକ୍ଷ୍ମରୂପେ ଉପଲବ୍ଧି କରିବା ସ୍ନାତକ ସମ୍ମାନ ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଗୁରୁତ୍ୱ ରଖେ । ଛାତ୍ରଛାତ୍ରୀଙ୍କୁ ଶଂସିତ କାଳର କଥା ଓ କଥାକାର ଏବଂ ତାଙ୍କର ସାରସ୍ୱତ ଅବଦାନକୁ ଉପଲବ୍ଧି କରିବାପାଇଁ ଏହି ପତ୍ର ସହାୟକ ହେବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳ ଶ୍ରୁତି):**

**୧ମ ଏକକ :** ସାହିତ୍ୟର ପ୍ରବୃତ୍ତିଗତ ପରିବର୍ତ୍ତନ ପଛରେ ବିବିଧ କାରଣ ବିଦ୍ୟମାନ ଥାଏ । ସେଗୁଡ଼ିକର ବିଶେଷ ଅନୁଶୀଳନ କରିବା ପାଇଁ ଶଂସିତ ଏକକ ଖୋରାକ ଯୋଗାଇବ ।

**୨ୟ ଏକକ :** ସ୍ୱାଧୀନତା ପରେ ଓଡ଼ିଆ ଗଳ୍ପସାହିତ୍ୟ ଯେପରି ବ୍ୟାପକ ରୂପଲାଭ କରିଛି, ସେହିପରି ତାର ରଚନାଶୈଳୀ ଓ ଆତ୍ମିକ ସତ୍ତାରେ ଅଭିନବତା ପ୍ରସ୍ଫୁଟିତ ହୋଇଛି, ତାହାକୁ ଚିହ୍ନିବା ପାଇଁ ଏହି ଏକକର ପାଠ୍ୟଖସଡ଼ା ପଥ ପ୍ରଦର୍ଶନ କରିବ ।

**୩ୟ ଏକକ :** ବିଷୟ ବସ୍ତୁ ଓ ଉପସ୍ଥାପନା କୌଶଳ ଦୃଷ୍ଟିରୁ ସ୍ୱାଧୀନତା ପରେପରେ ଓଡ଼ିଆ ଉପନ୍ୟାସର ବିକାଶଧାରା ବେଶ୍ ଉଲ୍ଲେଖଯୋଗ୍ୟ । ସମାଜ, ରାଜନୀତି, ପଲ୍ଲୀ ଓ ସହରର ମାନବିକ ମୂଲ୍ୟବୋଧ, ପ୍ରାକୃତିକ ବିପର୍ଯ୍ୟୟ, ତଥା ବହୁ ସମସ୍ୟାକୁ ଆଧାର କରି ଉପନ୍ୟାସ ସାହିତ୍ୟର କିପରି ପୁଷ୍ଟି ବିଧାନ ହୋଇଛି, ଛାତ୍ରଛାତ୍ରୀ ଏହି ଏକକରୁ ତାହା ଅବଶ୍ୟ ଅନୁଭବ କରିପାରିବେ ।

**୪ର୍ଥ ଏକକ :** ଶତାଧିକ କଥାକାରଙ୍କ ମଧ୍ୟରୁ ସ୍ୱାଧୀନତା ପରବର୍ତ୍ତୀ କାଳର କେତେଜଣ ଦିଗ୍‌ଗଜ ଗଳ୍ପକାର ଓ ଔପନ୍ୟାସିକଙ୍କ ସମ୍ପର୍କରେ ଏହି ଏକକ ଶିକ୍ଷାର୍ଥୀଙ୍କୁ ଧାରଣା ପ୍ରଦାନ କରିବ ।

## ପାଠ୍ୟ ବିଷୟ

**୧ମ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥାସାହିତ୍ୟର ପୃଷ୍ଠଭୂମି

**୨ୟ ଏକକ :** ସ୍ୱାଧୀନତୋତ୍ତର ଓଡ଼ିଆ ଗଳ୍ପର ଗତି ଓ ପ୍ରବୃତ୍ତି

**୩ୟ ଏକକ :** ସ୍ୱାଧୀନତା ପରବର୍ତୀ ଓଡ଼ିଆ ଉପନ୍ୟାସର ବିକାଶଧାରା ଓ ବୈଶିଷ୍ଟ୍ୟ

**୪ର୍ଥ ଏକକ:** ସ୍ୱାଧୀନତୋତ୍ତର ପ୍ରମୁଖ ଓଡ଼ିଆ କଥାକାର

କ) ଗଳ୍ପ -ମନୋଜ ଦାସ, ଅଖିଳମୋହନ ପଟ୍ଟନାୟକ, ବୀଣାପାଣି ମହାନ୍ତି

ଖ) ଉପନ୍ୟାସ – ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ, ପ୍ରତିଭା ରାୟ

**ସହାୟକ ଗ୍ରନ୍ଥ ସୂଚୀ (Book of reference):**

୧. ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ - ୧ମ ଓ ୨ୟ ଭାଗ ସଂ. ପଠାଣି ପଟ୍ଟନାୟକ, ଭୋଳାନାଥ ରାଉତ, ଓଡ଼ିଶା ବୁକ୍ ଷ୍ଟୋର, କଟକ

୨. ଓଡ଼ିଆ ଉପନ୍ୟାସ – କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୩. ଗଳ୍ପ ଗାଳ୍ପିକ ଗଳ୍ପାୟନ - ଦେବାଶିଷ ପାତ୍ର, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ

୪. ଓଡ଼ିଆ କଥା ସାହିତ୍ୟର ବିଭା ଓ ବିବିଧତା – ବଭ୍ରୁବାହନ ମହାପାତ୍ର, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ

୫. ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ, (୧ମ ଓ ୨ୟ ଭାଗ) –ବୈଷ୍ଣବ ଚରଣ ସାମଲ, ବୁକ୍ସ୍ ଏଣ୍ଡ୍ ବୁକ୍ସ୍, କଟକ

୬. ଓଡ଼ିଆ ଉପନ୍ୟାସ ପରିଚିତି (୧ମ ଓ ୨ୟ ଭାଗ) - ନାରାୟଣ ସାହୁ

୭. ଓଡ଼ିଆ କଥାସାହିତ୍ୟରେ ନାରୀବାଦ - ସଂ. ସବିତା ପ୍ରଧାନ, ଅଗ୍ରଦୂତ, କଟକ

୮. ସୁରେନ୍ଦ୍ର ସାହିତ୍ୟ ସମୀକ୍ଷଣ – ସଂ. ପ୍ରକାଶ କୁମାର ପରିଡା, ଗିରୀଶଚନ୍ଦ୍ର ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୯. ସାହିତ୍ୟ ସାଧକ ଶାନ୍ତନୁ କୁମାର ଆଚାର୍ଯ୍ୟ – ବାଉରୀବନ୍ଧୁ କର, ଗ୍ରନ୍ଥମନ୍ଦିର, କଟକ

୧୦. ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା- ବ୍ରହ୍ମାନନ୍ଦ ଖୁଂଟିଆ, ନବଦିଗନ୍ତ, ବିନୋଦବିହାରୀ, କଟକ

**ନମୁନା ପ୍ରଶ୍ନ (Sample Questions ) :**

୧. ଯେକୌଣସି ଏକ ଚେତନାପ୍ରବାହୀ ଉପନ୍ୟାସର ନାମ ଲେଖ । (୧ ମାର୍କ)

୨. ଦୁଇଟି ମନସ୍ତାତ୍ତ୍ୱିକ ଗଳ୍ପର ଉଦାହରଣ ଦିଅ । (୨ ମାର୍କ)

୩. ଅଖିଳମୋହନ ପଟ୍ଟନାୟକଙ୍କ ଗଳ୍ପକଳାର ବିଶେଷତ୍ୱ ଲେଖ । (୫ ମାର୍କ)

୪. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ପ୍ରତିଫଳିତ ପାରିବାରିକ ଜୀବନ ଉପରେ ଆଲୋକପାତ କର । (୮ ମାର୍କ)

***

## ଅଷ୍ଟମ ପର୍ଯ୍ୟାୟ (Semester-VIII)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ବିଂଶ ପତ୍ର (Paper-20)

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟ ସାହିତ୍ୟର ଅନୁଶୀଳନ (୧୯୪୭ ରୁ ୨୦୦୦)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଓଡ଼ିଆ ନାଟକର ବିକାଶଧାରାରେ ସ୍ୱାଧୀନତା ପରବର୍ତ୍ତୀକାଳ ଯଥେଷ୍ଟ ଗୁରୁତ୍ୱରଖେ । ପୁନଶ୍ଚ, ନବନାଟ୍ୟ ଆନ୍ଦୋଳନ ପରେ ବିବିଧ ପରୀକ୍ଷାନିରୀକ୍ଷା ଓଡ଼ିଆ ନାଟକରେ ପ୍ରତିଭାତ ହୋଇଥାଏ । ଏକାଙ୍କିକା ବା କ୍ଷୁଦ୍ର ନାଟକ ମଧ୍ୟ ଆମ ସାହିତ୍ୟରେ ପ୍ରଭାବଶାଳୀ ଭୂମିକା ଗ୍ରହଣକରିଛି । ଏସବୁର ଗଭୀର ଅନୁଶୀଳନ ସହିତ ସଂଳାପ, ମଞ୍ଚ କୌଶଳ, ପ୍ରଭୃତି ବିବିଧ ବିଷୟର ଜ୍ଞାନ ହାସଲ କରିବାପାଇଁ ଏହି ପାଠ୍ୟପତ୍ରଟି ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଏହି ଏକକଟି ସ୍ୱାଧୀନତା ପରବର୍ତ୍ତୀ କାଳର ନାଟ୍ୟସାହିତ୍ୟର ପୃଷ୍ଠଭୂମି, ତାର ଦିଗଦିଗନ୍ତ ଆକଳନ କରିବା ପାଇଁ ପ୍ରେରଣା ଯୋଗାଇବ ।

**୨ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟସାହିତ୍ୟର ଅଙ୍ଗସଜ୍ଜା ଓ ଆତ୍ମିକରୂପର ଅନୁଧ୍ୟାନ କରିବାକୁ ଏହି ଏକକରେ ଛାତ୍ରଛାତ୍ରୀ ପ୍ରବୃତ୍ତ ରହିବେ ।

**୩ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଛୋଟନାଟକ ବା ଏକାଙ୍କିକା ସାହିତ୍ୟର ଧାରା ଓ ଧର୍ମ ଅନ୍ୱେଷଣ କରିବାପାଇଁ ଶଂସିତ ଏକକଟି ଅନୁପ୍ରେରିତ କରିବ ।

**୪ର୍ଥ ଏକକ :** ଉଭୟ ନାଟକ ଓ ଏକାଙ୍କିକା ରଚନାରେ ନିମଗ୍ନ ଥିବା ନାଟ୍ୟକାରଙ୍କ ମଧ୍ୟରୁ କେତେଜଣ ବରେଣ୍ୟ ନାଟ୍ୟସ୍ରଷ୍ଟାଙ୍କ ରଚନାସମ୍ଭାର ଓ ତାର ଗୁଣଗତ ବିଶେଷତ୍ୱକୁ ଛାତ୍ରଛାତ୍ରୀ ଜାଣିବାର ସୁଯୋଗ ପାଇବେ ଏହି ଏକକରେ ।

## ପାଠ୍ୟ ବିଷୟ

**୧ମ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟ୍ୟ ସାହିତ୍ୟର ପୃଷ୍ଠଭୂମି

**୨ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକର ସ୍ୱରୂପ

**୩ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଏକାଙ୍କିକାର ଧରା ଓ ଧାରା

**୪ର୍ଥ ଏକକ :** ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଓଡ଼ିଆ ନାଟ୍ୟ ରଚୟିତା :

**ନାଟକ -**ଗୋପାଳ ଛୋଟରାୟ, ରାମଚନ୍ଦ୍ର ମିଶ୍ର, ମନୋରଂଜନ ଦାସ,

**ଏକାଙ୍କିକା -** ପ୍ରାଣବନ୍ଧୁ କର, ବିଜୟ ମିଶ୍ର, ବିଶ୍ୱଜିତ ଦାସ,

**ସହାୟକ ଗ୍ରନ୍ଥ (Book of reference) :**


୧. ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା (୧ମ,୨ୟ.୩ୟ, ୪ର୍ଥ ଖଣ୍ଡ)- ହେମନ୍ତ କୁମାର ଦାସ, ସାଥୀମହଲ, କଟକ

୨. ଓଡ଼ିଆ ନାଟକର ଇତିହାସ – ନୀଳାଦ୍ରି ଭୂଷଣ ହରିଚନ୍ଦନ, ଫେଣ୍ଡ୍ସ୍ ପବ୍ଲିଶର୍ସ, କଟକ

୩. ସ୍ୱାଧୀନତୋତ୍ତର ଓଡ଼ିଆ ନାଟକ - ନାରାୟଣ ସାହୁ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ

୪. ନୂତନ ମୂଲ୍ୟବୋଧର ନାଟକ - ବିଜୟ କୁମାର ଶତପଥୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୫. ଓଡ଼ିଆ ନାଟ୍ୟ ସାହିତ୍ୟ – ସର୍ବେଶ୍ୱର ଦାସ - ଓ.ରା.ପା.ପୁ ପ୍ର ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

୬. ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ - ରତ୍ନାକର ଚଇନି ,ବୁକ୍ସ ଏଣ୍ଡ୍ ବୁକ୍ସ, କଟକ

୭. ଉଦ୍ଭଟ ନାଟ୍ୟ ପରମ୍ପରା - ରତ୍ନାକର ଚଇନି - ଓ.ରା.ପା.ପୁ ପ୍ର ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

୮. ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନି - ନୀଳାଦ୍ରି ଭୂଷଣ ହରିଚନ୍ଦନ, ବିଦ୍ୟାପୁରୀ, କଟକ

୯. ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ – ହେମନ୍ତ କୁମାର ଦାସ, ବିଦ୍ୟାପୁରୀ, କଟକ

୧୦. ନାଟକ : ବ୍ୟାପ୍ତି ଓ ଦୀପ୍ତି - ସଂଘମିତ୍ରା ମିଶ୍ର, ଅଗ୍ରଦୂତ, କଟକ


**ନମୁନା ପ୍ରଶ୍ନ (Sample Questions) :**

୧. ସ୍ୱାଧୀନତା ପରବର୍ତ୍ତୀ କାଳର ଗୋଟିଏ ମିଥ୍ ନାଟକର ଦୃଷ୍ଟାନ୍ତ ଦିଅ । (୧ ମାର୍କ)

୨.ନବନାଟ୍ୟ ଆନ୍ଦୋଳନ ପରବର୍ତ୍ତୀ ଦୁଇଜଣ ପରୀକ୍ଷାଧର୍ମୀ ନାଟ୍ୟକାରଙ୍କ ନାମ ଲେଖ । (୨ ମାର୍କ)

୩. ଓଡ଼ିଆ ଏକାଙ୍କିକା ସାହିତ୍ୟକୁ ପ୍ରାଣବନ୍ଧୁ କରଙ୍କ ଅବଦାନ ଉଲ୍ଲେଖ କର । (୫ ମାର୍କ)

୪. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକର ସ୍ୱରୂପ ଦର୍ଶାଅ । (୮ ମାର୍କ)

### ଅଷ୍ଟମ ପର୍ଯ୍ୟାୟ (Semester-VIII)
### ପ୍ରଧାନ ପାଠ୍ୟାଂଶ-୧ (Core Course-I)
### ଏକବିଂଶ ପତ୍ର (Paper-21)

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଦ୍ୟସାହିତ୍ୟ ଓ ପତ୍ରପତ୍ରିକାର ଅନୁଶୀଳନ (୧୯୪୭-୨୦୦୦)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଗଦ୍ୟସାହିତ୍ୟ ହୋଇଛି ବହୁମୁଖୀ । ପ୍ରବନ୍ଧ, ସମାଲୋଚନା ସହିତ ଜୀବନୀ, ଆତ୍ମଜୀବନୀ, ଭ୍ରମଣକାହାଣୀ ଆଦି ଏକାଳରେ ବ୍ୟାପକ ରୂପଲାଭ କରିଛି । ଓଡ଼ିଆ ପତ୍ରପତ୍ରିକା ମଧ୍ୟ ବିପୁଳ ସଂଖ୍ୟାରେ ଆତ୍ମପ୍ରକାଶ କରିଛି । ଗଦ୍ୟସାହିତ୍ୟ ଓ ପତ୍ରପତ୍ରିକାର ଏହି ବିବିଧତା ଓ ବ୍ୟାପକତାକୁ ଶିକ୍ଷାର୍ଥୀମାନେ ଅନୁଶୀଳନ କରିପାରିବେ ଏହି ପାଠ୍ୟପତ୍ରରେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ସ୍ୱାଧୀନତା ପରକାଳର ମୌଳିକ ପ୍ରବନ୍ଧ ରଚନା ସହିତ ସାହିତ୍ୟ ସମାଲୋଚନା କ୍ଷେତ୍ର ହୋଇଛି ବିସ୍ତୃତ । ଚିନ୍ତାଶୀଳ ,ତତ୍ତ୍ୱମୂଳକ ଓ ଭାବାତ୍ମକ ପ୍ରବନ୍ଧ ସୃଷ୍ଟି ସହିତ ଲେଖକମାନେ ସମାଲୋଚନା ସାହିତ୍ୟକୁ କ୍ରମଶଃ ପରିପକ୍ୱ କରିଛନ୍ତି, ଯାହା ଏହି ଏକକରୁ ଉପଲବ୍ଧ ହେବ ।

**୨ୟ ଏକକ :** ଜୀବନୀ ଓ ଆତ୍ମଜୀବନୀ ଭିତରେ ସାମ୍ୟ-ବୈଷମ୍ୟ ବିଷୟରେ ଅବଗତ ହେବାସହ ଶିକ୍ଷାର୍ଥୀମାନେ ଏହି ଏକକରେ ଏହି ଦୁଇଦିଗର ସ୍ୱାଧୀନତା ପରକାଳୀନ ରୂପରେଖ ଓ ଗୁଣାତ୍ମକ ମୂଲ୍ୟକୁ ଅନୁଶୀଳନ କରିପାରିବେ ।

**୩ୟ ଏକକ :** ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟଠାରୁ ପରବର୍ତ୍ତୀକାଳରେ ଓଡ଼ିଆ ଭ୍ରମଣବୃତ୍ତାନ୍ତ ବୈଦେଶିକ ଅନୁଭୂତିରେ ବିଶେଷ ସମୃଦ୍ଧିବନ୍ତ ହୋଇଛି । ସ୍ୱଦେଶୀୟ ଭ୍ରମଣାନୁଭୂତି ଓ ବୈଦେଶୀୟ ଭ୍ରମଣ ସାହିତ୍ୟ ସମ୍ପର୍କରେ ଏହି ଏକକରୁ ଛାତ୍ରଛାତ୍ରୀ ଜ୍ଞାନଲାଭ କରିବେ।

**୪ର୍ଥ ଏକକ :** ପରିମାଣାତ୍ମକ ଦୃଷ୍ଟିରୁ ଦେଖିଲେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷାରେ ବହୁ ପତ୍ରପତ୍ରିକା ଜନ୍ମ ନେଇଛି। କିନ୍ତୁ ଅନେକ ପତ୍ରିକାର ଅକାଳରେ ବିଲୟ ମଧ୍ୟ ଘଟିଛି । ଏହି ଏକକରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପତ୍ରପତ୍ରିକାର ସ୍ଥିତି ଓ ବ୍ୟାପ୍ତି ଛାତ୍ରଛାତ୍ରୀ ଆକଳନ କରିପାରିବେ ।

## ପାଠ୍ୟ ବିଷୟ

**୧ମ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ

**୨ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଜୀବନୀ ଓ ଆତ୍ମଜୀବନୀ

**୩ୟ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଭ୍ରମଣବୃତ୍ତାନ୍ତ

**୪ର୍ଥ ଏକକ :** ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପତ୍ରପତ୍ରିକା

**ସହାୟକ ଗ୍ରନ୍ଥସୂଚୀ (Book of reference):**


୧. ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ - ଅସିତ କବି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଓଡ଼ିଆ ସମାଲୋଚନା ସାହିତ୍ୟର ଇତିହାସ - ଅସିତ କବି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ପରିଚୟ - ପଠାଣି ପଟ୍ଟନାୟକ, ଓଡ଼ିଶା ବୁକ୍ ଷ୍ଟୋର, କଟକ ।

୪. ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ - ବାଉରୀବନ୍ଧୁ କର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟର ପରିଚୟ- ପଠାଣି ପଟ୍ଟନାୟକ, ଓଡ଼ିଶା ବୁକ୍ ଷ୍ଟୋର୍, କଟକ ।

୬. ଓଡ଼ିଆ ଚରିତ ସାହିତ୍ୟ - ଲାବଣ୍ୟ ନାୟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୧୯୮୮ ।

୭. ଓଡ଼ିଆ ଆତ୍ମଜୀବନୀ – ଅଜାମ୍ବର ମଲ୍ଲ, ବିଜୟିନୀ ପବ୍ଲିକେଶନ୍, କଟକ ।

୮. ଓଡ଼ିଆ ଜୀବନୀ ସାହିତ୍ୟ - ଏକ ଅଧ୍ୟୟନ - ପଠାଣି ପଟ୍ଟନାୟକ, ଓ.ରା.ପା.ପୁ.ପ୍ର.ଓ ପ୍ର.ସଂସ୍ଥା ,ଭୁବନେଶ୍ୱର ।

୯. ଓଡ଼ିଆ ସମାଲୋଚନା ସାହିତ୍ୟ - ଓଡ଼ିଶା ସାହିତ୍ୟ ଏକାଡେମୀ ,ଭୁବନେଶ୍ୱର ।

୧୦. ସାଂପ୍ରତିକ ଓଡ଼ିଆ ସାହିତ୍ୟ- ସାରଳା ସାହିତ୍ୟ ସଂସଦ, ଓଡ଼ିଶା ବୁକ୍ ଷ୍ଟୋର୍, କଟକ ।


**ନମୁନା ପ୍ରଶ୍ନ (Sample Questions) :**

୧. ଝଙ୍କାର ସାହିତ୍ୟ ପତ୍ରିକା କେଉଁ ମସିହାରୁ ପ୍ରକାଶ ଲାଭ କରିଥିଲା ? (୧ ମାର୍କ)

୨. କୋଣାର୍କ ସାହିତ୍ୟ ପତ୍ରିକା କେଉଁ ଅନୁଷ୍ଠାନଦ୍ୱାରା  କେବେ ଆତ୍ମପ୍ରକାଶ କରିଥିଲା ? (୨ ମାର୍କ)

୩.ସ୍ୱାଧୀନତା ପରକାଳର ବିଦେଶ ଭ୍ରମଣ ଅନୁଭୂତି ଉପରେ ଆଲୋକପାତ କର । (୫ ମାର୍କ)

୪. ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ସମାଲୋଚନା ସାହିତ୍ୟ ହୋଇଛି ବିଭବଶାଳୀ - ଆଲୋଚନା କର । (୮ ମାର୍କ)

***

## ଅଷ୍ଟମ ପର୍ଯ୍ୟାୟ (Semester-VIII)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ଦ୍ୱାବିଂଶ ପତ୍ର (Paper-22)

# ଓଡ଼ିଆ ଶିଶୁସାହିତ୍ୟ ଓ ବିଜ୍ଞାନଭିତ୍ତିକ ସାହିତ୍ୟ

### Course Outcome (ପାଠ୍ୟପତ୍ର ଫଳଶ୍ରୁତି):

ଓଡ଼ିଆ ଭାଷାରେ ରଚିତ ଶିଶୁସାହିତ୍ୟ ଓ ବିଜ୍ଞାନ ଆଧାରିତ ସାହିତ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଭିତରେ ସାଧାରଣ ଜ୍ଞାନର ପ୍ରସାର ନିମିତ୍ତ ଶଂସିତ ପାଠ୍ୟପତ୍ରଟି ପ୍ରସ୍ତୁତ । ଏହି ପତ୍ରରେ ଏ ଉଭୟର ତାତ୍ତ୍ୱିକ ଜ୍ଞାନ ସହିତ ଶିଶୁସାହିତ୍ୟ ଓ ବିଜ୍ଞାନ ସାହିତ୍ୟର ଏକଏକ ଅଂଶ ଅଧ୍ୟୟନର ସୁଯୋଗ ପାଇବେ ଛାତ୍ରଛାତ୍ରୀ ।

### Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):

**୧ମ ଏକକ :** ଶିଶୁସାହିତ୍ୟର ସଂଜ୍ଞା, ସ୍ୱରୂପ ସହ ଓଡ଼ିଆ ଭାଷାରେ ରଚିତ ଶିଶୁସାହିତ୍ୟର ବିକାଶଧାରା ସମ୍ପର୍କରେ ଏହି ଏକକ ଧାରଣା ଦେବ ।

**୨ୟ ଏକକ :** ବିଜ୍ଞାନ ଭିତ୍ତିକ ସାହିତ୍ୟର ଧର୍ମ ଓ ସ୍ୱରୂପ କଣ, ସେ ସମ୍ପର୍କରେ ଜ୍ଞାନଲାଭ ସହିତ ଓଡ଼ିଆ ସାହିତ୍ୟରେ ବିଜ୍ଞାନ ଆଧାରିତ ରଚନାର ବିବର୍ତ୍ତନ ଧାରାକୁ ଅବଗତ ହେବାପାଇଁ ଏଠାରେ ସୁଯୋଗ ରହିଛି ।

**୩ୟ ଏକକ:** ବିଶିଷ୍ଟ ଶିଶୁସାହିତ୍ୟ ସ୍ରଷ୍ଟା ଦାଶ ବେନହୁରଙ୍କ ଗୋଲ୍ଡ ଫିସ୍ ଅଥବା ନଦୀୟା ବିହାରୀ ମହାନ୍ତିଙ୍କ -'ବଡ ଭାଇଙ୍କ କାହାଣୀ ମୁଣି' ଅଧ୍ୟୟନ କରି ଶିକ୍ଷାର୍ଥୀମାନେ ଓଡ଼ିଆ ଶିଶୁସାହିତ୍ୟ ସମ୍ପର୍କରେ ଜ୍ଞାନଲାଭ କରିବେ ।

**୪ର୍ଥ ଏକକ:** ଓଡ଼ିଶାର ଦୁଇଜଣ ବିଜ୍ଞାନ ଭିତ୍ତିକ ସାହିତ୍ୟ ସ୍ରଷ୍ଟା ହେଉଛନ୍ତି, ଗୋକୁଳାନନ୍ଦ ମହାପାତ୍ର ଓ ଦେବକାନ୍ତ ମିଶ୍ର । ସେମାନଙ୍କ ମଧ୍ୟରୁ ଯେକୌଣସି ଜଣକର ରଚନା ପଢ଼ିବାର ସୁଯୋଗ ରହିଛି ଏହି ଏକକରେ ।

## ପାଠ୍ୟ ବିଷୟ

**୧ମ ଏକକ:** ଶିଶୁସାହିତ୍ୟର ସଂଜ୍ଞା, ସରୂପ ଓ ଓଡ଼ିଆ ଶିଶୁସାହିତ୍ୟର ବିକାଶଧାରା

**୨ୟ ଏକକ**: ବିଜ୍ଞାନ ଭିତ୍ତିକ ସାହିତ୍ୟର ସଂଜ୍ଞା, ସରୂପ ଓ ଓଡ଼ିଆ ବିଜ୍ଞାନ ଭିତ୍ତିକ ସାହିତ୍ୟର ବିକାଶକ୍ରମ

**୩ୟ ଏକକ:** ଶିଶୁସାହିତ୍ୟ ଅଧ୍ୟୟନ

ଗୋଲ୍ଡ ଫିସ୍- ଦାଶ ବେନହୁର **କିମ୍ବା** ବଡ଼ଭାଇଙ୍କ କାହାଣୀ ମୁଣି- ନଦିଆ ବିହାରୀ ମହାନ୍ତି

**୪ର୍ଥ ଏକକ:** ବିଜ୍ଞାନ ଭିତ୍ତିକ ସାହିତ୍ୟ ଅଧ୍ୟୟନ

ଶତାବ୍ଦୀର ଆହ୍ୱାନ- ଦେବକାନ୍ତ ମିଶ୍ର

(ଭୌତିକ ବିଜ୍ଞାନ ଓ ସମାଜ ବିଜ୍ଞାନ, ବୃଦ୍ଧିର ସର୍ବୋଚ୍ଚ ସୀମା, ଶତାବ୍ଦୀର ଆହ୍ବାନ)

**କିମ୍ବା**

ପୃଥିବୀ ବାହାରେ ମଣିଷ- ଗୋକୁଳାନନ୍ଦ ମହାପାତ୍ର

### ସହାୟକ ଗ୍ରନ୍ଥସୂଚୀ (Book of reference) :


୧. ଓଡ଼ିଆ ଶିଶୁସାହିତ୍ୟ ଉନ୍ମେଷ ଓ ବିକାଶ - ମନୀନ୍ଦ୍ର ମହାନ୍ତି, ମାଣିକ ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ, ଭୁବନେଶ୍ୱର

୨. ଆଧୁନିକ ଓଡ଼ିଆ ସାହିତ୍ୟ(ଓଡ଼ିଆ ଶିଶୁ ସାହିତ୍ୟ) - ଜାନକୀ ବଲ୍ଲଭ ମହାନ୍ତି, ଗ୍ରନ୍ଥ ମନ୍ଦିର, କଟକ

୩. ଓଡ଼ିଆ ଶିଶୁସାହିତ୍ୟ-ସଂ. ଉତ୍କଳ ସାହିତ୍ୟ ସମାଜ, ବିଦ୍ୟାପୁରୀ, ବାଲୁବଜାର, କଟକ

୪. ଓଡ଼ିଆ ଶିଶୁସାହିତ୍ୟର ଇତିହାସ-ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଗୋବିନ୍ଦ ଚାନ୍ଦ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୫. ଆଧୁନିକ ଓଡ଼ିଆ ଶିଶୁସାହିତ୍ୟ : ବ୍ୟାପ୍ତି ଓ ବୈଚିତ୍ର୍ୟ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଦେବାଶିଷ ପ୍ରକାଶନ, ଭୁବନେଶ୍ୱର

୬. ଓଡ଼ିଆ ଶିଶୁସାହିତ୍ୟର ସାମାଜିକ ଇତିହାସ-ମହେଶ୍ୱର ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୭. ସାଧୀନତୋତ୍ତର ଓଡ଼ିଆ ଶିଶୁ କବିତା- ଅନ୍ତର୍ଯ୍ୟାମୀ ପ୍ରଧାନ, ପଲ୍ଲୀପ୍ରଭା ପ୍ରକାଶନୀ, ପାଳସାହି, ଖୋର୍ଦ୍ଧା

୮. ଗୋକୁଳାନନ୍ଦ ମହାପାତ୍ରଙ୍କ ଉପନ୍ୟାସ ସୃଷ୍ଟି ଓ ସମୀକ୍ଷା- ସ୍ନିଗ୍ଧାରାଣୀ ମହାପାତ୍ର, ସତ୍ୟମ୍ ପବ୍ଲିକେଶନ୍, ଭୁବନେଶ୍ୱର


### ପାଠ୍ୟପୁସ୍ତକ(Text books):

୧. ଗୋଲ୍ଡ ଫିସ- ଦାଶ ବେନହୁର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୨. ବଡ଼ଭାଇଙ୍କ କାହାଣୀ ମୁଣି- ନଦିଆ ବିହାରୀ ମହାନ୍ତି, ତେଲେଙ୍ଗା ବଜାର, କଟକ

୩. ଶତାବ୍ଦୀର ଆହ୍ବାନ- ଦେବକାନ୍ତ ମିଶ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୪. ପୃଥିବୀ ବାହାରେ ମଣିଷ- ଗୋକୁଳାନନ୍ଦ ମହାପାତ୍ର, ବିଦ୍ୟାପୁରୀ, କଟକ

**ନମୁନା ପ୍ରଶ୍ନ: (Sample Questions) :**

୧. ଓଡ଼ିଆ ଶିଶୁ ସାହିତ୍ୟର ଉନ୍ମେଷ ଓ ବିକାଶ ପୁସ୍ତକର ଲେଖକ କିଏ ? (୧ ମାର୍କ)

୨.ବିଜ୍ଞାନ ଭିତ୍ତିକ ସାହିତ୍ୟ କାହାକୁ କୁହାଯାଏ ? (୨ ମାର୍କ)

୩. 'ବଡ ଭାଇଙ୍କ କାହାଣୀମୁଣି' ର ଶିଶୁଗଳ୍ପ ଗୁଡ଼ିକର ବୈଶିଷ୍ଟ୍ୟ ଉଲ୍ଲେଖକର । (୫ ମାର୍କ)

୪. ଭୌତିକ ବିଜ୍ଞାନ ଓ ସମାଜ ବିଜ୍ଞାନ ସମ୍ପର୍କରେ ଡକ୍ଟର ଦେବାକାନ୍ତ ମିଶ୍ରଙ୍କ ବକ୍ତବ୍ୟର ସାରମର୍ମ ଲେଖ । (୮ ମାର୍କ)

***

## ଅଷ୍ଟମ ପର୍ଯ୍ୟାୟ (Semester-VIII)

## ପ୍ରଧାନ ପାଠ୍ୟାଂଶ-୧ (Core Course-I)

## ତ୍ରୟବିଂଶ ପତ୍ର (Paper-23)

# ଓଡ଼ିଶାର ସଂସ୍କୃତି

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସଂସ୍କୃତି ଗୋଟିଏ ଜାତିର ଅନ୍ତସତ୍ତାର ପରିଚୟ । ସଂସ୍କୃତି ସମ୍ପର୍କରେ ଛାତ୍ରଛାତ୍ରୀ ଅବଗତହେବା ବିଧେୟ । ବିଭିନ୍ନତା ମଧ୍ୟରେ ଏକତା ହିଁ ଭାରତୀୟ ସଂସ୍କୃତିର ବିଶେଷତ୍ୱ। ତନ୍ମଧ୍ୟରେ ଓଡ଼ିଶାର ସାଂସ୍କୃତିକ ମହାନତା ସ୍ୱୀକାର୍ଯ୍ୟ। ସୁତରାଂ ସଂସ୍କୃତିର ବିଶେଷତ୍ୱ ସହିତ ଓଡ଼ିଶାର ସାଂସ୍କୃତିକ ବୈଶିଷ୍ଟ୍ୟ ଉପଲବ୍ଧି କରିବା ପାଇଁ ଶିକ୍ଷାର୍ଥୀଙ୍କୁ ଏହି ପାଠ୍ୟପତ୍ର ପ୍ରେରଣା ଯୋଗାଇବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ସଂସ୍କୃତିର ପରିଚୟ, ତାର ସ୍ୱରୂପ ତଥା ବିଶେଷତ୍ୱ ସମ୍ପର୍କରେ ଏହି ଏକକ ବିଦ୍ୟାର୍ଥୀଙ୍କୁ ଅବଗତ କରାଇବ ।

**୨ୟ ଏକକ :** ଓଡ଼ିଶାର ସଂସ୍କୃତିକୁ ବୌଦ୍ଧ, ଶୈବ ଓ ଶାକ୍ତ ଚେତନା କିପରି ପରିପୁଷ୍ଟ କରିଛି, ତାହା ଏହି ଏକକରୁ ଉପଲବ୍ଧ ହେବ ।

**୩ୟ ଏକକ :** ଓଡ଼ିଶାରେ ବୈଷ୍ଣବମାନଙ୍କ ମଧ୍ୟରେ ଉତ୍କଳୀୟ ବୈଷ୍ଣବ ଗୋଷ୍ଠୀଙ୍କର ଭିନ୍ନଭିନ୍ନ ଦେବ ଉପାସନା ରହିଛି । ପ୍ରଭୁ ରାମଚନ୍ଦ୍ର ମଧ୍ୟ ବିଷ୍ଣୁ ରୂପେ ପୂଜିତ ହୁଅନ୍ତି ତେଣୁ ବୈଷ୍ଣବ ସଂସ୍କୃତି ପରିପ୍ରେକ୍ଷୀରେ ରାମ, କୃଷ୍ଣ, ଜଗନ୍ନାଥଙ୍କ ଉପାସନା ବିଷୟରେ ଛାତ୍ରଛାତ୍ରୀ ଏହି ଏକକରେ ଅବଗତ ହେବେ ।

**୪ର୍ଥ ଏକକ :** ଏହି ଏକକରେ ଓଡ଼ିଶାର ଜନଜାତିଙ୍କ ସାମାଜିକ ଜୀବନ, ପର୍ବପର୍ବାଣି ଓ ଦେବଦେବୀଙ୍କ ସମ୍ପର୍କରେ ଛାତ୍ରଛାତ୍ରୀ ଜାଣି ପାରିବେ । ଫଳତଃ ଏହି ପାଠ୍ୟପତ୍ରରେ ଶିକ୍ଷାର୍ଥୀମାନେ ଓଡ଼ିଶାର ସାଂସ୍କୃତିକ ପରିଚୟ ଲାଭ କରିବେ ।

# ପାଠ୍ୟ ବିଷୟ

**୧ମ ଏକକ :** ସଂସ୍କୃତିର ସଂଜ୍ଞା ସ୍ୱରୂପ ଓ ବିଶେଷତ୍ୱ

**୨ୟ ଏକକ :** ଓଡ଼ିଶାର ସଂସ୍କୃତି - ବୌଦ୍ଧ, ଶୈବ, ଶାକ୍ତ

**୩ୟ ଏକକ :** ଓଡ଼ିଶାର ବୈଷ୍ଣବ ସଂସ୍କୃତି (ରାମ ଉପାସନା, କୃଷ୍ଣ ଓ ଜଗନ୍ନାଥଙ୍କ ଉପାସନା)

**୪ର୍ଥ ଏକକ :** ଓଡ଼ିଶାର ଜନଜାତି ସଂସ୍କୃତି(ପର୍ବପର୍ବାଣି, ଦେବଦେବୀ, ବିବାହ ରୀତି)

**ସହାୟକ ଗ୍ରନ୍ଥସୂଚୀ (Book of reference):**


୧. ଓଡ଼ିଶାର ସାଂସ୍କୃତିକ ଇତିହାସ – ସଂସ୍କୃତି ବିଭାଗ ଓଡ଼ିଶା।

୨. ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଇତିହାସ – ଚିତ୍ତରଞ୍ଜନ ଦାସ, ଓ.ରା.ପା..ପୁ.ଓ ପ୍ର. ସଂସ୍ଥା, ଭୁବନେଶ୍ୱର

୩. ଓଡ଼ିଶାର ଧର୍ମଧାରା – କାହ୍ନୁ ଚରଣ ମିଶ୍ର , ଓଡ଼ିଶା ରାଜ୍ୟ ପାଠ୍ୟ ପୁ. ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

୪. ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ – ବାସୁଦେବ ସାହୁ, ଫ୍ରେଣ୍ଡସ୍ ପବ୍ଲିଶର୍ସ

୫. ଓଡ଼ିଶାରେ ବୌଦ୍ଧଧର୍ମ – ନବୀନ କୁମାର ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର

୬. ଓଡ଼ିଶାର ଜନଜାତି, ସମାଜ-ସଂସ୍କୃତି, ଭାଷା ଓ ଉନ୍ନୟନ- ଓ.ରା.ପା..ପୁ.ଓ ପ୍ର. ସଂସ୍ଥା, ଭୁବନେଶ୍ୱର

୭. ଓଡ଼ିଶାର ଜନଜାତି : ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ - ଦେବାଶିଷ ପାତ୍ର, ଓଡ଼ିଆ ଭାଷା ପ୍ରତିଷ୍ଠାନ।

୮. ଓଡ଼ିଶାର ବୈଷ୍ଣବ ଧର୍ମ- କାହ୍ନୁ ଚରଣ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ

୯. ଓଡ଼ିଶାରେ ବୌଦ୍ଧ ସଂସ୍କୃତି- ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବଲିଶର୍ସ, କଟକ

୧୦. ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ- ସୂର୍ଯ୍ୟନାରାୟଣ ଦାସ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ -୧୯୭୬


**ନମୁନା ପ୍ରଶ୍ନ (Sample Questions):**

୧. ଉତ୍କଳୀୟ ବୈଷ୍ଣବମାନେ କେଉଁ ଦେବତାଙ୍କୁ ଆରାଧନା କରନ୍ତି ? (୧ ମାର୍କ)

୨.ଓଡ଼ିଶାର ଦୁଇଗୋଟି ପ୍ରସିଦ୍ଧ ଶାକ୍ତ ପୀଠର ନାମଲେଖ ? (୨ ମାର୍କ)

୩. ସଂକ୍ଷେପରେ ସଂସ୍କୃତିର ସଂଜ୍ଞା ଓ ସ୍ୱରୂପ ଉପରେ ଆଲୋକପାତ କର । (୫ ମାର୍କ)

୪.ଓଡ଼ିଶାର ଜନଜାତି ସଂସ୍କୃତିର ପରିଚୟ ପ୍ରଦାନ କର । (୮ ମାର୍କ)

---

## ପ୍ରଥମ ପର୍ଯ୍ୟାୟ (Semester - I)

## ଅପ୍ରଧାନ ପାଠ୍ୟାଂଶ-୨ (Minor Core Course - II)

## ପ୍ରଥମ ପତ୍ର (Paper - 01)

# ସାହିତ୍ୟର ସ୍ୱରୂପ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ସାହିତ୍ୟ ବିବିଧ ରୂପର ସମାହାର । କାବ୍ୟ କବିତା, ଗଳ୍ପ ଉପନ୍ୟାସ, ନାଟକ ,ଏକାଙ୍କିକା ଏବଂ ଗଦ୍ୟ ସାହିତ୍ୟର ଭିନ୍ନଭିନ୍ନ ରୂପ ସାହିତ୍ୟକୁ କରିଛି ପରିପୂଷ୍ଟ । ଛାତ୍ରଛାତ୍ରୀମାନେ ସାହିତ୍ୟର ସେହି ରୂପଗତ ବୈଚିତ୍ର୍ୟ ଓ ତାର ତାତ୍ତ୍ୱିକ ଦିଗ ଉପରେ ଅବଗତ ହେବା ଆବଶ୍ୟକ । ଏହି ପତ୍ରଟି ଶିକ୍ଷାର୍ଥୀମାନଙ୍କୁ ସେ ସମ୍ପର୍କରେ ଧାରଣା ପ୍ରଦାନ କରିବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** କାବ୍ୟ, ମହାକାବ୍ୟ ଓ କବିତାର ସଂଜ୍ଞା ସ୍ୱରୂପ ଓ ବିବିଧତା ସମ୍ପର୍କରେ ଛାତ୍ରଛାତ୍ରୀ ଏଥିରେ ଜ୍ଞାନଲାଭ କରିବେ ।

**୨ୟ ଏକକ :** କଥାସାହିତ୍ୟର ଜଗତ ମଧ୍ୟ ବର୍ଣ୍ଣିଳ, ବିଶେଷତଃ ଗଳ୍ପ ଓ ଉପନ୍ୟାସର ତାତ୍ତ୍ୱିକ ଦିଗ ସହ ତାହାର ବିଶେଷତ୍ୱ ଓ ପ୍ରକାରଭେଦ ଏହି ଏକକରୁ ଜାଣି ହେବ ।

**୩ୟ ଏକକ :** ନାଟକ ଓ ଏକାଙ୍କିକା ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଏକାଧାରରେ ପାଠକ ଓ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ । ତେଣୁ ଏ ଉଭୟର ସଂଜ୍ଞା, ସ୍ୱରୂପ, ରୂପଭେଦ ଉପରେ ଏହି ଏକକ ଅବଗତ କରାଇବ ।

**୪ର୍ଥ ଏକକ :** ଗଦ୍ୟ ରଚନାର ବିଭିନ୍ନତା ମଧ୍ୟରୁ ପ୍ରବନ୍ଧ, ରମ୍ୟ ରଚନା, ଭ୍ରମଣ କାହାଣୀ ତଥା ଜୀବନୀ ଓ ଆତ୍ମଜୀବନୀ ଆଧୁନିକ ସାହିତ୍ୟକୁ କରିଛି ସମୃଦ୍ଧ। ଏହି ରଚନାମାନଙ୍କର ତାତ୍ତ୍ୱିକ ଓ ଗୁଣାତ୍ମକ ବୈଶିଷ୍ଟ୍ୟ ଜାଣିବା ପାଇଁ ଏହି ଏକକ ଉଦ୍ଦିଷ୍ଟ ।

# ପାଠ୍ୟ ବିଷୟ

**୧ମ ଏକକ :** କାବ୍ୟକବିତା- କ) କାବ୍ୟ, ମହାକାବ୍ୟର ସଂଜ୍ଞା, ସରୂପ ଓ ପ୍ରକାର ଭେଦ

ଖ) ଗୀତି କବିତା, ଗାଥାକବିତା, ସନେଟ୍, ସମ୍ବୋଧନଗୀତିକାର ସଂଜ୍ଞା ଓ ସରୂପ

**୨ୟ ଏକକ :** ଗଳ୍ପ ଓ ଉପନ୍ୟାସ – କ) ଗଳ୍ପର ସଂଜ୍ଞା, ସରୂପ ଓ ପ୍ରକାରଭେଦ

ଖ) ଉପନ୍ୟାସର ସଂଜ୍ଞା, ସରୂପ, ଓ ପ୍ରକାରଭେଦ

**୩ୟ ଏକକ :** ନାଟକ ଓ ଏକାଂକିକା - କ) ନାଟକର ସଂଜ୍ଞା, ସରୂପ ଓ ପ୍ରକାରଭେଦ

ଖ) ଏକାଂକିକାର ସଂଜ୍ଞା, ସରୂପ ଓ ପ୍ରକାରଭେଦ

**୪ର୍ଥ ଏକକ :** ଗଦ୍ୟ ସାହିତ୍ୟ – (ପ୍ରବନ୍ଧ, ରମ୍ୟରଚନା, ଭ୍ରମଣ କାହାଣୀ, ଜୀବନୀ-ଆତ୍ମଜୀବନୀର ସଂଜ୍ଞା ଓ ସ୍ୱରୂପ)

**ସହାୟକ ଗ୍ରନ୍ଥସୂଚୀ (Book of references):**


୧. ସାହିତ୍ୟର ସନ୍ନିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ-୨୦୧୬

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ, ନାଳନ୍ଦା, ବିନୋଦବିହାରୀ, କଟକ - ୨୦୧୦

୩. ସାହିତ୍ୟର ରୂପରେଖ - ନୀଳାଦ୍ରି ଭୂଷଣ ହରିଚନ୍ଦନ, ବାଳକୃଷ୍ଣ ବେହେରା, ବିଦ୍ୟାପୁରୀ, ବାଲୁବଜାର, କଟକ-୨୦୧୭

୪. ସାହିତ୍ୟର ତାଳପତ୍ର - ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ୨୦୧୮

୫. ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ଓ ପାଶ୍ଚାତ୍ୟ - ଜ୍ୟୋସ୍ନାମୟୀ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨୦୧୯

୬. ସାହିତ୍ୟର ଗଠନରୀତି - ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୭. ସାହିତ୍ୟ ତତ୍ତ୍ୱ - ଧନେଶ୍ୱର ମହାପାତ୍ର, ଗ୍ରନ୍ଥମନ୍ଦିର, କଟକ,

୮. ସାହିତ୍ୟର ସାମାନ୍ୟ କଥନ- କ୍ଷେତ୍ରବାସୀ ନାୟକ, ସାଥୀ ମହଲ, କଟକ

୯. ସମ୍ବାଦ-ଆମ ଓଡ଼ିଶା : ସାହିତ୍ୟକୋଷ- ସଂ.ଦାଶରଥି ଦାସ, ସୁଦର୍ଶନ ଆଚାର୍ଯ୍ୟ, ଦେବେନ୍ଦ୍ର କୁମାର ଦାଶ, ଗୌରାଙ୍ଗ ଚରଣ ଦାଶ, ଆମ ଓଡ଼ିଶା, ୪ ଆର୍ ୧/୨, ୟୁନିଟ୍-୩, ଭୁବନେଶ୍ୱର


**ନମୁନା ପ୍ରଶ୍ନ(Sample Questions):**

୧. ସନେଟ୍‌ରେ କେତେଗୋଟି ପାଦ ରହିଥାଏ ? (୧ମାର୍କ ପ୍ରଶ୍ନ)

୨.ଗଳ୍ପ ଓ ଉପନ୍ୟାସ ମଧ୍ୟରେ ଦୁଇଗୋଟି ପାର୍ଥକ୍ୟ ଲେଖ । (୨ମାର୍କ ପ୍ରଶ୍ନ)

୩. ଏକାଙ୍କିକା ନାଟକର ବାମନରୂପ ନୁହେଁ, କାହିଁକି? ଦର୍ଶାଅ । (୫ମାର୍କ ପ୍ରଶ୍ନ)

୪.ଭ୍ରମଣ କାହାଣୀର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ ପ୍ରଦର୍ଶନ କର । (୮ମାର୍କ ପ୍ରଶ୍ନ)

***

# ତୃତୀୟ ପର୍ଯ୍ୟାୟ (Semester - III)
# ଅପ୍ରଧାନ ପାଠ୍ୟାଂଶ-୨ (Minor Core Course - II)
## ଦ୍ୱିତୀୟ ପତ୍ର (Paper – 02)
# ସାହିତ୍ୟ ଅଧ୍ୟୟନ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ସ୍ନାତକ ସମ୍ମାନ ଓଡ଼ିଆ ଛାତ୍ରଛାତ୍ରୀ ବ୍ୟତିରେକ ଅନ୍ୟ ବିଭାଗର ବିଦ୍ୟାର୍ଥୀମାନଙ୍କ ପାଇଁ ଓଡ଼ିଆ ସାହିତ୍ୟର କେତୋଟି ସ୍ମରଣୀୟ ଗଳ୍ପ, ଉପନ୍ୟାସ, ନାଟକ ଓ ରମ୍ୟ ରଚନା ଏହି ପାଠ୍ୟ ଖସଡ଼ାରେ ସ୍ଥାନିତ । ଛାତ୍ରଛାତ୍ରୀମାନେ ଏହା ଅଧ୍ୟୟନ କରି ଓଡ଼ିଆ ସାହିତ୍ୟର କଳାତ୍ମକ ଓ ଲୋକପ୍ରିୟ ରଚନାଗୁଡ଼ିକୁ ଅବଗତ ହୋଇପାରିବେ । ସାହିତ୍ୟର ଗୁଣବତ୍ତା ଓ ରସାନୁଭୂତି ଲାଭକରି ସେମାନେ ଉପକୃତ ହେବେ ।

Unit wise Learning Outcome (**ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି**) :

**୧ମ ଏକକ :** ବୁଢ଼ା ଶଙ୍ଖାରି ଓ ଶିକାର ଓଡ଼ିଆ ଗଳ୍ପସାହିତ୍ୟର ଦୁଇଟି ସ୍ମରଣୀୟ କୃତି । ସାମ୍ୟବାଦୀ ଚେତନା ଓ କରୁଣ ରସର ପ୍ରବାହ ରହିଥିବାରୁ ଏହା ବିଦ୍ୟାର୍ଥୀଙ୍କ ଉପଯୋଗୀ ହେବ ।

**୨ୟ ଏକକ :** ଓଡ଼ିଆ ସାହିତ୍ୟର କାଳଜୟୀ ଉପନ୍ୟାସମାନଙ୍କ ମଧ୍ୟରେ ମାଟିର ମଣିଷ ଓ ଶାସ୍ତି ବେଶ୍ ଲୋକପ୍ରିୟ । ପାଠକୀୟ ଆଦୃତି ଓ କଳାବୋଧ ଦୃଷ୍ଟିରୁ ଏହା ଓଡ଼ିଆ ଉପନ୍ୟାସର ସ୍ୱାଦ ପରଖିବାରେ ସମର୍ଥ ହେବ ।

**୩ୟ ଏକକ :** କାଳୀଚରଣଙ୍କ ଅଭିଯାନ ଏକ ଉଚ୍ଚକୋଟୀର ଐତିହାସିକ ନାଟକ, ଅଶ୍ୱିନୀ କୁମାରଙ୍କ କୋଣାର୍କ ମଧ୍ୟ ଏକ ବିଶିଷ୍ଟ ନାଟ୍ୟକୃତି । ଏ ଉଭୟ ମଧ୍ୟରୁ ଗୋଟିକର ଅଧ୍ୟୟନ କରି ଛାତ୍ରଛାତ୍ରୀ ଓଡ଼ିଆ ନାଟକର ମହତ୍ତ୍ୱକୁ କିଞ୍ଚିତ ଉପଲବ୍ଧି କରି ପାରିବେ ।

**୪ର୍ଥ ଏକକ :** ସବୁ ଶ୍ରେଣୀର ପାଠକଙ୍କ ପାଇଁ ରମ୍ୟରଚନା ହୁଏ ହୃଦୟଗ୍ରାହୀ । ଏହି ଏକକରେ ଓଡ଼ିଶାର ତିନିଜଣ ରମ୍ୟ ରଚୟିତାଙ୍କ ବିଶିଷ୍ଟ କୃତି ସ୍ଥାନିତ ହୋଇଥିବାରୁ ଏହା ଛାତ୍ରୋପଯୋଗୀ ହେବ ।

# ପାଠ୍ୟ ବିଷୟ

**୧ମ ଏକକ- ଗଳ୍ପ ସାହିତ୍ୟ**

ବୁଢ଼ା ଶଙ୍ଖାରି- ଲକ୍ଷ୍ମୀକାନ୍ତ ମହାପାତ୍ର
ଶିକାର- ଭଗବତୀ ଚରଣ ପାଣିଗ୍ରାହୀ

**୨ୟ ଏକକ- ଉପନ୍ୟାସ ସାହିତ୍ୟ**

ଶାସ୍ତି- କାହ୍ନୁଚରଣ ମହାନ୍ତି **କିମ୍ବା** ମାଟିର ମଣିଷ- କାଳିନ୍ଦୀ ଚରଣ ପାଣିଗ୍ରାହୀ

**୩ୟ ଏକକ- ନାଟ୍ୟ ସାହିତ୍ୟ**

ଅଭିଯାନ- କାଳୀଚରଣ ପଟ୍ଟନାୟକ **କିମ୍ବା** କୋଣାର୍କ- ଅଶ୍ୱିନୀ କୁମାର ଘୋଷ

୪ର୍ଥ ଏକକ-　　　ରମ୍ୟରଚନା

ବାଇ ମହାନ୍ତି ପାଞ୍ଜି (ପ୍ରଥମ ବିଡ଼ା)- ଗୋପାଳ ଚନ୍ଦ୍ର ପ୍ରହରାଜ

ବଟୁଆ- ଗୋବିନ୍ଦ ତ୍ରିପାଠୀ,　ସାଧୁସଙ୍ଗ - ଚୌଧୁରୀ ହେମକାନ୍ତ ମିଶ୍ର

**ସହାୟକ ଗ୍ରନ୍ଥସୂଚୀ (Book of references):**


୧. କାହ୍ନୁ ଚରଣ ବିଶେଷାଙ୍କ, କୋଣାର୍କ, ଓଡ଼ିଶା ସାହିତ୍ୟ ଏକାଡେମୀ ।
୨. ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶରସ, କଟକ ।
୩. ଓଡ଼ିଆ କଥା ସାହିତ୍ୟର କଥା ଓ ରମ୍ୟରଚନା- ମହାପାତ୍ର ନୀଳମଣି ସାହୁ, ଓଡ଼ିଶା ବୁକସ୍ ଷ୍ଟୋର୍, କଟକ ।


**ପାଠ୍ୟପୁସ୍ତକ(Text books):**

୧ .ଶାସ୍ତି- କାହ୍ନୁ ଚରଣ ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶରସ୍, କଟକ ।

୨. ମାଟିର ମଣିଷ- କାଳିନ୍ଦୀ ଚରଣ ପାଣିଗ୍ରାହୀ, ।

୩. ଅଭିଯାନ- କାଳୀଚରଣ ପଟ୍ଟନାୟକ, ଇଉନାଇଟେଡ୍ ବୁକ ହାଉସ, କଟକ ।

୪. କୋଣାର୍କ- ଅଶ୍ୱନୀ କୁମାର ଘୋଷ, ଅରୁଣ ଘୋଷ, ଅକ୍ଷୟ ଭଣ୍ଡାର, କଟକ ।

୫. ରମ୍ୟ ରଚନା- ସଂ.ନାରାୟଣ ସାହୁ ଓ ଶ୍ରୀକାନ୍ତ କୁମାର ବାରିକ, ଚିନ୍ମୟ ପ୍ରକାଶନ, ବିନୋଦବିହାରୀ, କଟକ ।

**ନମୁନା ପ୍ରଶ୍ନ(Sample Questions):**

୧. ବୁଢ଼ା ଶଙ୍ଖାରି ଗଳ୍ପରେ ବହୁଟି କି ଶଙ୍ଖା ବରାଦ କରିଥିଲା ? (୧ ମାର୍କ)

୨. ମାଟିର ମଣିଷ ବ୍ୟତୀତ କାଳିନ୍ଦୀ ଚରଣଙ୍କର ଅନ୍ୟ ଦୁଇଟି ଉପନ୍ୟାସର ନାମ ଲେଖ। (୨ ମାର୍କ)

୩. ବଟୁଆ ପ୍ରବନ୍ଧର ସାରମର୍ମ ଲେଖ। (୫ ମାର୍କ)

୪. କାଳିନ୍ଦୀ ଚରଣଙ୍କ ଅଭିଯାନ ନାଟକରୁ ପଦ୍ମାବତୀଙ୍କ ଚରିତ୍ର ଚିତ୍ରଣ କର।

***

## ପଞ୍ଚମ ପର୍ଯ୍ୟାୟ (Semester –V)

## ଅପ୍ରଧାନ ପାଠ୍ୟାଂଶ-୨ (Minor Core Course - II)

## ତୃତୀୟ ପତ୍ର (Paper - 03)

# ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ ଓଡ଼ିଆ ସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଶଂସିତ ପତ୍ରଟି ପ୍ରାଚୀନ ଓଡ଼ିଆ ସାହିତ୍ୟର କାହାଣୀ ଧର୍ମୀ କାବ୍ୟାଂଶ ଉପରେ ଆଧାରିତ ହୋଇଥିବାରୁ ଛାତ୍ରଛାତ୍ରୀଙ୍କର ଜ୍ଞାନ ଆହରଣ ଓ ଚିତ୍ତଉଲ୍ଲାସ କ ହେବ । ସେହିପରି ମଧ୍ୟଯୁଗ ଓ ଆଧୁନିକ ଯୁଗର ବରେଣ୍ୟ ସାହିତ୍ୟ ସ୍ରଷ୍ଟାଙ୍କ ବିଷୟରେ ଛାତ୍ରଛାତ୍ରୀ ଜ୍ଞାନଲାଭ କରିବେ ।

Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):

**୧ମ ଏକକ :** ସାରଳା ମହାଭାରତର ମୌଳିକ ଉପାଖ୍ୟାନଗୁଡ଼ିକ ମଧ୍ୟରେ ସତ୍ୟଆମ୍ବ କଥା, ତୁଳସୀ ବଣ ବାଘ ଓ ଗଙ୍ଗା – ଗାଙ୍ଗୀ ପ୍ରସଙ୍ଗବିଦ୍ୟାର୍ଥୀଙ୍କ ଚେତନାକୁ ଉଦ୍‌ବୋଧ କରିବ ।

**୨ ୟ ଏକକ :** ମୃଗୁଣୀ ଓ ବଉଳା କାହାଣୀ ତଥା ଜଗନ୍ନାଥ ଦାସଙ୍କ କପୋତ ଓ ପିଙ୍ଗଳା ଉପାଖ୍ୟାନ ବେଶ ଶିକ୍ଷଣୀୟ। ଓ ନୀତି ପ୍ରଦ । ଏବିଷୟରେ ଛାତ୍ର ଛାତ୍ରୀ ଅବଗତ ହୋଇ ପାରିବେ ।

**୩ୟ ଏକକ :** ରୀତି ଯୁଗୀୟ କାବ୍ୟସ୍ରଷ୍ଟାଙ୍କ ମଧ୍ୟରେ ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ ଓ କବିସୂର୍ଯ୍ୟ ପ୍ରତିଭାଶାଳୀ ଶିଳ୍ପୀ । ସେମାନଙ୍କ ବିଷୟରେ ଛାତ୍ରଛାତ୍ରୀ ଜାଣିବା ଏକାନ୍ତ ଆବଶ୍ୟକ ।

**୪ର୍ଥ ଏକକ :** ଆଧୁନିକ ସାହିତ୍ୟକୁ ରାଧାନାଥ, ଫକୀର ମୋହନ, ଗଙ୍ଗାଧର ଓ ମାୟାଧରଙ୍କ ଅବଦାନ ଅତୁଳନୀୟ, ତାଙ୍କର ସଂକ୍ଷିପ୍ତ ପରିଚୟ ବିଦ୍ୟାର୍ଥୀଙ୍କ ପାଇଁ ଉପଯୋଗୀ ହେବ ।

# ପାଠ୍ୟ ବିଷୟ

**୧ମ ଏକକ :** ସାରଳା ମହାଭାରତରେ କାହାଣୀ

ସତ୍ୟଆମ୍ବ, ତୁଳସୀବଣ ବାଘ

ଗଙ୍ଗା ବୋଇଲେ ଥିବି ଗାଂଗୀ ବୋଇଲେ ଯିବି

**୨ୟ ଏକକ :** ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କ କାହାଣୀ

ବଳରାମ ଦାସଙ୍କ ବଉଳା ଅଧ୍ୟାୟ ଓ ମୃଗୁଣୀ ସ୍ତୁତି

ଜଗନ୍ନାଥ ଦାସଙ୍କ କପୋତ ଉପାଖ୍ୟାନ ଓ ପିଙ୍ଗଳା ଉପାଖ୍ୟାନ

**୩ୟ ଏକକ :** ମଧ୍ୟକାଳୀନ ସାହିତ୍ୟ ସ୍ରଷ୍ଟାଙ୍କ ସଂକ୍ଷିପ୍ତ ପରିଚୟ

ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର,

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ

**୪ର୍ଥ ଏକକ :** ଆଧୁନିକ ଯୁଗର ସାହିତ୍ୟ ସ୍ରଷ୍ଟାଙ୍କ ସଂକ୍ଷିପ୍ତ ପରିଚୟ

ରାଧାନାଥ ରାୟ, ଫକୀର ମୋହନ ସେନାପତି,

ଗଙ୍ଗାଧର ମେହେର, ମାୟାଧର ମାନସିଂହ

**ସହାୟକ ଗ୍ରନ୍ଥସୂଚୀ (Book of references):**


୧. ଓଡ଼ିଆ ସାହିତ୍ୟର ଇତିହାସ – ସୂର୍ଯ୍ୟନାରାୟଣ ଦାଶ (୨ୟ ଓ ୩ୟ ଭାଗ) –ଗ୍ରନ୍ଥ ମନ୍ଦିର, କଟକ ।

୨. ଓଡ଼ିଆ ସାହିତ୍ୟର ଇତିହାସ- (୧୮୦୩ – ୧୯୨୦) ନଟବର ସାମନ୍ତରାୟ, ବାଣୀ ଭବନ, ଭୁବନେଶ୍ୱର ।

୩. ଗଂଗାଧର ସାହିତ୍ୟ ଜିଜ୍ଞାସା –ବଭ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲିକେଶନସ୍, କଟକ ।

୪. ନନ୍ଦକିଶୋର ସାହିତ୍ୟ ସମୀକ୍ଷା – ନଟବର ସାମନ୍ତରାୟ, ଓଡ଼ିଶା ସାହିତ୍ୟ ଏକାଡେମୀ ।

୫. ମାନସିଂ ମାନସ- ଶ୍ରୀଚରଣ ମହାନ୍ତି ।

୬. ଭାଗବତର ସୃଷ୍ଟି ସୌରଭ- ଉଦୟନାଥ ସାହୁ, ଏଥେନା, ଭୁବନେଶ୍ୱର ।

୭. ଓଡ଼ିଆ ସାହିତ୍ୟର ଇତିହାସ- ଅଜୟ କୁମାର ମିଶ୍ର, ରତ୍ନାକର ଚଇନି ।

୮. ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ- ନଟବର ସାମନ୍ତରାୟ ।

୯. କବି ଓ କବିତା- ମାୟାଧର ମାନସିଂ

୧୦. ସରସ୍ୱତୀ ଫକୀରମୋହନ- ମାୟାଧର ମାନସିଂ ।

**ନମୁନା ପ୍ରଶ୍ନ ( Sample Questions):**

୧. ସତ୍ୟଆମ୍ର ପ୍ରସଙ୍ଗ ସାରଳା ମହାଭାରତର କେଉଁ ପର୍ବରେ ରହିଅଛି ? (୧ ମାର୍କ)

୨. ଜଗନ୍ନାଥ ଦାସଙ୍କ କପୋତ ଉପାଖ୍ୟାନ ପାଠକ ସମାଜକୁ ଯେଉଁ ଶିକ୍ଷା ଦେଇଥାଏ ? (୨ ମାର୍କ)

୩. କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନାର ସଂକ୍ଷିପ୍ତ ପରିଚୟ ପ୍ରଦାନ କର । (୫ ମାର୍କ)

୪. କବିବର ରାଧାନାଥ ରାୟ ଓଡ଼ିଆ କାବ୍ୟ ସାହିତ୍ୟରେ କି କି ନୂତନତା ଆଣିଛନ୍ତି – ଦର୍ଶାଅ । (୮ ମାର୍କ)

***

## ସପ୍ତମ ପର୍ଯ୍ୟାୟ (Semester –VII)

## ଅପ୍ରଧାନ ପାଠ୍ୟାଂଶ-୨ (Minor Core Course - II)

## ଚତୁର୍ଥ ପତ୍ର (Paper – 04)

# ଓଡ଼ିଆ କମ୍ପ୍ୟୁଟର ଶିକ୍ଷା

**Course Outcome: (ପାଠ୍ୟପତ୍ର ଫଳଶ୍ରୁତି) :**

ଆଜିର ଯୁଗକୁ କମ୍ପ୍ୟୁଟରର ଯୁଗବୋଲି ଗଣନା କରାଯାଏ। କମ୍ପ୍ୟୁଟରର ଜ୍ଞାନକୌଶଳ ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ। ତେଣୁ ସ୍ନାତକଶ୍ରେଣୀରେ ଓଡ଼ିଆ କମ୍ପ୍ୟୁଟର ଶିକ୍ଷା ପାଠ୍ୟପତ୍ରଟି ଶିକ୍ଷାର୍ଥୀଙ୍କ ଦକ୍ଷତାବୃଦ୍ଧିରେ ସହାୟକ ହେବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** କମ୍ପ୍ୟୁଟର ଓ ତାର ବିଭିନ୍ନ ଅଂଶ ସମ୍ପର୍କରେ ପରିଚୟ ହାସଲ ନିମିତ୍ତ ଏହି ଏକକ ପରିକଳ୍ପିତ ।

**୨ୟ ଏକକ :** ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ଓ ସାମାଜିକ ଗଣମାଧ୍ୟମର ବ୍ୟବହାର ପ୍ରସଙ୍ଗରେ ଛାତ୍ରଛାତ୍ରୀ ଅବଗତ ହେବେ ।

**୩ୟ ଏକକ :** କମ୍ପ୍ୟୁଟରରେ ଓଡ଼ିଆ ମୁଦ୍ରଣ ଶିକ୍ଷାପାଇଁ ଛାତ୍ରଛାତ୍ରୀ ଏହି ଏକକରେ ଅଭ୍ୟାସ କରିପାରିବେ ଏବଂ ପରୀକ୍ଷାରେ ତାଙ୍କର ମୁଦ୍ରଣ ଦକ୍ଷତା ନିର୍ଣ୍ଣୟ କରାଯାଇପାରିବ।

**୪ର୍ଥ ଏକକ:** କମ୍ପ୍ୟୁଟର ମାଧ୍ୟମରେ ଛାତ୍ରଛାତ୍ରୀମାନେ କିପରି ପାୱାରପଏଣ୍ଟରେ ସ୍ଲାଇଡ୍, ଟେବୁଲ୍, ଫିଗର୍ସ ପ୍ରଭୃତି ପ୍ରସ୍ତୁତକରିବା ସହିତ କମ୍ପ୍ୟୁଟର ସଂଚାଳନରେ ଦକ୍ଷତା ଅର୍ଜନକରିବେ, ଏହି ଏକକଟି ସେ ବିଷୟରେ ଜ୍ଞାନ ପ୍ରଦାନକରିବ।

# ପାଠ୍ୟ ବିଷୟ

**୧ମ ଏକକ :** କମ୍ପ୍ୟୁଟର ଓ ତାର ବିଭିନ୍ନ ଅଂଶ

**୨ୟ ଏକକ :** ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ଓ ସାମାଜିକ ଗଣମାଧ୍ୟମର ବ୍ୟବହାର

**୩ୟ ଏକକ :** କମ୍ପ୍ୟୁଟରରେ ଓଡ଼ିଆ ଡି.ଟି.ପି ଶିକ୍ଷା

**୪ର୍ଥ ଏକକ :** ପାୱାରପଏଣ୍ଟରେ ସ୍ଲାଇଡ୍ ପ୍ରସ୍ତୁତ, ଟେବୁଲ୍ , ଫିଗର୍ସ, ପିକଚର୍

**ନମୁନା ପ୍ରଶ୍ନ (Sample Questions):**

୧ . କମ୍ପ୍ୟୁଟରର ଉଦ୍ଭାବକ କିଏ? (୧ ମାର୍କ)

୨ . ମାଉସ୍‌ର ଦୁଇଟି କାର୍ଯ୍ୟ ଲେଖ । (୨ ମାର୍କ)

୩. ଇନ୍‌ପୁଟ ଡିଭାଇସ୍ କାହାକୁ କୁହାଯାଏ, ଉଦାହରଣ ସହ ଲେଖ । (୫ ମାର୍କ)

୪. କମ୍ପ୍ୟୁଟରର ବିଭିନ୍ନ ଅଂଶ ଓ ତାର କାର୍ଯ୍ୟକାରିତା ଦର୍ଶାଅ । (୮ ମାର୍କ)

**ସହାୟକ ଗ୍ରନ୍ଥସୂଚୀ(Book of references):**

୧. ମୌଳିକ କମ୍ପ୍ୟୁଟର ଶିକ୍ଷା – ଦେବକାନ୍ତ ମିଶ୍ର, ଶୁଭ୍ରାଂଶୁ ଶେଖର ତ୍ରିପାଠୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଓଡ଼ିଆରେ କମ୍ପ୍ୟୁଟର ଶିକ୍ଷା – ରୁଦ୍ରନାରାୟଣ ମହାପାତ୍ର, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୩. ଓଡ଼ିଆ ଭାଷାରେ କମ୍ପ୍ୟୁଟରର ପ୍ରୟୋଗ – ସୁଧୀର ଚନ୍ଦ୍ର ମହାନ୍ତି, ଏ.କେ. ମିଶ୍ର ପବ୍ଲିକେଶନ, ଭୁବନେଶ୍ୱର ।

୪. କମ୍ପ୍ୟୁଟରରେ ଓଡ଼ିଆ ଭାଷାର ବ୍ୟବହାର ଓ ପ୍ରୟୋଗ – ରୁଦ୍ରପ୍ରସାଦ ମିଶ୍ର, ଆଜିଅନ୍ତା ପବ୍ଲିଶର୍ସ, ଜଗତସିଂହପୁର ।

୫. କମ୍ପ୍ୟୁଟର ଶିକ୍ଷା – ରାନୁ ବନିକ୍,ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, କଟକ ।

***

## ଅଷ୍ଟମ ପର୍ଯ୍ୟାୟ (Semester –VIII)

## ଅପ୍ରଧାନ ପାଠ୍ୟାଂଶ-୨ (Minor Core Course - II)

## ପଞ୍ଚମ ପତ୍ର (Paper – 05)

# ସାହିତ୍ୟ ଅଧ୍ୟୟନ ଓ ବ୍ୟାକରଣ

**Course Outcome: (ପାଠ୍ୟପତ୍ର ଫଳଶ୍ରୁତି) :**

କବିତା, ପ୍ରବନ୍ଧ, ଜୀବନ ସ୍ମୃତି ଓ ବ୍ୟାକରଣ ଜ୍ଞାନ ଅର୍ଜନ କରିବା ପାଇଁ ଏହି ପତ୍ରଟି ସହାୟକ ହେବ। ଏଥିରେ ଯେଉଁ ପାଠ୍ୟ ଖସଡ଼ା ପ୍ରଦତ୍ତ ହୋଇଛି - ତାହା ଛାତ୍ରଛାତ୍ରୀଙ୍କର ରୁଚି ଅନୁକୂଳ ଓ ଜ୍ଞାନ ବର୍ଦ୍ଧକ ହେବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଅଧ୍ୟାୟ :** ସ୍ୱାଧୀନତା ପୂର୍ବବର୍ତ୍ତୀ କାଳରେ ତିନିଜଣ ବିଶିଷ୍ଟ ପ୍ରାବନ୍ଧିକଙ୍କ ରଚନା ଏହି ଏକକରେ ରହିଥିବାରୁ ଛାତ୍ରଛାତ୍ରୀ ଓଡ଼ିଆ ପ୍ରବନ୍ଧର ପ୍ରାଥମିକ ପର୍ଯ୍ୟାୟର ଗୁଣାତ୍ମକ ବୈଶିଷ୍ଟ୍ୟକୁ ଚିହ୍ନି ପାରିବେ।

**୨ୟ ଏକକ :** ସବୁଥିରୁ ବଞ୍ଚିତ କରି, ଅଙ୍କୁର ଉବାଚ, ଓଡ଼ିଶା ଓ ହେ ମୋ ଦେଶ କବିତା ଚାରୋଟି ଏଠାରେ ପଠିତବ୍ୟ ବିଷୟ । ଭାଷା ଓ ଭାବର ମନୋଜ୍ଞ ସମନ୍ୱୟ ଏ ଗୁଡ଼ିକରେ ପ୍ରତିଭାତ ହେଉ ଥିବାରୁ ଛାତ୍ରଛାତ୍ରୀ ଉପକୃତ ହେବେ ।

**୩ୟ ଏକକ :** ସ୍ୱଭାବ କବି ଗଙ୍ଗାଧରଙ୍କ ଜୀବନ କାହାଣୀ ଉପରେ ଆଧାରିତ ପିତୃ ପ୍ରସଙ୍ଗ ରଚନାଟିକୁ ବିଦ୍ୟାର୍ଥୀମାନେ ସ୍ୱଭାବ କବିଙ୍କ ଜୀବନ ଓ ସାଧନା ବିଷୟରେ ଅବଗତ ହେବେ ।

**୪ର୍ଥ ଏକକ :** ବାକ୍ୟର ସ୍ୱରୂପ, ଲକ୍ଷଣ ତଥା ଲୋକୋକ୍ତି ସମ୍ପର୍କରେ ଏହି ଏକକଟି ବିଦ୍ୟାର୍ଥୀଙ୍କୁ ବ୍ୟାକରଣ ଜ୍ଞାନ ପ୍ରଦାନ କରିବ ।

# ପାଠ୍ୟ ବିଷୟ

**୧ମ ଏକକ** : ଗଦ୍ୟ ସାହିତ୍ୟ

୧ – କବିର କୌଶଳ – ମଧୁସୂଦନ ରାଓ

୨ – ଅଛୁ ଓ ହେବୁ – ନୀଳକଣ୍ଠ ଦାସ

୩ – ସ୍ତ୍ରୀ ଶିକ୍ଷା – ରେବା ରାୟ

**୨ୟ ଏକକ** : ପଦ୍ୟ ସାହିତ୍ୟ

୧ – ସବୁଥିରୁ ବଂଚିତ କରି – କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

୨ – ଅକ୍ରୂର ଉବାଚ – ଗୁରୁ ପ୍ରସାଦ ମହାନ୍ତି

୩ – ଓଡ଼ିଶା – ସୀତାକାନ୍ତ ମହାପାତ୍ର

୪ – ହେ ମୋ ଦେଶ – ବ୍ରଜନାଥ ରଥ

**୩ୟ ଏକକ** : **ଅତିରିକ୍ତ ପାଠ୍ୟ (ଜୀବନୀ)** ପିତୃ ପ୍ରସଙ୍ଗ– ଭଗବାନ ମେହେର ।

(ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନୀ–କେବଳ ଜୀବନୀ ଅଂଶ)

**୪ର୍ଥ ଏକକ** : **ବ୍ୟାକରଣ** –ବାକ୍ୟର ସଂଜ୍ଞା, ସ୍ୱରୂପ, ଲକ୍ଷଣ ଓ ରୂପାନ୍ତର, ଲୋକୋକ୍ତିର ଅର୍ଥ ଓ ପ୍ରୟୋଗ

**ସହାୟକ ଗ୍ରନ୍ଥସୂଚୀ: -**


୧. ସର୍ବସାର ବ୍ୟାକରଣ – ପଣ୍ଡିତ ନାରାୟଣ ମହାପାତ୍ର ଏବଂ ଶ୍ରୀଧର ଦାଶ – ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ ।

୨. ପ୍ରାୟୋଗିକ ଓଡ଼ିଆ ଭାଷା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର ।

୩. ପିତୃ ପ୍ରସଙ୍ଗ- ଭଗବାନ ମେହେର, ଓଡ଼ିଶା ବୁକ୍ ଷ୍ଟୋର, କଟକ ।

୪. ଆମ ଢଗ ଢମାଳିରେ ପଲ୍ଲୀ ପ୍ରଜ୍ଞା- ମହାପାତ୍ର ନୀଳମଣି ସାହୁ, ବିଦ୍ୟାପୁରୀ, କଟକ ।

୫. ପ୍ରବାଦ ଓ ପ୍ରବଚନ ସଂକଳନ- ସର୍ବେଶ୍ୱର ଦାସ, ଗ୍ରନ୍ଥ ମନ୍ଦିର, କଟକ ।

୬. ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ଧରଣୀଧର ନାୟକ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ,କଟକ ।

୭. ଲୋକବାଣୀ ସଂଚୟନ (୧ମ-୬ଷ୍ଠ ଖଣ୍ଡ)- କୁଞ୍ଜ ବିହାରୀ ଦାଶ, ଶ୍ରୀମତୀ ପ୍ରେମଲତା ଦାଶ, ମହତାବ ରୋଡ, କଟକ-୧୯୭୩ ।


**ନମୁନା ପ୍ରଶ୍ନ ( Sample Questions):**

୧. ମଧୁସୂଦନଙ୍କ ପ୍ରବନ୍ଧ ସଙ୍କଳନର ନାମ କଣ ? (୧ ମାର୍କ)

୨. ସୀତାକାନ୍ତ ମହାପାତ୍ରଙ୍କ ଦୁଇଟି କବିତା ଗ୍ରନ୍ଥର ନାମ ଲେଖ । (୨ ମାର୍କ)

୩. ବାକ୍ୟର ସଂଜ୍ଞା ପ୍ରଦାନ କରି ତାହାର ସ୍ୱରୂପ ଦର୍ଶାଅ । (୫ ମାର୍କ)

୪. ମିଥ୍ ଧର୍ମୀ କବିତା ଭାବେ ଅକ୍ରୁର ଉବାଚର ମର୍ମବାଣୀ ବିଶ୍ଳେଷଣ କର । (୮ ମାର୍କ)

***

## ଦ୍ୱିତୀୟ ପର୍ଯ୍ୟାୟ (Semester - II)
## ଅପ୍ରଧାନ ପାଠ୍ୟାଂଶ-୩ (Minor Core Course - III)
## ପ୍ରଥମ ପତ୍ର (Paper - 01)
# ସାହିତ୍ୟର ସ୍ୱରୂପ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ସାହିତ୍ୟ ବିବିଧ ରୂପର ସମାହାର । କାବ୍ୟ କବିତା, ଗଳ୍ପ ଉପନ୍ୟାସ, ନାଟକ ,ଏକାଙ୍କିକା ଏବଂ ଗଦ୍ୟ ସାହିତ୍ୟର ଭିନ୍ନଭିନ୍ନ ରୂପ ସାହିତ୍ୟକୁ କରିଛି ପରିପୁଷ୍ଟ । ଛାତ୍ରଛାତ୍ରୀମାନେ ସାହିତ୍ୟର ସେହି ରୂପଗତ ବୈଚିତ୍ର୍ୟ ଓ ତାର ତାତ୍ତ୍ୱିକ ଦିଗ ଉପରେ ଅବଗତ ହେବା ଆବଶ୍ୟକ । ଏହି ପତ୍ରଟି ଶିକ୍ଷାର୍ଥୀମାନଙ୍କୁ ସେ ସମ୍ପର୍କରେ ଧାରଣା ପ୍ରଦାନ କରିବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** କାବ୍ୟ, ମହାକାବ୍ୟ ଓ କବିତାର ସଂଜ୍ଞା ସ୍ୱରୂପ ଓ ବିବିଧତା ସମ୍ପର୍କରେ ଛାତ୍ରଛାତ୍ରୀ ଏଥିରେ ଜ୍ଞାନ ଲାଭ କରିବେ ।

**୨ୟ ଏକକ :**କଥାସାହିତ୍ୟର ଜଗତ ମଧ୍ୟ ବର୍ଣ୍ଣିଳ, ବିଶେଷତଃ ଗଳ୍ପ ଓ ଉପନ୍ୟାସର ତାତ୍ତ୍ୱିକ ଦିଗ ସହ ତାହାର ବିଶେଷତ୍ୱ ଓ ପ୍ରକାରଭେଦ ଏହି ଏକକରୁ ଜାଣି ହେବ ।

**୩ୟ ଏକକ :** ନାଟକ ଓ ଏକାଙ୍କିକା ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଏକାଧାରରେ ପାଠକ ଓ ଦର୍ଶକଙ୍କୁ ଆକୃଷ୍ଟ କରିଥାଏ । ତେଣୁ ଏ ଉଭୟର ସଂଜ୍ଞା, ସ୍ୱରୂପ, ରୂପଭେଦ ଉପରେ ଏହି ଏକକ ଅବଗତ କରାଇବ ।

**୪ର୍ଥ ଏକକ :** ଗଦ୍ୟ ରଚନାର ବିଭିନ୍ନତା ମଧ୍ୟରୁ ପ୍ରବନ୍ଧ, ରମ୍ୟ ରଚନା, ଭ୍ରମଣ କାହାଣୀ ତଥା ଜୀବନୀ ଓ ଆତ୍ମଜୀବନୀ ଆଧୁନିକ ସାହିତ୍ୟକୁ କରିଛି ସମୃଦ୍ଧ। ଏହି ରଚନାମାନଙ୍କର ତାତ୍ତ୍ୱିକ ଓ ଗୁଣାତ୍ମକ ବୈଶିଷ୍ଟ୍ୟ ଜାଣିବା ପାଇଁ ଏହି ଏକକ ଉଦ୍ଦିଷ୍ଟ ।

# ପାଠ୍ୟ ବିଷୟ

**୧ମ ଏକକ :** କାବ୍ୟକବିତା- କ) କାବ୍ୟ, ମହାକାବ୍ୟର ସଂଜ୍ଞା, ସରୂପ ଓ ପ୍ରକାର ଭେଦ
ଖ) ଗୀତି କବିତା, ଗାଥାକବିତା, ସନେଟ୍, ସମ୍ବୋଧନଗୀତିକାର ସଂଜ୍ଞା ଓ ସରୂପ

**୨ୟ ଏକକ :** ଗଳ୍ପ ଓ ଉପନ୍ୟାସ – କ) ଗଳ୍ପର ସଂଜ୍ଞା, ସରୂପ ଓ ପ୍ରକାରଭେଦ
ଖ) ଉପନ୍ୟାସର ସଂଜ୍ଞା, ସରୂପ, ଓ ପ୍ରକାରଭେଦ

**୩ୟ ଏକକ :** ନାଟକ ଓ ଏକାଂକିକା - କ) ନାଟକର ସଂଜ୍ଞା, ସରୂପ ଓ ପ୍ରକାରଭେଦ
ଖ) ଏକାଂକିକାର ସଂଜ୍ଞା, ସରୂପ ଓ ପ୍ରକାରଭେଦ

**୪ର୍ଥ ଏକକ :** ଗଦ୍ୟ ସାହିତ୍ୟ – (ପ୍ରବନ୍ଧ, ରମ୍ୟରଚନା, ଭ୍ରମଣ କାହାଣୀ, ଜୀବନୀ-ଆତ୍ମଜୀବନୀର ସଂଜ୍ଞା ଓ ସ୍ୱରୂପ)

**ସହାୟକ ଗ୍ରନ୍ଥସୂଚୀ (Book of references):**

୧. ସାହିତ୍ୟର ସନ୍ଧିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ-୨୦୧୬
୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ, ନାଳନ୍ଦା, ବିନୋଦବିହାରୀ, କଟକ - ୨୦୧୦
୩. ସାହିତ୍ୟର ରୂପରେଖ - ନୀଳାଦ୍ରି ଭୂଷଣ ହରିଚନ୍ଦନ, ବାଳକୃଷ୍ଣ ବେହେରା, ବିଦ୍ୟାପୁରୀ, ବାଲୁବଜାର, କଟକ-୨୦୧୭
୪. ସାହିତ୍ୟର ତାଳପତ୍ର - ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ୨୦୧୮
୫. ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ଓ ପାଶ୍ଚାତ୍ୟ - ଜ୍ୟୋସ୍ନାମୟୀ ପ୍ରଧାନ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨୦୧୯

୬. ସାହିତ୍ୟର ଗଠନ ରୀତି - ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୭. ସାହିତ୍ୟ ତତ୍ତ୍ୱ - ଧନେଶ୍ୱର ମହାପାତ୍ର, ଗ୍ରନ୍ଥମନ୍ଦିର, କଟକ,

୮. ସାହିତ୍ୟର ସାମାନ୍ୟ କଥନ- କ୍ଷେତ୍ରବାସୀ ନାୟକ, ସାଥୀ ମହଲ, କଟକ

୯. ସମ୍ବାଦ-ଆମ ଓଡ଼ିଶା : ସାହିତ୍ୟକୋଷ- ସଂ.ଦାଶରଥି ଦାସ, ସୁଦର୍ଶନ ଆଚାର୍ଯ୍ୟ, ଦେବେନ୍ଦ୍ର କୁମାର ଦାଶ, ଗୌରାଙ୍ଗ ଚରଣ ଦାଶ, ଆମ ଓଡ଼ିଶା, ୪ ଆର୍ ୧/୨, ଇଉନିଟ୍-୩, ଭୁବନେଶ୍ୱର

**ନମୁନା ପ୍ରଶ୍ନ(Sample Questions):**

୧. ସନେଟ୍‌ରେ କେତେଗୋଟି ପାଦ ରହିଥାଏ ? (୧ମାର୍କ ପ୍ରଶ୍ନ)

୨.ଗଳ୍ପ ଓ ଉପନ୍ୟାସ ମଧ୍ୟରେ ଦୁଇଗୋଟି ପାର୍ଥକ୍ୟ ଲେଖ । (୨ମାର୍କ ପ୍ରଶ୍ନ)

୩. ଏକାଙ୍କିକା ନାଟକର ବାମନରୂପ ନୁହେଁ, କାହିଁକି? ଦର୍ଶାଅ। (୫ମାର୍କ ପ୍ରଶ୍ନ)

୪.ଭ୍ରମଣ କାହାଣୀର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ ପ୍ରଦର୍ଶନ କର । (୮ମାର୍କ ପ୍ରଶ୍ନ)

***

## ଚତୁର୍ଥ ପର୍ଯ୍ୟାୟ (Semester - IV)

## ଅପ୍ରଧାନ ପାଠ୍ୟାଂଶ-୩ (Minor Core Course - III)

### ଦ୍ୱିତୀୟ ପତ୍ର (Paper – 02)

# ସାହିତ୍ୟ ଅଧ୍ୟୟନ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ସ୍ନାତକ ସମ୍ମାନ ଓଡ଼ିଆ ଛାତ୍ରଛାତ୍ରୀ ବ୍ୟତିରେକ ଅନ୍ୟ ବିଭାଗର ବିଦ୍ୟାର୍ଥୀମାନଙ୍କ ପାଇଁ ଓଡ଼ିଆ ସାହିତ୍ୟର କେତୋଟି ସ୍ମରଣୀୟ ଗଳ୍ପ, ଉପନ୍ୟାସ, ନାଟକ ଓ ରମ୍ୟରଚନା ଏହି ପାଠ୍ୟଖସଡ଼ାରେ ସ୍ଥାନିତ । ଛାତ୍ରଛାତ୍ରୀମାନେ ଏହା ଅଧ୍ୟୟନ କରି ଓଡ଼ିଆ ସାହିତ୍ୟର କଳାତ୍ମକ ଓ ଲୋକପ୍ରିୟ ରଚନାଗୁଡ଼ିକୁ ଅବଗତ ହୋଇପାରିବେ । ସାହିତ୍ୟର ଗୁଣବତ୍ତା ଓ ରସାନୁଭୂତି ଲାଭକରି ସେମାନେ ଉପକୃତ ହେବେ ।

Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):

**୧ମ ଏକକ:** ବୁଢ଼ା ଶଙ୍ଖାରି ଓ ଶିକାର ଓଡ଼ିଆ ଗଳ୍ପ ସାହିତ୍ୟର ଦୁଇଟି ସ୍ମରଣୀୟ କୃତି । ସାମ୍ୟବାଦୀ ଚେତନା ଓ କରୁଣ ରସର ପ୍ରବାହ ରହିଥିବାରୁ ଏହା ବିଦ୍ୟାର୍ଥୀଙ୍କ ଉପଯୋଗୀ ହେବ।

**୨ୟ ଏକକ:** ଓଡ଼ିଆ ସାହିତ୍ୟର କାଳଜୟୀ ଉପନ୍ୟାସଗୁଡିକ ମଧ୍ୟରେ ମାଟିର ମଣିଷ ଓ ଶାସ୍ତି ବେଶ୍ ଲୋକପ୍ରିୟ। ପାଠକୀୟ ଆଦୃତି ଓ କଳାବୋଧ ଦୃଷ୍ଟିରୁ ଏହା ଓଡ଼ିଆ ଉପନ୍ୟାସର ସ୍ୱାଦ ପରଖିବାରେ ସମର୍ଥ ହେବ।

**୩ୟ ଏକକ:** କାଳୀଚରଣଙ୍କ ଅଭିଯାନ ଏକ ଉଚ୍ଚକୋଟୀର ଐତିହାସିକ ନାଟକ, ଅଶ୍ୱିନୀ କୁମାରଙ୍କ କୋଣାର୍କ ମଧ ଏକ ବିଶିଷ୍ଟ ନାଟ୍ୟକୃତି । ଏ ଉଭୟ ମଧ୍ୟରୁ ଗୋଟିକର ଅଧ୍ୟୟନ କରି ଛାତ୍ରଛାତ୍ରୀ ଓଡ଼ିଆ ନାଟକର ମହତ୍ତ୍ୱ କୁ କିଞ୍ଚିତ ଉପଲବ୍ଧି କରି ପାରିବେ।

**୪ର୍ଥ ଏକକ:** ସବୁ ଶ୍ରେଣୀର ପାଠକ ଙ୍କ ପାଇଁ ରମ୍ୟରଚନା ହୁଏ ହୃଦୟଗ୍ରାହୀ । ଏହି ଏକକରେ ଓଡ଼ିଶାର ତିନି ଜଣ ରମ୍ୟ ରଚୟିତା ଙ୍କ ବିଶିଷ୍ଟ କୃତି ସ୍ଥାନିତ ହୋଇଥିବାରୁ ଏହା ଛାତ୍ରୋପଯୋଗୀ ହେବ ।

# ପାଠ୍ୟ ବିଷୟ

**୧ମ ଏକକ-** **ଗଳ୍ପ ସାହିତ୍ୟ**

ବୁଢ଼ା ଶଙ୍ଖାରି- ଲକ୍ଷ୍ମୀକାନ୍ତ ମହାପାତ୍ର
ଶିକାର- ଭଗବତୀ ଚରଣ ପାଣିଗ୍ରାହୀ

**୨ୟ ଏକକ-** **ଉପନ୍ୟାସ ସାହିତ୍ୟ**

ଶାସ୍ତି- କାହ୍ନୁଚରଣ ମହାନ୍ତି **କିମ୍ବା** ମାଟିର ମଣିଷ- କାଳିନ୍ଦୀ ଚରଣ ପାଣିଗ୍ରାହୀ

**୩ୟ ଏକକ-** **ନାଟ୍ୟ ସାହିତ୍ୟ**

ଅଭିଯାନ- କାଳୀଚରଣ ପଟ୍ଟନାୟକ **କିମ୍ବା** କୋଣାର୍କ- ଅଶ୍ୱିନୀ କୁମାର ଘୋଷ

**୪ର୍ଥ ଏକକ-** **ରମ୍ୟରଚନା**

ବାଇ ମହାନ୍ତି ପାଞ୍ଜି (ପ୍ରଥମ ବିଡ଼ା)- ଗୋପାଳ ଚନ୍ଦ୍ର ପ୍ରହରାଜ
ବଟୁଆ- ଗୋବିନ୍ଦ ତ୍ରିପାଠୀ, ସାଧୁସଙ୍ଗ- ଚୌଧୁରୀ ହେମକାନ୍ତ ମିଶ୍ର

**ସହାୟକ ଗ୍ରନ୍ଥସୂଚୀ (Book of references)**:


୧. କାହ୍ନୁ ଚରଣ ବିଶେଷାଙ୍କ, କୋଣାର୍କ, ଓଡ଼ିଶା ସାହିତ୍ୟ ଏକାଡେମୀ ।
୨. ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ- **ବୈଷ୍ଣବ** ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶରସ, କଟକ୍ ।
୩. ଓଡ଼ିଆ କଥା ସାହିତ୍ୟର କଥା ଓ ରମ୍ୟରଚନା- ମହାପାତ୍ର ନୀଳମଣି ସାହୁ, ଓଡ଼ିଶା ବୁକସ୍ ଷ୍ଟୋର୍, କଟକ ।
୪. ଶାସ୍ତି- କାହ୍ନୁ ଚରଣ ମହାନ୍ତି, ଫ୍ରେଣ୍ଡସ୍ ପବ୍ଲିଶରସ୍, କଟକ ।
୫. ମାଟିର ମଣିଷ- କାଳିନ୍ଦୀ ଚରଣ ପାଣିଗ୍ରାହୀ, ।
୬. ଅଭିଯାନ- କାଳୀଚରଣ ପଟ୍ଟନାୟକ, ଇଉନାଇଟେଡ୍ ବୁକ ହାଉସ, କଟକ ।
୭. କୋଣାର୍କ- ଅଶ୍ୱିନୀ କୁମାର ଘୋଷ , ଅରୁଣ ଘୋଷ, ଅକ୍ଷୟ ଭଣ୍ଡାର, କଟକ ।
୮. ରମ୍ୟ ରଚନା- ସଂ.ନାରାୟଣ ସାହୁ ଓ ଶ୍ରୀକାନ୍ତ କୁମାର ବାରିକ, ଚିନ୍ମୟ ପ୍ରକାଶନ, ବିନୋଦବିହାରୀ,କଟକ ।


**ନମୁନା ପ୍ରଶ୍ନ(Sample Questions):**

୧. ବୁଢ଼ା ଶଙ୍ଖାରୀ ଗଳ୍ପରେ ବହୁଟି କି ଶଙ୍ଖା ବରାଦ କରିଥିଲା ? (୧ ମାର୍କ)
୨. ମାଟିର ମଣିଷ ବ୍ୟତୀତ କାଳିନ୍ଦୀ ଚରଣ ଙ୍କର ଅନ୍ୟ ଦୁଇଟି ଉପନ୍ୟାସର ନାମ ଲେଖ। (୨ ମାର୍କ)
୩. ବଟୁଆ ପ୍ରବନ୍ଧର ସାରମର୍ମ ଲେଖ। (୫ ମାର୍କ)
୪. କାଳୀଚରଣଙ୍କ ଅଭିଯାନ ନାଟକରୁ ପଦ୍ମାବତୀଙ୍କ ଚରିତ୍ର ଚିତ୍ରଣ କର।

***

## ଷଷ୍ଠ ପର୍ଯ୍ୟାୟ (Semester –VI)

## ଅପ୍ରଧାନ ପାଠ୍ୟାଂଶ-୩ (Minor Core Course - III)

## ତୃତୀୟ ପତ୍ର (Paper - 03)

# ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ ଓଡ଼ିଆ ସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ଶଂସିତ ପତ୍ରଟି ପ୍ରାଚୀନ ଓଡ଼ିଆ ସାହିତ୍ୟର କାହାଣୀ ଧର୍ମୀ କାବ୍ୟାଂଶ ଉପରେ ଆଧାରିତ ହୋଇଥିବାରୁ ଛାତ୍ରଛାତ୍ରୀଙ୍କର ଜ୍ଞାନ ଆହରଣ ଓ ଚିତ୍ତଉଲ୍ଲାସକ ହେବ । ସେହିପରି ମଧ୍ୟଯୁଗ ଓ ଆଧୁନିକ ଯୁଗର ବରେଣ୍ୟ ସାହିତ୍ୟ ସ୍ରଷ୍ଟାଙ୍କ ବିଷୟରେ ଛାତ୍ରଛାତ୍ରୀ ଜ୍ଞାନଲାଭ କରିବେ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ସାରଳା ମହାଭାରତର ମୌଳିକ ଉପାଖ୍ୟାନଗୁଡ଼ିକ ମଧ୍ୟରେ ସତ୍ୟଆମ୍ବ କଥା, ତୁଳସୀବଣ ବାଘ ଓ ଗଙ୍ଗା - ଗାଙ୍ଗୀ ପ୍ରସଙ୍ଗ ବିଦ୍ୟାର୍ଥୀଙ୍କ ଚେତନାକୁ ଉଦ୍‌ବୁଦ୍ଧ କରିବ ।

**୨ ୟ ଏକକ :** ମୃଗୁଣୀ ଓ ବଉଳା କାହାଣୀ ତଥା ଜଗନ୍ନାଥ ଦାସଙ୍କ କପୋତ ଓ ପିଙ୍ଗଳା ଉପାଖ୍ୟାନ ବେଶ ଶିକ୍ଷଣୀୟ ଓ ନୀତି ପ୍ରଦ । ଏ ବିଷୟରେ ଛାତ୍ରଛାତ୍ରୀ ଅବଗତ ହୋଇପାରିବେ ।

**୩ୟ ଏକକ :** ରୀତିଯୁଗୀୟ କାବ୍ୟ ସ୍ରଷ୍ଟାଙ୍କ ମଧ୍ୟରେ ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ ଓ କବିସୂର୍ଯ୍ୟ ପ୍ରତିଭାଶାଳୀ ଶିଳ୍ପୀ । ସେମାନଙ୍କ ବିଷୟରେ ଛାତ୍ରଛାତ୍ରୀ ଜାଣିବା ଏକାନ୍ତ ଆବଶ୍ୟକ ।

**୪ର୍ଥ ଏକକ :** ଆଧୁନିକ ସାହିତ୍ୟକୁ ରାଧାନାଥ, ଫକୀରମୋହନ, ଗଙ୍ଗାଧର ଓ ମାୟାଧରଙ୍କ ଅବଦାନ ଅତୁଳନୀୟ ତାଙ୍କର ସଂକ୍ଷିପ୍ତ ପରିଚୟ ବିଦ୍ୟାର୍ଥୀଙ୍କ ପାଇଁ ଉପଯୋଗୀ ହେବ।

# ପାଠ୍ୟ ବିଷୟ

**୧ମ ଏକକ : ସାରଳା ମହାଭାରତରେ କାହାଣୀ**

ସତ୍ୟଆମ୍ବ, ତୁଳସୀବଣ ବାଘ

ଗଙ୍ଗା ବୋଇଲେ ଥିବି ଗାଂଗୀ ବୋଇଲେ ଯିବି

**୨ୟ ଏକକ : ବଳରାମ ଦାସ ଓ ଜଗନ୍ନାଥ ଦାସଙ୍କ ରଚନାରେ କାହାଣୀ**

ବଳରାମ ଦାସଙ୍କ ବଉଳା ଅଧ୍ୟାୟ ଓ ମୃଗୁଣୀ ସ୍ତୁତି

ଜଗନ୍ନାଥ ଦାସଙ୍କ କପୋତ ଉପାଖ୍ୟାନ ଓ ପିଙ୍ଗଳା ଉପାଖ୍ୟାନ

**୩ୟ ଏକକ : ମଧ୍ୟକାଳୀନ ସାହିତ୍ୟ - ସ୍ରଷ୍ଟାଙ୍କ ସଂକ୍ଷିପ୍ତ ପରିଚୟ**

ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର,

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ

**୪ର୍ଥ ଏକକ : ଆଧୁନିକ ଯୁଗର ସାହିତ୍ୟ -ସ୍ରଷ୍ଟାଙ୍କ ସଂକ୍ଷିପ୍ତ ପରିଚୟ**

ରାଧାନାଥ ରାୟ, ଫକୀରମୋହନ ସେନାପତି,

ଗଙ୍ଗାଧର ମେହେର, ମାୟାଧର ମାନସିଂହ

**ସହାୟକ ଗ୍ରନ୍ଥସୂଚୀ (Book of references):**


୧. ଓଡ଼ିଆ ସାହିତ୍ୟର ଇତିହାସ – ସୂର୍ଯ୍ୟନାରାୟଣ ଦାଶ (୨ୟ ଓ ୩ୟ ଭାଗ) –ଗ୍ରନ୍ଥ ମନ୍ଦିର, କଟକ ।

୨. ଓଡ଼ିଆ ସାହିତ୍ୟର ଇତିହାସ- (୧୮୦୩ – ୧୯୨୦) ନଟବର ସାମନ୍ତରାୟ, ବାଣୀ ଭବନ, ଭୁବନେଶ୍ୱର ।

୩. ଗଂଗାଧର ସାହିତ୍ୟ ଜିଜ୍ଞାସା –ବବ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲିକେଶନସ୍, କଟକ ।

୪. ନନ୍ଦକିଶୋର ସାହିତ୍ୟ ସମୀକ୍ଷା – ନଟବର ସାମନ୍ତରାୟ, ଓଡ଼ିଶା ସାହିତ୍ୟ ଏକାଡେମୀ ।

୫. ମାନସିଂ ମାନସ- ଶ୍ରୀଚରଣ ମହାନ୍ତି ।

୬. ଭାଗବତର ସୃଷ୍ଟି ସୌରଭ- ଉଦୟନାଥ ସାହୁ, ଏଥେନା, ଭୁବନେଶ୍ୱର ।

୭. ଓଡ଼ିଆ ସାହିତ୍ୟର ଇତିହାସ- ଅଜୟ କୁମାର ମିଶ୍ର, ରତ୍ନାକର ଚଇନି ।

୮. ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ରାଧାନାଥ- ନଟବର ସାମନ୍ତରାୟ ।

୯. କବି ଓ କବିତା- ମାୟାଧର ମାନସିଂ

୧୦. ସରସ୍ୱତୀ ଫକୀରମୋହନ- ମାୟାଧର ମାନସିଂ ।


**ନମୁନା ପ୍ରଶ୍ନ ( Sample Questions):**

୧. ସତ୍ୟଆମ୍ବ ପ୍ରସଙ୍ଗ ସାରଳା ମହାଭାରତର କେଉଁ ପର୍ବରେ ରହି ଅଛି? (୧ ମାର୍କ)

୨. ଜଗନ୍ନାଥ ଦାସଙ୍କ କପୋତ ଉପାଖ୍ୟାନ ପାଠକ ସମାଜକୁ ଯେଉଁ ଶିକ୍ଷା ଦେଇଥାଏ? (୨ ମାର୍କ)

୩. କବିସୂର୍ଯ୍ୟ ବଳଦେବ ରଥଙ୍କ ରଚନାର ସଂକ୍ଷିପ୍ତ ପରିଚୟ ପ୍ରଦାନ କର। (୫ ମାର୍କ)

୪. କବିବର ରାଧାନାଥ ରାୟ ଓଡ଼ିଆ କାବ୍ୟ ସାହିତ୍ୟରେ କି କି ନୂତନତା ଆଣିଛନ୍ତି - ଦର୍ଶାଅ। (୮ ମାର୍କ)

***

## ପ୍ରଥମ ପର୍ଯ୍ୟାୟ( SEMESTER-I)

### ସାମର୍ଥ୍ୟବର୍ଦ୍ଧକ ପାଠ୍ୟକ୍ରମ

### Ability Enhancement Course (AEC)

# ପରିଶୁଦ୍ଧ ଭାଷା ଓ ଲିଖନ ଧାରା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସାହିତ୍ୟର ଲିଖନ ଓ ଅଧ୍ୟୟନ କ୍ଷେତ୍ରରେ ଭାଷାର ପରିଶୁଦ୍ଧତା ନିତାନ୍ତ ଆବଶ୍ୟକ । ସାହିତ୍ୟକର୍ମ ବ୍ୟତିରେକ ବିଭିନ୍ନକ୍ଷେତ୍ରରେ ନିର୍ଭୁଲଭାଷା ବ୍ୟବହାର ହେବା ବାଞ୍ଛନୀୟ । ଭାରତର ସମ୍ବିଧାନସ୍ୱୀକୃତ ଭାଷାମାନଙ୍କ ମଧ୍ୟରେ ଓଡ଼ିଆଭାଷାର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷାର୍ଥୀମାନେ ନିର୍ଭୁଲ ଭାଷା ପ୍ରୟୋଗକ୍ଷେତ୍ରରେ କିପରି ସମର୍ଥ ହେବେ, ସେଥିନିମିତ୍ତ ଏହି ପାଠ୍ୟପତ୍ରଟି ପରିକଳ୍ପିତ । ବିଭିନ୍ନ ପ୍ରତିଯୋଗିତାମୂଳକ ତଥା ପ୍ରାଶାସନିକ ସେବାମୂଳକ ନିଯୁକ୍ତ ହେବାପାଇଁ ସମ୍ମୁଖୀନ ହେଉଥିବା ପରୀକ୍ଷାନିମିତ୍ତ ମଧ୍ୟ ଏହା ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ:** କ) ଶବ୍ଦ ଗଠନରେ ଶୁଦ୍ଧତା

ଖ) ରୂଢ଼ିର ଅର୍ଥ ଅବଗତି

ଗ) ରୂଢ଼ିର ପ୍ରୟୋଗବିଧି ଶିକ୍ଷା

**୨ୟ ଏକକ:** କ) ବାକ୍ୟର ଗଠନରୀତି ଶିକ୍ଷା

ଖ) ବିବିଧ ପ୍ରକାର ବାକ୍ୟ ସମ୍ପର୍କରେ ଧାରଣା

ଗ) ନିର୍ଭୁଲ ବାକ୍ୟଲିଖନ ବିଦ୍ୟା

**୩ୟ ଏକକ:** କ) ବୃହତ୍ ଅନୁଚ୍ଛେଦକୁ ସଂକ୍ଷିପ୍ତ କରିବାର କୌଶଳ

ଖ) ବିଷୟଗତ ଶୀର୍ଷକ ନିର୍ଦ୍ଧାରଣ କଳା

ଗ) ଅନୁଚ୍ଛେଦରୁ ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ

**୪ର୍ଥ ଏକକ**: କ) ସ୍ତମ୍ଭଲିଖନ ଜ୍ଞାନ

ଖ) ଫିଚର୍ ପ୍ରସ୍ତୁତି

ଗ) ନିର୍ଭୁଲ ପତ୍ରଲିଖନ ଓ ବିଜ୍ଞାପନ ପ୍ରସ୍ତୁତି କଳା

# ପାଠ୍ୟ ବିଷୟ

**ପ୍ରଥମ ଏକକ:** (କ) ଶବ୍ଦର ସଂଜ୍ଞା, ଶୁଦ୍ଧ ଶବ୍ଦ ଓ ବର୍ଣ୍ଣାଶୁଦ୍ଧି

(ଖ) ରୂଢ଼ିର ଅର୍ଥ ଓ ପ୍ରୟୋଗ ବିଧି

**ଦ୍ୱିତୀୟ ଏକକ:** ବାକ୍ୟ ଗଠନରୀତି ଓ ପ୍ରକାର ଭେଦ

**ତୃତୀୟ ଏକକ:** ଅନୁଚ୍ଛେଦ ସଂକ୍ଷେପଣ, ଶୀର୍ଷକ ନିର୍ଦ୍ଧାରଣ ଓ ପ୍ରଶ୍ନୋତ୍ତର

**ଚତୁର୍ଥ ଏକକ:** ନିର୍ଭୁଲ ଲିଖନ ପଦ୍ଧତି, ସ୍ତମ୍ଭ ଲିଖନ, ଫିଚର୍, ପତ୍ର ଲିଖନ, ବିଜ୍ଞାପନ ପ୍ରସ୍ତୁତି

**ସହାୟକ ଗ୍ରନ୍ଥସୂଚୀ (Book of reference ) :**

୧. ସର୍ବସାର ବ୍ୟାକରଣ - ଶ୍ରୀଧର ଦାସ, ଗ୍ରନ୍ଥ ମନ୍ଦିର, କଟକ ।

୨. ସାରସ୍ୱତ ବ୍ୟାବହାରିକ ବ୍ୟାକରଣ - କୃଷ୍ଣଚନ୍ଦ୍ର ପ୍ରଧାନ, ସତ୍ୟ ନାରାୟଣ ବୁକ୍ ଷ୍ଟୋର ।

୩. ବୃହତ୍ ଓଡ଼ିଆ ବ୍ୟାକରଣ- ତ୍ରିଲୋଚନ ବେହେରା, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ଆଧୁନିକ ଓଡ଼ିଆ ବ୍ୟାକରଣ- ଧନେଶ୍ୱର ମହାପାତ୍ର, କିତାବ୍ ମହଲ, କଟକ ।

୫. ସାଧାରଣ ଓଡ଼ିଆ ବନାନ ଶୁଦ୍ଧି- ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

୬. ଗଣମାଧ୍ୟମ ଓ ଗଣଯୋଗାଯୋଗ – ଶିଶିର ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୭. ଯୋଗାଯୋଗ ମୂଳକ ମାତୃଭାଷା – ବିରଞ୍ଚି ନାରାୟଣ ସାମଲ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୮. ଯୋଗାଯୋଗର ଭାଷା – ସୁଧୀର ଚନ୍ଦ୍ର ମହାନ୍ତି, ପ୍ରାଚୀ ପ୍ରକାଶନ, କଟକ ।

୯. ନିର୍ଭୁଲ ଲେଖାର ମୂଳସୂତ୍ର, ନୀଳାଦ୍ରି ଭୂଷଣ ହରିଚନ୍ଦନ, କିତାବ ମହଲ, କଟକ ।

୧୦.ଓଡ଼ିଆ ଭାଷା ବ୍ୟାକରଣ ସୌରଭ, ଚନ୍ଦ୍ରଶେଖର ପତି, ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ ।

**ନମୁନା ପ୍ରଶ୍ନ (Sample Questions) :**

୧. ଶବ୍ଦ କାହାକୁ କୁହାଯାଏ ? (୧ ମାର୍କ)

୨.ପର୍ବତର ଦୁଇଟି ପ୍ରତିଶବ୍ଦ ଲେଖ । (୨ ମାର୍କ)

୩.ବାକ୍ୟର ପ୍ରକାରଭେଦ ଦର୍ଶାଅ। (୫ ମାର୍କ)

୪.ତୁମ ମହାବିଦ୍ୟାଳୟରେ ଏକ ଶିକ୍ଷକ ନିଯୁକ୍ତିପାଇଁ କୌଣସି ସମ୍ବାଦପତ୍ରରେ ଓଡ଼ିଆ ଭାଷାରେ କିପରି ବିଜ୍ଞାପନ ଦିଆଯିବ, ତାହାର ଏକ ନମୁନା ଲେଖ । (୮ ମାର୍କ)

***

## ବହୁମୁଖୀ ପାଠ୍ୟଖସଡ଼ା

## Multidisciplinary Course

## ପ୍ରଥମ ପତ୍ର

# ତୁଳନାତ୍ମକ ସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ବିବିଧ ଭାଷାର ସାହିତ୍ୟ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ ସାମ୍ପ୍ରତିକ ସମୟର ଏକ ପ୍ରାସଙ୍ଗିକ ବିଷୟ । ଏହାଦ୍ୱାରା ବିଶ୍ୱ ପରିପ୍ରେକ୍ଷୀରେ ସାହିତ୍ୟିକ ସମ୍ପର୍କ ବୃଦ୍ଧିପାଏ ଓ ବିଶ୍ୱ କଲ୍ୟାଣ ସାଧିତହୁଏ । ସ୍ନାତକଶ୍ରେଣୀର ବିଦ୍ୟାର୍ଥୀମାନେ ତୁଳନାତ୍ମକ ସାହିତ୍ୟ ଅଧ୍ୟୟନ ମାଧ୍ୟମରେ ବିବିଧଭାଷା ଓ ସାହିତ୍ୟର ଜ୍ଞାନ ଆହରଣ କରିପାରିବେ । ତେଣୁ ବହୁମୁଖୀ ପାଠ୍ୟଖସଡ଼ାରେ ତୁଳନାତ୍ମକ ସାହିତ୍ୟ ଅତ୍ୟନ୍ତ ଉପାଦେୟ ହେବ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ତୁଳନାତ୍ମକ ସାହିତ୍ୟର ତାତ୍ତ୍ୱିକଦିଗ ଉପରେ ଛାତ୍ରଛାତ୍ରୀ ଏଠାରେ ଅବଗତ ହୋଇପାରିବେ । ବିଶେଷତଃ ତୁଳନାତ୍ମକ ସାହିତ୍ୟର ସଂଜ୍ଞା, ସ୍ୱରୂପ ଓ ବିବିଧରୂପ ଜାଣିପାରିବେ ।

**୨ୟ ଏକକ :** ସଂସ୍କୃତ ହେଉଛି ଭାରତର ସର୍ବପ୍ରାଚୀନ କାବ୍ୟଭାଷା । ସଂସ୍କୃତ ସାହିତ୍ୟର ବିଖ୍ୟାତ କବି ଓ ନାଟ୍ୟକାର କାଳିଦାସଙ୍କ ସୁପ୍ରସିଦ୍ଧ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକ ଓ ଆଧୁନିକ ଓଡ଼ିଆ କାବ୍ୟକାର ଗଙ୍ଗାଧରଙ୍କ 'ପ୍ରଣୟବଲ୍ଲରୀ'ର ତୁଳନାତ୍ମକ ଅଧ୍ୟୟନ କରିବାପାଇଁ ଏହି ଏକକରେ ସୁଯୋଗ ରହିଛି ।

**୩ୟ ଏକକ :** ହିନ୍ଦୀ ଭାରତର ରାଷ୍ଟ୍ର ଭାଷା । ଏହି ଭାଷାର ବିଖ୍ୟାତ ଲେଖକ ପ୍ରେମଚାନ୍ଦଙ୍କ ଗୋଦାନ ଉପନ୍ୟାସ ଓ ବିଶିଷ୍ଟ ଓଡ଼ିଆ କଥାକାର ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ତୁଳନାତ୍ମକ ସମୀକ୍ଷା ବେଶ୍ ଗୁରୁତ୍ୱ ରଖେ । ଏହି ଏକକରୁ ବିଦ୍ୟାର୍ଥୀମାନେ ତୁଳନାତ୍ମକ ଜ୍ଞାନ ଅର୍ଜନ କରିବେ ।

**୪ର୍ଥ ଏକକ:** ନୋବେଲ ପୁରସ୍କାର ପ୍ରାପ୍ତ The Waste Land ଗ୍ରନ୍ଥଟି ବିଶ୍ୱବ୍ୟାପୀ ପ୍ରଭାବବିସ୍ତାର କରିଛି । ତାହା ସହିତ ଯଶସ୍ୱୀ ଆଧୁନିକ କବି ଗୁରୁପ୍ରସାଦଙ୍କ କାଳପୁରୁଷର କିପରି ସାମଞ୍ଜସ୍ୟ ବା ତାରତମ୍ୟ ରହିଛି , ଛାତ୍ରଛାତ୍ରୀ ତାହା ଏଠାରେ ଅନୁଶୀଳନ କରିବେ ।

# ପାଠ୍ୟ ବିଷୟ

**୧ମ ଏକକ :** ତୁଳନାତ୍ମକ ସାହିତ୍ୟ: ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ

**୨ୟ ଏକକ :** ସଂସ୍କୃତ ଓ ଓଡ଼ିଆ : ଅଭିଜ୍ଞାନ ଶାକୁନ୍ତଳମ୍ ଓ ପ୍ରଣୟବଲ୍ଲରୀ

**୩ୟ ଏକକ :** ହିନ୍ଦୀ ଓ ଓଡ଼ିଆ

ଗୋଦାନ - ପ୍ରେମଚାନ୍ଦ ଓ ଛମାଣ ଆଠଗୁଣ୍ଠ-ଫକୀରମୋହନ ସେନାପତି

**୪ର୍ଥ ଏକକ :** ଇଂରାଜୀ ଓ ଓଡ଼ିଆ: The Waste Land– T.S.Eliot ଓ କାଳପୁରୁଷ- ଗୁରୁପ୍ରସାଦ ମହାନ୍ତି

**ସହାୟକ ଗ୍ରନ୍ଥସୂଚୀ (Book of references):**


୧.ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ପାଶ୍ଚାତ୍ୟ – ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଫେଣ୍ଡସ୍ ପବ୍ଲିଶର୍ସ, କଟକ

୨.ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ - ସଂ. କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ

୩.ସାମ୍ପ୍ରତିକ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ – ଚିତ୍ତ ରଞ୍ଜନ ମିଶ୍ର, ଗ୍ରନ୍ଥ ମନ୍ଦିର, କଟକ

୪.ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ – ଜିତେନ୍ଦ୍ର ନାରାୟଣ ପଟ୍ଟନାୟକ

୫.ତୁଲ୍ୟ କଷଟି – ସନ୍ତୋଷ ତ୍ରିପାଠୀ, ଏଥେନା, କଟକ

୬.ଗବେଷଣା ଅନୁବାଦ ଓ ସମ୍ପାଦନାକଳା – ନାରାୟଣ ସାହୁ, ସତ୍ୟ ନାରାୟଣ ବୁକ୍ ଷ୍ଟୋର, କଟକ


**ନମୁନା ପ୍ରଶ୍ନ (Sample Questions) :**

୧.କାହାକୁ ତୁଳନାତ୍ମକ ସାହିତ୍ୟର ପିତା ବୋଲି କୁହାଯାଏ ? (୧ ମାର୍କ)

୨.ବିଶ୍ୱର କେଉଁ ଦୁଇଜଣ ପ୍ରସିଦ୍ଧ କବି ତଥା ନାଟ୍ୟକାରଙ୍କ ଉପରେ ମାୟାଧର ମାନସିଂହ ତୁଳନାତ୍ମକ ଗବେଷଣା କାର୍ଯ୍ୟ କରିଛନ୍ତି? (୨ ମାର୍କ)

୩. ଗୋଦାନ ଓ ଛମାଣ ଆଠଗୁଣ୍ଠର ପାଞ୍ଚୋଟି ସାମଞ୍ଜସ୍ୟ ଲେଖ । (୫ ମାର୍କ)

୪.ଦୁଷ୍ମନ୍ତ ଚରିତ୍ରକୁ ଚିତ୍ରଣ କରିବାରେ କାଳିଦାସ ଓ ଗଙ୍ଗାଧରଙ୍କ ଦୃଷ୍ଟିକୋଣର ତୁଳନା କର । (୮ ମାର୍କ)

***

## ବହୁମୁଖୀ ପାଠ୍ୟଖସଡ଼ା

**Multidisciplinary Course**

## ଦ୍ୱିତୀୟ ପତ୍ର

# କଳା ବିଷୟ ଓ ସାହିତ୍ୟ (Humanities and Literature)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସାହିତ୍ୟ ବିବିଧ ବିଷୟର ଏକ ସମନ୍ୱିତ ରୂପ । ଏଥିରେ ଇତିହାସ, ରାଜନୀତି, ଭୂଗୋଳ, ଦର୍ଶନ ଆଦିର ତାତ୍ତ୍ୱିକ ଅନୁଶୀଳନ କରାଯାଇପାରେ । Arts ବା କଳା ବିଷୟ ସହିତ ସାହିତ୍ୟର ସମ୍ପର୍କ ଓ ସ୍ୱାତନ୍ତ୍ର୍ୟ ଜାଣିବାନିମିତ୍ତ ଏହି ପତ୍ରଟି ସହାୟକ ହେବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ସମାଜ ସାହିତ୍ୟର ମୂଳାଧାର। ସମାଜପାଇଁ ଓ ସମାଜକୁ ନେଇ ସାହିତ୍ୟ ସୃଷ୍ଟିହୁଏ । ତେଣୁ ସାହିତ୍ୟ ଓ ସମାଜର ଓତଃପ୍ରୋତ ସମ୍ପର୍କକୁ ଅବଗତ ହେବାପାଇଁ ଏହି ଏକକଟି ଉଦ୍ଦିଷ୍ଟ।

**୨ୟ ଏକକ :** ପ୍ରତ୍ୟେକ ସମୟର ସାହିତ୍ୟରେ ରାଜନୀତିର ଛାପ ଅବଶ୍ୟ ଲକ୍ଷଣୀୟ । ସାହିତ୍ୟ ଓ ରାଜନୀତିର ସମ୍ପର୍କ ସହିତ ରାଜନୀତିକ ସଂସ୍କାର ଆଣିବାପାଇଁ ଲେଖକ କିପରି ପ୍ରୟାସୀ ହୁଏ , ତାହା ବିଦ୍ୟାର୍ଥୀମାନେ ଏଠାରେ ଅବଗତ ହେବେ।

**୩ୟ ଏକକ :** ସମୟର ଅକ୍ଷତ ଛାପ ସାହିତ୍ୟରେ ଅଙ୍କିତ ହେଉଥିବାରୁ ସାରସ୍ୱତ ସୃଷ୍ଟିରେ ଇତିହାସର ଅନୁଶୀଳନ ପ୍ରାସଙ୍ଗିକ ହେବ ନିଶ୍ଚୟ ।

**୪ର୍ଥ ଏକକ :** କୁହାଯାଏ କବି ଓ ଲେଖକମାନେ ହେଉଛନ୍ତି ଜଣେ ଜଣେ ଦାର୍ଶନିକ, ତେଣୁ ବିଦ୍ୟାର୍ଥୀମାନେ ସାହିତ୍ୟ ସହ ଦର୍ଶନର ସମ୍ପର୍କ ତଥା ସାହିତ୍ୟ ରଚନାରେ ପ୍ରତିଫଳିତ ଦାର୍ଶନିକତାର ଆକଳନ କରିବା ବିଧେୟ ।

## ପାଠ୍ୟବିଷୟ

**ପ୍ରଥମ ଏକକ :** ସାହିତ୍ୟ ଓ ସମାଜ

**ଦ୍ୱିତୀୟ ଏକକ :** ସାହିତ୍ୟ ଓ ରାଜନୀତି

**ତୃତୀୟ ଏକକ :** ସାହିତ୍ୟ ଓ ଇତିହାସ

**ଚତୁର୍ଥ ଏକକ :** ସାହିତ୍ୟ ଓ ଦର୍ଶନ

**ସହାୟକ ଗ୍ରନ୍ଥସୂଚୀ (Book of references):**

୧.ସାହିତ୍ୟର ସନ୍ଧିଧାନ, ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ଫ୍ରେଣ୍ଡସ ଏମ୍ପୋରୀୟମ, ସମ୍ବଲପୁର

୨. ସାହିତ୍ୟର ସୂଚୀପତ୍ର – ବିଭୂତି ପଟ୍ଟନାୟକ, ଫ୍ରେଣ୍ଡସ ପବ୍ଲିଶର୍ସ, କଟକ

୩. ଓଡ଼ିଆ ଉପନ୍ୟାସରେ ସମାଜ ତତ୍ତ୍ୱ -କଇଳାଶ ପଟ୍ଟନାୟକ, ବିଦ୍ୟାପୁରୀ, କଟକ

୪. ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ପାଶ୍ଚାତ୍ୟ – ଜ୍ୟୋତ୍ସ୍ନାମୟୀ ପ୍ରଧାନ, ଫେଣ୍ଡସ୍ ପବ୍ଲିଶର୍ସ, କଟକ

୫. ସାହିତ୍ୟର ରୂପରେଖ – ନୀଳାଦ୍ରି ଭୂଷଣ ହରିଚନ୍ଦନ, ବିଦ୍ୟାପୁରୀ, କଟକ

୬. ସାହିତ୍ୟ ତତ୍ତ୍ୱ - ଧନେଶ୍ୱର ମହାପାତ୍ର, ଗ୍ରନ୍ଥ ମନ୍ଦିର , କଟକ

**ନମୁନା ପ୍ରଶ୍ନ ( Sample Questions):**

୧. ସାରଳା ମହାଭାରତରେ ଐତିହାସିକ ଚିତ୍ର ପୁସ୍ତକର ଲେଖକ କିଏ? (୧ ମାର୍କ)

୨.ଓଡ଼ିଆ ଉପନ୍ୟାସରେ ସମାଜତତ୍ତ୍ୱ ଉପରେ ଓଡ଼ିଶାର କେଉଁ ଦୁଇଜଣ ଆଲୋଚକ ଗବେଷଣାତ୍ମକ ପୁସ୍ତକ ଲେଖିଛନ୍ତି? (୨ ମାର୍କ)

୩.ସାହିତ୍ୟ ଓ ଇତିହାସ ମଧ୍ୟରେ ସମ୍ପର୍କ ନିର୍ଦ୍ଧାରଣ କର । (୫ ମାର୍କ)

୪.ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପ୍ରତିଫଳିତ ରାଜତନ୍ତ୍ରର ଚିତ୍ର ପ୍ରଦାନକର । (୮ ମାର୍କ)

***

# ବହୁମୁଖୀ ପାଠ୍ୟଖସଡ଼ା
# Multidisciplinary Course
# ତୃତୀୟ ପତ୍ର

# ବିଜ୍ଞାନ ବିଷୟ ଓ ସାହିତ୍ୟ (Science and Literature)

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

କଳା ଓ ବିଜ୍ଞାନ ପରସ୍ପର ପରିପୂରକ । ସାହିତ୍ୟ କଳା ଅନ୍ତର୍ଭୁକ୍ତ ବିଷୟ ହେଲେ ମଧ୍ୟ ତହିଁରେ ବୈଜ୍ଞାନିକ ଦୃଷ୍ଟିକୋଣର ଅଭାବ ନାହିଁ। ବିବିଧ ବିଜ୍ଞାନ ବିଷୟ ସହିତ ସାହିତ୍ୟର କିପରି ସମ୍ପର୍କ ରହିଛି, ସେ ସମ୍ପର୍କରେ ଜ୍ଞାନ ଅର୍ଜନ କରିବାପାଇଁ ଶଂସିତ ପତ୍ର ସହାୟକ ହେବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ସାହିତ୍ୟ ଓ ବିଜ୍ଞାନ ଯଥାକ୍ରମେ କଳ୍ପନା ଓ ବାସ୍ତବତା ଉପରେ ଅଧିରୂଢ଼ ବୋଲି କୁହାଯାଏ । ତା ସତ୍ତ୍ୱେ ଏ ଉଭୟର ସମ୍ପର୍କ କିଛି କମ୍ ନୁହେଁ । କଳ୍ପନା ହେଉଛି ବାସ୍ତବତାର କଳାତ୍ମକ ରୂପାୟନ। ପ୍ରତ୍ୟେକ ବାସ୍ତବତାକୁ ସରସ ପ୍ରକାଶ କରିବାପାଇଁ ମଧ୍ୟ କଳା ଜ୍ଞାନ ଆବଶ୍ୟକ । ଏହି ଏକକରେ ଛାତ୍ରଛାତ୍ରୀ ତାହା ଉପଲବ୍ଧି କରି ପାରିବେ।

**୨ୟ ଏକକ :** ପରିବେଶ ସଚେତନତା ଆଜି ସମୟର ସବୁଠୁ ବଡ ଆହ୍ୱାନ। ପରିବେଶ ବିଜ୍ଞାନକୁ ଆଧାରକରି ସାହିତ୍ୟରେ ମଧ୍ୟ ପ୍ରକାଶପାଏ ସଚେତନତା । ତାହା ଏହି ଏକକର ଅଧିତବ୍ୟ ବିଷୟ ।

**୩ୟ ଏକକ :** ମନୁଷ୍ୟ ସମେତ ସମଗ୍ର ଜୀବଜଗତ ସାହିତ୍ୟର କେନ୍ଦ୍ରବିନ୍ଦୁ । ଜୀବନର କଲ୍ୟାଣ ହିଁ ଜୀବବିଜ୍ଞାନ ଓ ସାହିତ୍ୟ ଉଭୟର ଲକ୍ଷ୍ୟ । ପଶୁପକ୍ଷୀ, କୀଟପତଙ୍ଗ ମଧ୍ୟ ସାହିତ୍ୟର ଆଧାରଉତ୍ସ । ସୁତରାଂ ଜୀବବିଜ୍ଞାନ ଓ ସାହିତ୍ୟର ଅନ୍ତଃସମ୍ପର୍କ ବିଷୟରେ ଛାତ୍ରଛାତ୍ରୀ ଏହାଦ୍ୱାରା ଅବଗତ ହୋଇପାରିବେ ।

**୪ର୍ଥ ଏକକ :** ଆମ ପୁରାଣ ସାହିତ୍ୟରେ ଅନେକ ବିଜ୍ଞାନଭିତ୍ତିକ ତଥ୍ୟ ପରିଦୃଷ୍ଟ ହୋଇଥାଏ। ତାହାକୁ ଆକଳନ କରି ବିଜ୍ଞାନର ଯଥେଷ୍ଟ ଅଗ୍ରଗତି ହୋଇନଥିବା ସମୟରେ ପୁରାଣକାରମାନେ ସାହିତ୍ୟରେ କିପରି ବିଜ୍ଞାନଧର୍ମୀ ଅନୁଚିନ୍ତା ପ୍ରକଟ କରିଛନ୍ତି, ତାହା ବିଦ୍ୟାର୍ଥୀମାନେ ଜାଣିବା ସମୀଚୀନ ।

## ପାଠ୍ୟ ବିଷୟ

**ପ୍ରଥମ ଏକକ :** (କ)ସାହିତ୍ୟ ଓ ବିଜ୍ଞାନ: ସମ୍ପର୍କ ଓ ପାର୍ଥକ୍ୟ
(ଖ) ସାହିତ୍ୟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ

**ଦ୍ୱିତୀୟ ଏକକ :** ସାହିତ୍ୟ ଓ ପରିବେଶ ବିଜ୍ଞାନ

**ତୃତୀୟ ଏକକ :** ସାହିତ୍ୟ ଓ ଜୀବବିଜ୍ଞାନ

**ଚତୁର୍ଥ ଏକକ :** ପୁରାଣରେ ବିଜ୍ଞାନର ସଂକେତ

**ସହାୟକ ଗ୍ରନ୍ଥସୂଚୀ (Book of references):**


୧. ପ୍ରାଣୀ ବିଜ୍ଞାନ ପରିଚୟ - ବସନ୍ତ କୁମାର ବେହୁରା, ଉପେନ୍ଦ୍ର ଚନ୍ଦ୍ର ପଣ୍ଡା, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା, ଭୁବନେଶ୍ୱର

୨. ଆମ ପରିବେଶ (ପ୍ରଦୂଷଣ ଓ ସୁରକ୍ଷା) - ଡକ୍ଟର ବିଶ୍ୱନାଥ ସାହୁ, ବିଶ୍ୱ କୁସୁମ ପ୍ରତିଷ୍ଠାନ, ସୂର୍ଯ୍ୟ ନଗର,ଭୁବନେଶ୍ୱର

୩. ପରିବେଶ ନାରୀବାଦ ଓ ହୃଷୀକେଶ ପଣ୍ଡାଙ୍କ କଥା ସମ୍ଭାର - ବବ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲିକେଶନ୍, କଟକ

୪. ବିଜ୍ଞାନର ରୂପ - ଦେବକାନ୍ତ ମିଶ୍ର, ଜଗନ୍ନାଥ ରଥ, ବିନୋଦ ବିହାରୀ କଟକ

୫. ଓଡ଼ିଆ ଶିଶୁସାହିତ୍ୟ ଓ ଓଡ଼ିଆ ବିଜ୍ଞାନ ଭିତ୍ତିକ ସାହିତ୍ୟ - ନିରୋଦ କୁମାର ମନ୍ତ୍ରୀ, କଲ୍ୟାଣୀ ପବ୍ଲିକେସନ, କଟକ


**ନମୁନା ପ୍ରଶ୍ନ (Sample Questions) :**

୧.ପରିବେଶ ବିଜ୍ଞାନ ଉପରେ ଆଧାରିତ ଗୋଟିଏ ପୁସ୍ତକର ନାମ ଲେଖ ? (୧ ମାର୍କ)

୨. ଓଡ଼ିଆ ସାହିତ୍ୟର ଦୁଇଟି ମାନବେତର ଗଳ୍ପର ନାମ ଲେଖ । (୨ ମାର୍କ)

୩. ସାହିତ୍ୟର କଳ୍ପନା ପଛରେ କିପରି ବାସ୍ତବତା ଲୁକ୍କାୟିତ ଥାଏ, ବୁଝାଇ ଦିଅ। (୫ ମାର୍କ)

୪. ପୁରାଣ ସାହିତ୍ୟରେ ନିହିତ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଉପରେ ଆଲୋକପାତ କର। (୮ ମାର୍କ)

***

### ଦକ୍ଷତା ବିକାଶମୂଳକ ପାଠ୍ୟକ୍ରମ

### Skill Enhancement Course (SEC)

## ପ୍ରଥମ ପତ୍ର

## ଅନୁବାଦ ସାହିତ୍ୟ

**Course Outcome (ପାଠ୍ୟପତ୍ର ଫଳ ଶ୍ରୁତି) :**

ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଅନୁବାଦ ସାହିତ୍ୟ ବିଶେଷ ସହାୟକ ହେବ । ଅନୁବାଦର ତାତ୍ତ୍ୱିକ ଦିଗ ସହିତ ଓଡ଼ିଆ ଅନୁବାଦ ସାହିତ୍ୟର ରୂପରେଖ ଏବଂ ଅନ୍ୟ ଭାଷାର ସାହିତ୍ୟକୁ ଓଡ଼ିଆରେ ଅନୁବାଦ କରିବା ତଥା ବିଶିଷ୍ଟ ଓଡ଼ିଆ ରଚନାକୁ ଅନ୍ୟ ଭାଷାରେ ଅନୁବାଦ କରିବା ବିଷୟରେ ଏହି ପାଠ୍ୟପତ୍ରରୁ ବିଦ୍ୟାର୍ଥୀମାନେ ଜ୍ଞାନ ଆହରଣ କରିପାରିବେ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଅନୁବାଦ କଣ? ତାହାର ସ୍ୱରୂପ କିପରି ? ଅନୁବାଦ କ୍ଷେତ୍ରରେ କେଉଁକେଉଁ ଦିଗପ୍ରତି ସଚେତନ ହେବା ଆବଶ୍ୟକ, ସେହି ଜିଜ୍ଞାସାକୁ ଚରିତାର୍ଥ କରିବ ଶଂସିତ ଏକକଟି ।

**୨ୟ ଏକକ :** ପ୍ରାଚୀନକାଳଠାରୁ ଆଧୁନିକକାଳ ପର୍ଯ୍ୟନ୍ତ ଓଡ଼ିଆ ଅନୁବାଦ ସାହିତ୍ୟର ଗତିକ୍ରମ ଓ ତାର ବିଶେଷତ୍ୱକୁ ଏଠି ଛାତ୍ରଛାତ୍ରୀ ଅବଗତ ହେବେ ।

**୩ୟ ଏକକ :** ଓଡ଼ିଶାର ଅନୁବାଦକମାନେ ବିବିଧ ଭାରତୀୟ ଭାଷାର ସାହିତ୍ୟକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିବା ଦୃଷ୍ଟିଗୋଚର ହୁଏ । ଏହି ଏକକରେ ବିଦ୍ୟାର୍ଥୀମାନେ ହିନ୍ଦୀ କିମ୍ବା ବଙ୍ଗଳା ଭାଷାର ସ୍ମରଣୀୟ ରଚନାକୁ ଓଡ଼ିଆ ଭାଷାରେ ଅନୁବାଦ କରିବାର ସୁଯୋଗ ପାଇବେ।

**୪ର୍ଥ ଏକକ :** ଓଡ଼ିଆ ଭାଷାରେ ରଚିତ ସାହିତ୍ୟକୃତିର ଅନୁବାଦ କାର୍ଯ୍ୟ ଅନ୍ୟଭାଷାକୁ ଆଶାନୁରୂପ ହୋଇନାହିଁ । ଏହି ଏକକରେ ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ ଓଡ଼ିଆ ସାହିତ୍ୟର ଏକ ଉଲ୍ଲେଖଯୋଗ୍ୟ ରଚନାର କିୟଦଂଶ ଅନୁବାଦ କରିବାର ପ୍ରାବଧାନ ରହିବ ।

# ପାଠ୍ୟ ବିଷୟ

**୧ମ ଏକକ :** ଅନୁବାଦର ସଂଜ୍ଞା ସ୍ୱରୂପ

**୨ୟ ଏକକ :** ଓଡ଼ିଆ ଅନୁବାଦ ସାହିତ୍ୟ

**୩ୟ ଏକକ :** ଅନ୍ୟଭାଷାର ସାହିତ୍ୟ : ଓଡ଼ିଆ ଅନୁବାଦ (ହିନ୍ଦୀ କିମ୍ବା ବଙ୍ଗଳା)

**୪ର୍ଥ ଏକକ :** ଅନ୍ୟ ଭାଷାର ଅନୁବାଦ (ହିନ୍ଦୀ କିମ୍ବା ଇଂରାଜୀ)

**ସହାୟକ ଗ୍ରନ୍ଥସୂଚୀ (Book of references)**:

୧ . ଅନୁବାଦ ତତ୍ତ୍ୱ ଓ ପ୍ରୟୋଗ – ସଂ . ମନୋରଞ୍ଜନ ପ୍ରଧାନ, ଓଡ଼ିଶା ବୁକ୍ ଷ୍ଟୋର, କଟକ

୨ . ସାହିତ୍ୟ ତତ୍ତ୍ୱ : ପ୍ରାଚ୍ୟ ପାଶ୍ଚାତ୍ୟ – ଜ୍ୟୋସ୍ନାମୟୀ ପ୍ରଧାନ, ଫେଣ୍ଡସ୍ ପବ୍ଲିଶର୍ସ, କଟକ

୩ . ଗବେଷଣା ଅନୁବାଦ ସମ୍ପାଦନାକଳା – ନାରାୟଣ ସାହୁ, ସତ୍ୟ ନାରାୟଣ ବୁକ୍ ଷ୍ଟୋର

୪ . ଅନୁବାଦ କଳା : ପରିସୀମା ଓ ପୁରୋଦୃଷ୍ଟି – ସଂ ସଂଘମିତ୍ରା ମିଶ୍ର, ପଣ୍ଡିତ ଶ୍ରୀଧର ଦାସ ମେମୋରିଆଲ ଟ୍ରଷ୍ଟ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ନମୁନା ପ୍ରଶ୍ନ (Sample Questions):**

୧ . ରତ୍ନାକର ଗର୍ଗବଟୁ କେଉଁ ବିଖ୍ୟାତ ଗ୍ରନ୍ଥର ଓଡ଼ିଆ ଅନୁବାଦକ ? (୧ ମାର୍କ)

୨ . ନୀଳକଣ୍ଠଙ୍କ 'ପ୍ରଣୟିନୀ' କେଉଁ କବିଙ୍କ କେଉଁ ଇଂରାଜୀ ରଚନାର ଅନୂଦିତ ରୂପ । (୨ ମାର୍କ)

୩ . ହିନ୍ଦୀ ଭାଷାର ରଚନାକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିବା ଜଣେ ବିଶିଷ୍ଟ ଅନୁବାଦକଙ୍କ ବିଷୟରେ ଲେଖ । (୫ ମାର୍କ)

୪ . ଓଡ଼ିଆ ଭାଷାର କେଉଁକେଉଁ ରଚନା ହିନ୍ଦୀ ବା ଇଂରାଜୀ ଭାଷାରେ ଅନୂଦିତ ତାହାର ବିବରଣୀ ପ୍ରଦାନ କର । (୮ ମାର୍କ)

# ଦକ୍ଷତା ବିକାଶମୂଳକ ପାଠ୍ୟକ୍ରମ
# Skill Enhancement Course (SEC)
# ଦ୍ୱିତୀୟ ପତ୍ର

## ଗଣମାଧ୍ୟମ ଓ ଗଣଯୋଗାଯୋଗ

**Course Outcome (ପାଠ୍ୟକ୍ରମ ଫଳଶ୍ରୁତି) :**

ସାମ୍ପ୍ରତିକ ସମୟରେ ଗଣମାଧ୍ୟମର ଭୂମିକା ମଧ୍ୟ ଖୁବ୍‌ପ୍ରଭାବଶାଳୀ । ତେଣୁ ସ୍ନାତକଶ୍ରେଣୀର ଛାତ୍ରଛାତ୍ରୀ ଗଣମାଧ୍ୟମ ସମ୍ପର୍କରେ ଅବଗତହେଲେ ସେମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ । ସେ ଦୃଷ୍ଟିରୁ ଏହିପାଠ୍ୟ ପତ୍ରଟି ହେବ ଉପାଦେୟ ।

**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଗଣମାଧ୍ୟମ ଓ ତାର ବିବିଧରୂପ ସମ୍ପର୍କରେ ଜାଣିବାପାଇଁ ଏହି ଏକକ ସହାୟତା କରିବ ।

**୨ୟ ଏକକ :** ଗଣମାଧ୍ୟମଗୁଡ଼ିକ ସମାଜର ବାସ୍ତବତାକୁ ପରିପ୍ରକାଶ କରିବାସହ ଜନସମାଜକୁ ସଚେତନ କରେ । ସୁତରାଂ ଗଣମାଧ୍ୟମର ସାମାଜିକ ଦାୟିତ୍ୱବୋଧ କିପରି ହେବା ଆବଶ୍ୟକ, ତାହା ଏହି ଏକକର ଅଧ୍ୟୟନରୁ ଶିକ୍ଷାର୍ଥୀ ଜାଣିପାରିବେ ।

**୩ୟ ଏକକ :** ଗଣଯୋଗାଯୋଗ କଣ, ସେ ସମ୍ପର୍କରେ ଅବଗତ ହୋଇ ତାର ସ୍ୱରୂପ ଓ ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀ ଶିକ୍ଷାଲାଭ କରିବେ ।

## ପାଠ୍ୟ ବିଷୟ

**୧ମ ଏକକ:** ଗଣମାଧ୍ୟମ ଓ ତାର ପ୍ରକାରଭେଦ

**୨ୟ ଏକକ:** ଗଣମାଧ୍ୟମର ସାମାଜିକ ଦାୟିତ୍ୱବୋଧ

**୩ୟ ଏକକ:** ଗଣଯୋଗାଯୋଗର ସଂଜ୍ଞା, ସ୍ୱରୂପ ଓ ଉପାଦେୟତା

**ସହାୟକ ଗ୍ରନ୍ଥସୂଚୀ (Book of references)**:

୧ . ସମ୍ବାଦ ପତ୍ର ଓ ଗଣମାଧ୍ୟମ – ମୃଣାଳ ଚାଟାର୍ଜୀ, ଶେଫାଳୀ କମ୍ୟୁନିକେସନ, ଢେଙ୍କାନାଳ

୨ . ଗଣମାଧ୍ୟମ ଓ ଗଣଯୋଗାଯୋଗ – ଶିଶିର ବେହେରା, ଫ୍ରେଣ୍ଡସ ପବ୍ଲିକେଶନ୍, କଟକ

୩ . ଯୋଗାଯୋଗର ଭାଷା ଓଡ଼ିଆ – ଓଡ଼ିଆ ଭାଷା ପ୍ରତିଷ୍ଠାନ , ଭୁବନେଶ୍ୱର

୪ . ଯୋଗାଯୋଗ ମୂଳକ ମାତୃଭାଷା – ବିରଞ୍ଚି ନାରାୟଣ ସାମଲ , ସତ୍ୟ ନାରାୟଣ ବୁକ୍ ଷ୍ଟୋର, କଟକ

**ନମୁନା ପ୍ରଶ୍ନ (Sample Questions):**

୧ . ସମାଜ ଖବରକାଗଜ କେଉଁ ପ୍ରକାର ଗଣମାଧ୍ୟମ? (୧ ମାର୍କ)

୨ . ପାଞ୍ଚଗୋଟି ବୈଦ୍ୟୁତିକ ଗଣମାଧ୍ୟମର ନାମ ଲେଖ । (୨ ମାର୍କ)

୩ . ଗଣମାଧ୍ୟମର ପାଞ୍ଚଗୋଟି ସାମାଜିକ ଦାୟିତ୍ୱ ଲେଖ ।(୫ ମାର୍କ)

୪ . ଗଣଯୋଗାଯୋଗର ସ୍ୱରୂପ ଓ ବିଶେଷତ୍ୱ ଲେଖ । (୮ ମାର୍କ)

# ଦକ୍ଷତା ବିକାଶମୂଳକ ପାଠ୍ୟକ୍ରମ

## Skill Enhancement Course (SEC)

# ତୃତୀୟ ପତ୍ର

# ଓଡ଼ିଆ କମ୍ପ୍ୟୁଟର ଶିକ୍ଷା

**Course Outcome: (ପାଠ୍ୟପତ୍ର ଫଳଶ୍ରୁତି) :**

ଆଜିର ଯୁଗକୁ କମ୍ପ୍ୟୁଟରର ଯୁଗବୋଲି ଗଣନା କରାଯାଏ । କମ୍ପ୍ୟୁଟରର ଜ୍ଞାନକୌଶଳ ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ। ତେଣୁ ସ୍ନାତକଶ୍ରେଣୀରେ ଓଡ଼ିଆ କମ୍ପ୍ୟୁଟର ଶିକ୍ଷା ପାଠ୍ୟପତ୍ରଟି ଶିକ୍ଷାର୍ଥୀଙ୍କ ଦକ୍ଷତାବୃଦ୍ଧିରେ ସହାୟକ ହେବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** କମ୍ପ୍ୟୁଟର ଓ ତାର ବିଭିନ୍ନ ଅଂଶ ସମ୍ପର୍କରେ ପରିଚୟ ହାସଲ ନିମିତ୍ତ ଏହି ଏକକ ପରିକଳ୍ପିତ।

**୨ୟ ଏକକ :** ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ଓ ସାମାଜିକ ଗଣମାଧ୍ୟମର ବ୍ୟବହାର ପ୍ରସଙ୍ଗରେ ଛାତ୍ରଛାତ୍ରୀ ଅବଗତ ହେବେ।

**୩ୟ ଏକକ :** କମ୍ପ୍ୟୁଟରରେ ଓଡ଼ିଆ ମୁଦ୍ରଣ ଶିକ୍ଷାପାଇଁ ଛାତ୍ରଛାତ୍ରୀ ଏହି ଏକକରେ ଅଭ୍ୟାସ କରିପାରିବେ ଏବଂ ପରୀକ୍ଷାରେ ତାଙ୍କର ମୁଦ୍ରଣ ଦକ୍ଷତା ନିର୍ଣ୍ଣୟ କରାଯାଇପାରିବ।

**୪ର୍ଥ ଏକକ:** କମ୍ପ୍ୟୁଟର ମାଧ୍ୟମରେ ଛାତ୍ରଛାତ୍ରୀମାନେ କିପରି ପାୱାରପଏଣ୍ଟରେ ସ୍ଲାଇଡ୍ ପ୍ରସ୍ତୁତ କରିବେ। ଟେବୁଲ୍, ଫିଗର୍ସ ପ୍ରଭୃତି ପ୍ରସ୍ତୁତକରିବା ସହିତ କମ୍ପ୍ୟୁଟର ସଂଚାଳନରେ ଦକ୍ଷତା ଅର୍ଜନକରିବେ, ଏହି ଏକକଟି ସେ ବିଷୟରେ ଜ୍ଞାନ ପ୍ରଦାନକରିବ।

# ପାଠ୍ୟ ବିଷୟ

**୧ମ ଏକକ :** କମ୍ପ୍ୟୁଟର ଓ ତାର ବିଭିନ୍ନ ଅଂଶ

**୨ୟ ଏକକ :** ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ଓ ସାମାଜିକ ଗଣମାଧ୍ୟମର ବ୍ୟବହାର

**୩ୟ ଏକକ :** କମ୍ପ୍ୟୁଟରରେ ଓଡ଼ିଆ ଡି.ଟି.ପି ଶିକ୍ଷା

**୪ର୍ଥ ଏକକ :** ପାୱାରପଏଣ୍ଟରେ ସ୍ଲାଇଡ୍ ପ୍ରସ୍ତୁତ, ଟେବୁଲ୍ , ଫିଗର୍ସ, ପିକଚର୍

**ସହାୟକ ଗ୍ରନ୍ଥସୂଚୀ (Book of reference ) :**


୧. ମୌଳିକ କମ୍ପ୍ୟୁଟର ଶିକ୍ଷା – ଦେବକାନ୍ତ ମିଶ୍ର, ଶୁଭ୍ରାଂଶୁ ଶେଖର ତ୍ରିପାଠୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୨. ଓଡ଼ିଆରେ କମ୍ପ୍ୟୁଟର ଶିକ୍ଷା – ରୁଦ୍ରନାରାୟଣ ମହାପାତ୍ର, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ ।

୩. ଓଡ଼ିଆ ଭାଷାରେ କମ୍ପ୍ୟୁଟରର ପ୍ରୟୋଗ – ସୁଧୀର ଚନ୍ଦ୍ର ମହାନ୍ତି, ଏ.କେ. ମିଶ୍ର ପବ୍ଲିକେଶନ, ଭୁବନେଶ୍ୱର ।

୪. କମ୍ପ୍ୟୁଟରରେ ଓଡ଼ିଆ ଭାଷାର ବ୍ୟବହାର ଓ ପ୍ରୟୋଗ – ରୁଦ୍ରପ୍ରସାଦ ମିଶ୍ର, ଆଜିଅନ୍ତା ପବ୍ଲିଶର୍ସ, ଜଗତସିଂହପୁର ।

୫. କମ୍ପ୍ୟୁଟର ଶିକ୍ଷା – ରାନୁ ବନିକ୍,ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, କଟକ ।

**ନମୁନା ପ୍ରଶ୍ନ (Sample Questions):**

୧ . କମ୍ପ୍ୟୁଟରର ଉଦ୍ଭାବକ କିଏ? (୧ ମାର୍କ)

୨ . ମାଉସ୍‌ର ଦୁଇଟି କାର୍ଯ୍ୟ ଲେଖ । (୨ ମାର୍କ)

୩. ଇନ୍‌ପୁଟ ଡିଭାଇସ୍ କାହାକୁ କୁହାଯାଏ, ଉଦାହରଣ ସହ ଲେଖ । (୫ ମାର୍କ)

୪. କମ୍ପ୍ୟୁଟରର ବିଭିନ୍ନ ଅଂଶ ଓ ତାର କାର୍ଯ୍ୟକାରିତା ଦର୍ଶାଅ । (୮ ମାର୍କ)

***

# ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟକ୍ରମ

Summer Vacation Course (SVC)

# ସର୍ଜନ କଳା

## ୧ମ ପତ୍ର ( Paper-1)

# କବିତା: ପଠନ ଓ ଲିଖନ କଳା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ସ୍ନାତକଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ଜନଶୀଳତାକୁ ଉତ୍ସାହିତ କରିବା ପାଇଁ ଏହିପତ୍ରଟି ପରିକଳ୍ପିତ । ଓଡ଼ିଆ ଭାଷାରେ ଗଳ୍ପକବିତା, ପ୍ରବନ୍ଧ, କ୍ଷୁଦ୍ରନାଟକ ରଚନା କରିବାର ଅଭ୍ୟାସ ବଳବତ୍ତର ରହିଲେ ଭବିଷ୍ୟତରେ ଛାତ୍ରଛାତ୍ରୀମାନେ ସର୍ଜନଶୀଳସାହିତ୍ୟିକଭାବେ ପ୍ରତିଷ୍ଠା ଅର୍ଜନ କରିବେ । କେବଳ ଶ୍ରେଣୀ ଗୃହର ଅଧ୍ୟୟନ ଭିତରେ ସାହିତ୍ୟ ଶିକ୍ଷା ସୀମାବଦ୍ଧ ହେବା ଅନୁଚିତ । ଛାତ୍ରର ସର୍ଜନଶୀଳ ମାନସିକତା ଏହିପତ୍ର ମାଧ୍ୟମରେ ବିକଶିତ ହୋଇପାରିବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** କବିତାର ପରିଭାଷା ସମ୍ପର୍କରେ ଛାତ୍ରଛାତ୍ରୀ ଅବଗତ ହେବେ ।

**୨ୟ ଏକକ :** କବିତା ରଚନାର ଶୈଳୀ କିପରି ହେବା ଆବଶ୍ୟକ ତାହା ଏଠାରେ ଉପଲବ୍ଧ ହେବ ।

**୩ୟ ଏକକ :** ଛାନ୍ଦସିକ କବିତା ଓ ମୁକ୍ତ କବିତାର ଧାରା ଆମ ସାହିତ୍ୟରେ ରହିଆସିଛି, ମାତ୍ର କବିତା ଯୁଗପୋଯୋଗୀ ହେବା ଆବଶ୍ୟକ । ତାହାର ପଠନ ଓ ଆବୃତ୍ତି କଳା ଶିକ୍ଷାର୍ଥୀମାନେ ଜାଣିବା ଉଚିତ୍ ।

**୪ର୍ଥ ଏକକ :** ଏହି ଏକକରେ କବିତା ରଚନା ସମ୍ପର୍କରେ ଦିଗଦର୍ଶନ ମିଳିପାରିବ ।

# ପାଠ୍ୟ ବିଷୟ

**୧ମ ଏକକ:** କବିତାର ପରିଭାଷା

**୨ୟ ଏକକ:** କବିତାର ରଚନା ଶୈଳୀ

**୩ୟ ଏକକ:** ଛନ୍ଦ ଯୁକ୍ତ ଓ ମୁକ୍ତ ଛନ୍ଦ କବିତା ପଠନ/ ଆବୃତ୍ତି

**୪ର୍ଥ ଏକକ:** କବିତା ଲିଖନବିଧି ଓ ସତର୍କତା

**ସହାୟକ ଗ୍ରନ୍ଥସୂଚୀ( Books of Reference):**


୧. ସାହିତ୍ୟର ସନ୍ନିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ ।

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୩. ସାହିତ୍ୟର ଗଠନରୀତି- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୪. ସାହିତ୍ୟର ଡାଳପତ୍ର- ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୫. ଓଡ଼ିଆ କାବ୍ୟକୌଶଳ- ସୁଦର୍ଶନ ଆଚାର୍ଯ୍ୟ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ

୬. ଆଧୁନିକ କବିତାର ଦିଗଦର୍ଶନ- ସଂ- ଅପୂର୍ବ ରଂଜନ ରାୟ

୭. ସୂର୍ଯ୍ୟସ୍ନାତ – ଯତୀନ୍ଦ୍ର ମୋହନ ମହାନ୍ତି, ସୁବର୍ଣ୍ଣରେଖା, ଭୁବନେଶ୍ୱର-୬ ।

୮.କବିତା ୧୯୬୨ ଓ ନୂତନ କବିତାର ଭୂମିକା – ସଚ୍ଚିଦାନନ୍ଦ ରାଉତରାୟ , ଗ୍ରନ୍ଥମନ୍ଦିର, କଟକ ।


**ନମୁନା ପ୍ରଶ୍ନାବଳୀ (Sample questions ) :**

୧. କିଏ କବିତାକୁ ଶକ୍ତିଶାଳୀ ଭାବନାର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ ବୋଲି କହିଛନ୍ତି ( ୧ ମାର୍କ )

୨. ଅମିତ୍ରାକ୍ଷର ଛନ୍ଦର ଏକ କାବ୍ୟ ବା କବିତାର ଉଦାହରଣ ଦିଅ । ( ୨ ମାର୍କ)

୩. କବିତାରେ ଆତ୍ମକଥନ ଶୈଳୀ କହିଲେ କଣ ବୁଝ , ସଦୃଷ୍ଟାନ୍ତ ଲେଖ ।( ୫ ମାର୍କ)

୪. ନିଜ ମନରୁ ଏକ କବିତା ରଚନା କର । ( ୮ ମାର୍କ)

***

# ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟକ୍ରମ

## Summer Vacation Course (SVC)

# ସର୍ଜନ କଳା

## ୨ୟ ପତ୍ର ( Paper-2 )

# ଗଳ୍ପ : ପଠନ ଓ ଲିଖନ କଳା

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଏହି ଏକକରୁ କ୍ଷୁଦ୍ରଗଳ୍ପର ସଂଜ୍ଞା ଓ ସ୍ୱରୂପ ଉପରେ ଧାରଣା ମିଳିପାରିବ ।

**୨ୟ ଏକକ :** କ୍ଷୁଦ୍ରଗଳ୍ପର ଶିଳ୍ପରୀତି ସଂପର୍କରେ ଛାତ୍ରଛାତ୍ରୀ ଏଠାରେ ଜାଣିପାରିବେ ।

**୩ୟ ଏକକ :** କ୍ଷୁଦ୍ରଗଳ୍ପ ପଠନରେ ଶୁଦ୍ଧତା ଓ ଉଚ୍ଚାରଣ ସ୍ୱଷ୍ଟତା କିପରି ଆବଶ୍ୟକ ତାହାର ଅବଗତି ମିଳିବ ।

**୪ର୍ଥ ଏକକ :** କ୍ଷୁଦ୍ରଗଳ୍ପ ରଚନାର କଳାକୌଶଳ ଶିକ୍ଷାକରି ଛାତ୍ରଛାତ୍ରୀ ଗଳ୍ପଲେଖିବାରେ ପ୍ରୟାସୀ ହେବେ ।

# ପାଠ୍ୟ ବିଷୟ

**୧ମ ଏକକ :** ଗଳ୍ପର ସଂଜ୍ଞା ଓ ସ୍ୱରୂପ

**୨ୟ ଏକକ :** ଗଳ୍ପର ଶିଳ୍ପରୀତି

**୩ୟ ଏକକ :** ଗଳ୍ପ ପଠନ ( ଆବୃତ୍ତିରେ ଧାରାବାହିକତା, ଉଚ୍ଚାରଣ ସ୍ୱଷ୍ଟତା)

**୪ର୍ଥ ଏକକ :** ଗଳ୍ପ ଲିଖନ ( କାହାଣୀ - ଚରିତ୍ର - ପ୍ରସଙ୍ଗ ଉପସ୍ଥାପନା ଶୈଳୀ)

**ସହାୟକ ଗ୍ରନ୍ଥସୂଚୀ( Books of Reference):**

୧. ସାହିତ୍ୟର ସନ୍ନିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ ।

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସାହିତ୍ୟର ଗଠନରୀତି- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ସାହିତ୍ୟର ଡାଳପତ୍ର- ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ– ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

**Sample questions (ନମୁନା ପ୍ରଶ୍ନାବଳୀ):**

୧. କ୍ଷୁଦ୍ରଗଳ୍ପର ଏକ ସଂଜ୍ଞା ପ୍ରଦାନକର । (୧ ମାର୍କ )

୨. ଓଡ଼ିଆ ସାହିତ୍ୟରେ ବ୍ୟଙ୍ଗଗଳ୍ପ ରଚନା କରୁଥିବା ଦୁଇଜଣ ଲେଖକଙ୍କ ନାମ ଲେଖ । ( ୨ ମାର୍କ)

୩. ଗଳ୍ପପଠନ ସମୟରେ ପାଠକ କେଉଁକେଉଁ ଦିଗପ୍ରତି ଧ୍ୟାନଦେବା ଆବଶ୍ୟକ ?( ୫ ମାର୍କ)

୪. ମନରୁ କଳ୍ପନାକରି ଏକ କ୍ଷୁଦ୍ରଗଳ୍ପ ରଚନା କର । ( ୮ ମାର୍କ)

***

## ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟକ୍ରମ

Summer Vacation Course (SVC)

## ସର୍ଜନ କଳା

**୩ୟ ପତ୍ର ( Paper-3 )**

## ପ୍ରବନ୍ଧ : ପଠନ ଓ ଲିଖନ କଳା

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ପ୍ରବନ୍ଧର ସଂଜ୍ଞା ଓ ପ୍ରକାରଭେଦ ଉପରେ ଏହି ଏକକରେ ଜାଣିବାର ସୁଯୋଗ ରହିଛି ।

**୨ୟ ଏକକ:** ପ୍ରବନ୍ଧ ରଚନାରେ ପ୍ରାବନ୍ଧିକ କିପରି କଳାକୌଶଳ ପ୍ରୟୋଗ କରିଥାଏ ତାହା ଏଠାରେ ଶିକ୍ଷାର୍ଥୀମାନେ ଜାଣିପାରିବେ ।

**୩ୟ ଏକକ :** ପ୍ରବନ୍ଧପାଠ କଲାବେଳେ ଆବଶ୍ୟକ ବିରାମ ସ୍ୱଷ୍ଟ ଉଚ୍ଚାରଣ ଓ ଧାରାବାହିକତା କିପରି ରକ୍ଷା କରାଯିବ , ସେହି ଜ୍ଞାନ ଛାତ୍ରଛାତ୍ରୀ ପାଇପାରିବେ ।

**୪ର୍ଥ ଏକକ :** କୌଣସି ଏକ ବିଷୟ ଉପରେ କିପରି ପ୍ରବନ୍ଧ ରଚନା କରାଯିବ ତାହା ଉପଲବ୍ଧିକରି ଛାତ୍ରଛାତ୍ରୀ ପ୍ରବନ୍ଧ ରଚନାରେ ସମର୍ଥ ହେବେ ।

## ପାଠ୍ୟ ବିଷୟ

**୧ମ ଏକକ :** ପ୍ରବନ୍ଧର ପରିଭାଷା ଓ ପ୍ରକାର

**୨ୟ ଏକକ :** ପ୍ରବନ୍ଧ ରଚନାର କଳା ଓ କୌଶଳ

**୩ୟ ଏକକ :** ପ୍ରବନ୍ଧ ପଠନ କଳା ( ବିଷୟ ନିର୍ବାଚନ)

**୪ର୍ଥ ଏକକ :** ପ୍ରବନ୍ଧ ଲିଖନ ( ଭାଷା - ଭାବ - ପ୍ରସଙ୍ଗ)

**ସହାୟକ ଗ୍ରନ୍ଥସୂଚୀ( Books of Reference):**


୧. ସାହିତ୍ୟର ସମ୍ବିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ ।

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସାହିତ୍ୟର ଗଠନରୀତି- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ସାହିତ୍ୟର ଡାଳପତ୍ର- ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଇତିହାସ- ଅସିତ କବି, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।


**Sample questions (ନମୁନା ପ୍ରଶ୍ନାବଳୀ):**

୧. ପ୍ରଥମ ଓଡ଼ିଆ ପ୍ରବନ୍ଧର ନାମଲେଖ । ( ୧ ମାର୍କ )

୨. ମଧୁସୂଦନ ରାଓଙ୍କ ଯେକୌଣସି ୨ଟି ପ୍ରବନ୍ଧର ନାମ ଉଲ୍ଲେଖ କର । ( ୨ ମାର୍କ)

୩. ଚିନ୍ତାମୂଳକ ପ୍ରବନ୍ଧ ରଚନାରେ କୃତିତ୍ୱ ଅର୍ଜନ କରିଥିବା ଜଣେ ପ୍ରାବନ୍ଧିକଙ୍କ ରଚନାର ପରିଚୟ ଦିଅ ।( ୫ ମାର୍କ)

୪. ତୁମ ଅନୁଭୂତିରୁ ଏକ ସାର୍ଥକ ପ୍ରବନ୍ଧ ରଚନାକର । ( ୮ ମାର୍କ)

***

## ଗ୍ରୀଷ୍ମ ଅବକାଶକାଳୀନ ପାଠ୍ୟକ୍ରମ

Summer Vacation Course (SVC)

## ସର୍ଜନ କଳା

### ୪ର୍ଥ ପତ୍ର ( Paper-4 )

## କ୍ଷୁଦ୍ରନାଟକ: ପଠନ ଓ ଲିଖନ କଳା

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ନାଟକର ପରିଭାଷା ଓ ଭିନ୍ନଭିନ୍ନ ପ୍ରକାର ନାଟକ ଉପରେ ଏହି ଏକକରେ ଦିଗ୍‌ଦର୍ଶନ ମିଳିପାରିବ ।

**୨ୟ ଏକକ :** କ୍ଷୁଦ୍ର ପରିସର ମଧ୍ୟରେ ରଚିତ ନାଟ୍ୟକୃତିର ବିଷୟପ୍ରସ୍ଥ ଓ ସଂଳାପ କିପରି ହେବା ଉଚିତ୍ ସେହି ଧାରଣା ଏଠାରେ ମିଳିପାରିବ ।

**୩ୟ ଏକକ :** ନାଟକର ପଠନକଳା ସ୍ୱତନ୍ତ୍ର । ଛାତ୍ରଛାତ୍ରୀ ଯେକୌଣସି କ୍ଷୁଦ୍ରନାଟକକୁ କିପରି ପଠନକରିବେ ତାହା ଏହି ଏକକରୁ ଜାଣିପାରିବେ ।

**୪ର୍ଥ ଏକକ** : ବିଷୟବସ୍ତୁ ପରିକଳ୍ପନା ଦୃଶ୍ୟବିଭାଜନ ଓ ଉପସଂହାର ନିର୍ଦ୍ଧାରଣ ବିଷୟରେ ଅବଗତ ହୋଇ ନାଟକରଚନାରେ ଛାତ୍ରଛାତ୍ରୀ ଆଗ୍ରହପ୍ରକାଶ କରିବେ ।

# ପାଠ୍ୟ ବିଷୟ

**୧ମ ଏକକ:** ନାଟକର ସଂଜ୍ଞା ଓ ବିବିଧରୂପ

**୨ୟ ଏକକ:** କ୍ଷୁଦ୍ର ନାଟକ: ପରିସର ଓ ସଂଳାପ

**୩ୟ ଏକକ:** କ୍ଷୁଦ୍ର ନାଟକ: ପଠନ ପ୍ରକ୍ରିୟା - ପରିବେଷଣ

**୪ର୍ଥ ଏକକ:** କ୍ଷୁଦ୍ର ନାଟକ: ଲିଖନ , ବିଷୟ ପରିକଳ୍ପନା, ଦୃଶ୍ୟ ବିଭାଜନ ଓ ପରିଣତି ନିର୍ଦ୍ଧାରଣ

**ସହାୟକ ଗ୍ରନ୍ଥସୂଚୀ( Books of Reference):**


୧. ସାହିତ୍ୟର ସମ୍ବିଧାନ - ପୂର୍ଣ୍ଣଚନ୍ଦ୍ର ମହାନ୍ତି, ୱାର୍ଡ ୱାଲଡ୍, ଏ-୨, ସେକ୍ଟର-୭, ମର୍କତ ନଗର, କଟକ ।

୨. ସାହିତ୍ୟର ସୂଚୀପତ୍ର- ବିଭୂତି ପଟ୍ଟନାୟକ,ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୩. ସାହିତ୍ୟର ଗଠନରୀତି- ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୪. ସାହିତ୍ୟର ଡାଳପତ୍ର- ସୁରେନ୍ଦ୍ର କୁମାର ମହାରଣା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୫. ଓଡ଼ିଆ ନାଟ୍ୟ ସାହିତ୍ୟ- କୃଷ୍ଣଚରଣ ବେହେରା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ ।

୬. ସାହିତ୍ୟର ରୂପରେଖ - ନୀଳାଦ୍ରି ଭୂଷଣ ହରିଚନ୍ଦନ, ବାଳକୃଷ୍ଣ ବେହେରା, ବିଦ୍ୟାପୁରୀ, ବାଲୁବଜାର, କଟକ-୨୦୧୭


**Sample questions (ନମୁନା ପ୍ରଶ୍ନାବଳୀ):**

୧. ଓଡ଼ିଆ ଭାଷରେ ରଚିତ ଏକ ଟ୍ରାଜେଡି ନାଟକର ଦୃଷ୍ଟାନ୍ତ ଦିଅ । (୧ ମାର୍କ )

୨. ନାଟକରେ ବ୍ୟବହୃତ ପାଞ୍ଚ ପ୍ରକାର ସଂଳାପ ମଧ୍ୟରେ ଯେକୌଣସି ଦୁଇଟି ଉଲ୍ଲେଖକର । ( ୨ ମାର୍କ)

୩. ମିଳନାନ୍ତକ ନାଟକର ପରିଣତି ଉପରେ ଆଲୋକପାତ କର । ( ୫ ମାର୍କ)

୪. ମନରୁ କଳ୍ପନା କରି ଗୋଟିଏ କ୍ଷୁଦ୍ର ନାଟକ ରଚନାକର । ( ୮ ମାର୍କ)

***

## ମୂଲ୍ୟବୋଧଭିତ୍ତିକ ପାଠ୍ୟକ୍ରମ
## Value Added Course (VAC)
## ୧ମ ପତ୍ର ( Paper-1 )
# ଶ୍ରୀଜଗନ୍ନାଥ ସଂସ୍କୃତି

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଶ୍ରୀଜଗନ୍ନାଥ ଓଡ଼ିଶାର ଜାତୀୟ ଦେବତା । ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ ତାଙ୍କର ମହିମା ବିସ୍ତୃତ । ସମସ୍ତ ଧର୍ମ ମତବାଦର ସମନ୍ୱୟ ଶ୍ରୀଜଗନ୍ନାଥ ସଂସ୍କୃତିରେ କଳନା କରାଯାଏ । ଶଂସିତ ପାଠ୍ୟପତ୍ରରେ ଶ୍ରୀଜଗନ୍ନାଥ ସଂସ୍କୃତିର ଉନ୍ମେଷ ଓ ବିଶେଷତ୍ୱ ସହିତ ଜଗତପତି ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା, ବହୁଭଜନ, ଜଣାଣରେ ପ୍ରତିଫଳିତ ତାଙ୍କର ରୂପ, ଗୁଣ, ମହିମା ପ୍ରଭୃତି ସମ୍ପର୍କରେ ଛାତ୍ରଛାତ୍ରୀମାନେ ଅବଗତ ହୋଇପାରିବେ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଜଗନ୍ନାଥ ସଂସ୍କୃତିର ଉନ୍ମେଷଧାରା ଖୁବ୍‌ପ୍ରାଚୀନ । ସାମ୍ୟ ଓ ମୈତ୍ରୀ ତାଙ୍କ ସଂସ୍କୃତିର ପ୍ରଧାନ ବିଶେଷତ୍ୱ । ଏହି ଏକକରେ ଛାତ୍ରଛାତ୍ରୀ ତାହା ଅବଗତ ହୋଇପାରିବେ।

**୨ୟ ଏକକ :** ସବୁନଦୀ ସମୁଦ୍ରରେ ମିଳିତ ହେବାପରି ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ସମନ୍ୱୟ ଘଟିଛି ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ । ତନ୍ମଧ୍ୟରୁ ବୌଦ୍ଧ, ଜୈନ ଓ ବୈଷ୍ଣବ ସଂସ୍କୃତି ସହିତ ଶ୍ରୀଜଗନ୍ନାଥ ସଂସ୍କୃତିର ସମ୍ପର୍କକୁ ବିଦ୍ୟାର୍ଥୀ ଏଠାରେ ଅବଗତ ହେବେ ।

**୩ୟ ଏକକ :** ଲୀଳାମୟ ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ଖୁବ୍‌ପ୍ରସିଦ୍ଧ, ତାହାର ବିଧିବିଧାନ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହେବା ଆବଶ୍ୟକ । ପୁନଶ୍ଚ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡ଼ିଶାର ଅଜସ୍ର ଭକ୍ତି ଗୀତିକା ରଚିତ । ଭାଷାର ସରଳତା, ଭାବର ଲାଳିତ୍ୟ ଓ ଭକ୍ତିଭାବର ମହତ୍ତ୍ୱ ତହିଁରେ ପ୍ରସ୍ଫୁଟିତ । ଏହି ଏକକର ଅଧ୍ୟୟନରୁ ତାହା ଉପଲବ୍ଧ ହେବ।

## ପାଠ୍ୟ ବିଷୟ

**୧ମ ଏକକ :** (କ) ଶ୍ରୀଜଗନ୍ନାଥ ସଂସ୍କୃତିର ଉନ୍ମେଷ ଓ ବିକାଶ

(ଖ) ଶ୍ରୀଜଗନ୍ନାଥ ସଂସ୍କୃତିର ବିଶେଷତ୍ୱ

**୨ୟ ଏକକ :** ବୌଦ୍ଧ, ଜୈନ ଓ ବୈଷ୍ଣବ ସଂସ୍କୃତି ସହ ଶ୍ରୀଜଗନ୍ନାଥ ସଂସ୍କୃତିର ସମ୍ପର୍କ

**୩ୟ ଏକକ :** (କ) ଶ୍ରୀ ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା

(ଖ) ଶ୍ରୀଜଗନ୍ନାଥ କୈନ୍ଦ୍ରିକ ଓଡ଼ିଆ ଭଜନ ଓ ଜଣାଣ

**ସହାୟକ ଗ୍ରନ୍ଥସୂଚୀ( Books of Reference):**

୧.ଓଡ଼ିଶାର ସାଂସ୍କୃତିକ ଇତିହାସ -ପ୍ରବୋଧ କୁମାର ମିଶ୍ର, ବିଦ୍ୟାପୁରୀ, କଟକ

୨.ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ- ବାସୁଦେବ ସାହୁ, ଫ୍ରେଣ୍ଡସ ପବ୍ଲିଶର୍ସ

୩.ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ -ସୂର୍ଯ୍ୟନାରାୟଣ ଦାଶ, ଫ୍ରେଣ୍ଡସ ପବ୍ଲିଶର୍ସ
୪.ଓଡ଼ିଶାର ଇତିହାସ – ପ୍ୟାରୀମୋହନ ଆଚାର୍ଯ୍ୟ, ଓଡ଼ିଶା ବୁକ୍ ଷ୍ଟୋର, କଟକ

**ନମୁନା ପ୍ରଶ୍ନ (Sample Questions):**

୧. 'ଜଗତ ଦର୍ଶନରେ ଜଗନ୍ନାଥ' ପୁସ୍ତକର ରଚୟିତା କିଏ? (୧ ମାର୍କ)

୨. କେଉଁ ମାସ କେଉଁ ତିଥିରେ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୁଏ? (୨ ମାର୍କ)

୩. ବୌଦ୍ଧ ସଂସ୍କୃତି ସହ ଜଗନ୍ନାଥ ସଂସ୍କୃତିର ସାମଞ୍ଜସ୍ୟ ପ୍ରଦର୍ଶନ କର । (୫ ମାର୍କ)

୪. ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରାର ବିବରଣୀ ଦିଅ । (୮ ମାର୍କ)

***

# ମୂଲ୍ୟବୋଧଭିତ୍ତିକ ପାଠ୍ୟକ୍ରମ

## Value Added Course (VAC)

## ୨ୟ ପତ୍ର ( Paper-2 )

# ଆଦିବାସୀ ସଂସ୍କୃତି

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ । ଏଠାରେ ବିଭିନ୍ନ ଆଦିବାସୀ ସଂପ୍ରଦାୟ ପ୍ରାଚୀନକାଳରୁ ରହି ଆସୁଛନ୍ତି । ଏହି ଜନଜାତିଙ୍କ ପରିଚୟ ତଥା ସାଂସ୍କୃତିକ ଜୀବନଧାରାକୁ ବିଦ୍ୟାର୍ଥୀମାନେ ଅବଗତହେବା ସମୀଚୀନ । ଏହି ପାଠ୍ୟ ପତ୍ରରେ ଆଦିବାସୀ ସଂସ୍କୃତିର ଦେବଦେବୀ, ବିବାହ ରୀତି , ପର୍ବପର୍ବାଣି ଆଦି ସମ୍ପର୍କରେ ଜାଣିବାର ସୁଯୋଗ ମିଳି ପାରିବ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି):**

**୧ମ ଏକକ :** ଓଡ଼ିଶାରେ ଯେଉଁ ଜନଜାତିମାନେ ବସବାସ କରନ୍ତି, ସେମାନଙ୍କର ସାଧାରଣ ପରିଚୟ ଜାଣିବା ପାଇଁ ଏହି ଏକକଟି ପରିକଳ୍ପିତ।

**୨ୟ ଏକକ :** ଦେବଦେବୀ ଆରାଧନା ଆଦିବାସୀ ସଂସ୍କୃତିର ଭିନ୍ନ ପରିଚୟ ଦେଇଥାଏ । ଆଦିବାସୀଙ୍କ ପୂଜିତ ଦେବଦେବୀ, ତାଙ୍କ ସଂସ୍କୃତିର କିପରି ଏକ ଅଭିନ୍ନ ଅଙ୍ଗ, ତାହା ଏ ଏକକରୁ ଉପଲବ୍ଧ ହେବ ।

**୩ୟ ଏକକ :** ଆଦିବାସୀ ସମାଜରେ ବିବିଧ ପର୍ବପର୍ବାଣୀ କିପରି ପାଳିତ ହୁଏ ଏବଂ ସେମାନଙ୍କର ବିବାହ ରୀତିରେ କିପରି ସ୍ୱତନ୍ତ୍ରତା ରହିଛି, ଏହି ଏକକଟି ତାହାର ଧାରଣା ଦେଇ ପାରିବ ।

# ପାଠ୍ୟ ବିଷୟ

**୧ମ ଏକକ :** ଓଡ଼ିଶାର ଜନଜାତିଙ୍କ ପରିଚୟ

**୨ୟ ଏକକ :** ଆଦିବାସୀ ସଂସ୍କୃତିର ଦେବ-ଦେବୀ

**୩ୟ ଏକକ :** ଆଦିବାସୀ ସମାଜର ବିବାହ ରୀତି ଓ ପର୍ବପର୍ବାଣି

**ସହାୟକ ଗ୍ରନ୍ଥସୂଚୀ( Books of Reference):**

୧.ଓଡ଼ିଶାର ଆଦିବାସୀ – ରବୀନ୍ଦ୍ର ମୋହନ ସେନାପତି, ବିଦ୍ୟାଭାରତୀ, କଟକ

୨.ଆଦିବାସୀ ଭାଷା ଓ ସାହିତ୍ୟ – ଦମୟନ୍ତୀ ବେଶ୍ରା, ଜ୍ଞାନ ଯୁଗ ପବ୍ଲିକେଶନ୍, ଭୁବନେଶ୍ୱର

୩.ଓଡ଼ିଶାର ଜନଜାତି, ସମାଜ ସଂସ୍କୃତି ଓ ଭାଷା ଉନ୍ନୟନ – ଓ.ରା.ପା.ପୁ. ଓ ପ୍ର. ସଂସ୍ଥା, ଭୁବନେଶ୍ୱର

୪.ଓଡ଼ିଶାର ସାଂସ୍କୃତିକ ଇତିହାସ – ସଂସ୍କୃତି ବିଭାଗ, ଓଡ଼ିଶା

**ନମୁନା ପ୍ରଶ୍ନ (Sample Questions):**

୧.ଓଡ଼ିଶାରେ କେତେ ପ୍ରକାର ଆଦିବାସୀ ବସବାସ କରନ୍ତି ? (୧ ମାର୍କ)

୨. ଦୁଇଟି ଆଦିବାସୀ ପର୍ବର ନାମ ଲେଖ । (୨ ମାର୍କ)

୩. ଆଦିବାସୀ ସମାଜର ବିବାହ ରୀତି ଉପରେ ଆଲୋକପାତ କର । (୫ ମାର୍କ)

୪. ଆଦିବାସୀ ସଂସ୍କୃତିରେ ଦେବଦେବୀ ଆରାଧନାର ବିଶେଷତ୍ୱ ଦର୍ଶାଅ । (୮ ମାର୍କ)

***

## ମୂଲ୍ୟଭିତ୍ତିକ ପାଠ୍ୟକ୍ରମ

## Value Added Course (VAC)

### ୩ୟ ପତ୍ର ( Paper-3 )

# ଓଡ଼ିଶାର ସାଂସ୍କୃତିକ ପରିଚୟ

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ଧର୍ମ ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ ଓଡ଼ିଶାର ସାଂସ୍କୃତିକ ପରିଚୟ ସୁବିଦିତ । ଓଡ଼ିଶା ପୁଣି ଉନ୍ନତ କଳାର ଦେଶ ଭାବେ ପରିଚୟ ବହନ କରେ । ବିବିଧ ପର୍ବପର୍ବାଣି ଓ ଯାନିଯାତ୍ରା ଆମ ସଂସ୍କୃତିର ଅନ୍ୟତମ ଅଂଶ ବିଶେଷ। ତେଣୁ ପାଠ୍ୟପତ୍ରଟିରେ ଶିକ୍ଷାର୍ଥୀମାନେ ସଂସ୍କୃତି ସଂପନ୍ନ ଓଡ଼ିଶାର ପରିଚୟ ଲାଭ କରିବେ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ :** ଓଡ଼ିଶାର ଉଦାର ଧର୍ମ ପରମ୍ପରା ଓ ବିବିଧ ଦେବଦେବୀ ଉପାସନା ଆମ ସଂସ୍କୃତିକୁ କିପରି ସମୃଦ୍ଧ କରିଛି, ତାହା ଏହି ଏକକରୁ ଉପଲବ୍ଧ ହୋଇ ପାରିବ।

**୨ୟ ଏକକ :** ଓଡ଼ିଶାର ସଂସ୍କୃତିରେ ବାରମାସରେ ତେରପର୍ବ ପାଳନ ବିଧି ରହିଛି । ଆଞ୍ଚଳିକ ସ୍ତରରେ ମଧ୍ୟ ଓଡ଼ିଶାରେ ବିଭିନ୍ନ ଯାନିଯାତ୍ରା ଅନୁଷ୍ଠିତ ହୁଏ । ଏ ସବୁ ଓଡ଼ିଶାର ଜନଜୀବନକୁ ଏକତା ଓ ଭାଇଚାରାରେ ଅନୁବନ୍ଧିତ କରିଥାଏ । ଏ ବିଷୟରେ ଛାତ୍ରଛାତ୍ରୀ ଏଠାରେ ଜ୍ଞାନଲାଭ କରିବେ ।

**୩ୟ ଏକକ :** କଳା ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ଓଡ଼ିଶାର ଶିଳ୍ପଗୌରବ ଖୁବ୍ ପ୍ରସିଦ୍ଧ । ତନ୍ମଧ୍ୟରୁ ନୃତ୍ୟକଳା-ଓଡ଼ିଶୀ, ଛଉ, ଚଇତି ଘୋଡ଼ା, ଚିତ୍ରକଳା- ପଟ୍ଟଚିତ୍ର, ବାନ୍ଧ କଳା, ପ୍ରସ୍ତର କଳା ଓ ଆଦିବାସୀ କଳା ଓ ଭାସ୍କର୍ଯ୍ୟ କଳାରେ ମନ୍ଦିର ଓ ଗୃହ ନିର୍ମାଣ, ପ୍ରସ୍ତର ମୃଣ୍ମୟ ବାଲୁକା ଶିଳ୍ପ ଆଦି ସମ୍ପର୍କରେ ଏହି ଏକକଟି ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବ ।

# ପାଠ୍ୟ ବିଷୟ

**୧ମ ଏକକ :** ଓଡ଼ିଶାର ଧର୍ମ ପରମ୍ପରା

(କ) ବୌଦ୍ଧ, ଶୈବ, ଶାକ୍ତ

(ଖ) ବୈଷ୍ଣବ (ରାମ ଉପାସନା, କୃଷ୍ଣ ଉପାସନା, ଶ୍ରୀଜଗନ୍ନାଥ ଉପାସନା)

**୨ୟ ଏକକ :** ଓଡ଼ିଶାର ପର୍ବପର୍ବାଣି ଓ ଯାନିଯାତ୍ରା

(ଓଡ଼ିଶାର ବିବିଧ ଅଞ୍ଚଳର ପର୍ବପର୍ବାଣି ଓ ଯାନିଯାତ୍ରା ଉପରେ ଆଲୋକପାତ)

**୩ୟ ଏକକ:** ଓଡ଼ିଶାର କଳା ଓ ଭାସ୍କର୍ଯ୍ୟ

(ନୃତ୍ୟ କଳା, ଚିତ୍ର କଳା, ଭାସ୍କର୍ଯ୍ୟ କଳା)

**ସହାୟକ ଗ୍ରନ୍ଥସୂଚୀ( Books of Reference):**

୧. ଓଡ଼ିଶାରେ ବୌଦ୍ଧ ଧର୍ମ – ନବୀନ କୁମାର ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀ

୨.ଓଡ଼ିଆ ସାହିତ୍ୟରେ ଶୈବ ଧର୍ମ – କୃଷ୍ଣଚନ୍ଦ୍ର ପ୍ରଧାନ, ସୁଧା ପ୍ରକାଶନ, କଟକ

୩. ଓଡ଼ିଶୀ ବୈଷ୍ଣବ ଧର୍ମ – କାହ୍ନୁ ଚରଣ ମିଶ୍ର , ଓଡ଼ିଶା ସାହିତ୍ୟ ଏକାଡେମୀ

୪. ଓଡ଼ିଆ ସାହିତ୍ୟରେ ବିଭିନ୍ନ ଧର୍ମଧାରା – ଫକୀର ମୋହନ ଦାସ , ଉତ୍କଳଗୌରବାଣୀ ସଂସଦ

୫. ଓଡ଼ିଶାର ପର୍ବପର୍ବାଣୀ ଓଷାବ୍ରତ ଯାନିଯାତ୍ରା – ଶ୍ରୀ ବ୍ରଜମୋହନ ମହାନ୍ତି – ଉତ୍କଳ ପାଠକ ସଂସଦ, ଓଡ଼ିଶା ବୁକ୍ ଷ୍ଟୋର, କଟକ

୬. ଓଡ଼ିଶାର ଆଦିବାସୀ ଚିତ୍ରକଳା- ଶ୍ରୀ ରବୀନ୍ଦ୍ର କୁମାର ସାହୁ-ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର

୭. ଭାରତୀୟ ନୃତ୍ୟକଳା-ଧିରେନ୍ଦ୍ରନାଥ ପଟ୍ଟନାୟକ- ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର

**ନମୁନା ପ୍ରଶ୍ନ ( Sample Questions):**

୧. 'ଓଡ଼ିଶାରେ ବୌଦ୍ଧ ଧର୍ମ' ପୁସ୍ତକର ଲେଖକ କିଏ ? (୧ ମାର୍କ)

୨.ଶିବଙ୍କୁ କାହିଁକି ଅର୍ଦ୍ଧନାରୀଶ୍ୱର କୁହାଯାଏ ? (୨ ମାର୍କ)

୩. ଶାକ୍ତଧର୍ମ ସମ୍ପର୍କରେ ଆଲୋଚନା କର । (୫ ମାର୍କ)

୪.ଓଡ଼ିଶାର କେଉଁକେଉଁ ପ୍ରସିଦ୍ଧ ମନ୍ଦିରରେ ଭାସ୍କର୍ଯ୍ୟକଳାର ନିଦର୍ଶନ ରହିଛି, ଦର୍ଶାଅ । (୮ ମାର୍କ)

***

# ସପ୍ତମ ପର୍ଯ୍ୟାୟ (Semester-VII)
# ପ୍ରଧାନ ପାଠ୍ୟାଂଶ-୧ (Core Course-I)
# ପ୍ରଥମ ପତ୍ର (Paper-01)
## (କେବଳ ଗବେଷଣା ପତ୍ର ନେଇ ଅଧ୍ୟୟନ କରୁଥିବା ଓଡ଼ିଆ ସମ୍ମାନ ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ)
# ଗବେଷଣା ପଦ୍ଧତି

**Course Outcome (ପାଠ୍ୟପତ୍ର ଫଳଶ୍ରୁତି):**

ସ୍ନାତକ ଶ୍ରେଣୀର ଅନୁସନ୍ଧିତ୍ସୁ ଶିକ୍ଷାର୍ଥୀମାନଙ୍କ ଗବେଷଣା ମନୋବୃତ୍ତିକୁ ଚରିତାର୍ଥକରିବା ପାଇଁ ଏହି ପତ୍ରଟି ଉଦ୍ଦିଷ୍ଟ । ଗବେଷଣାରେ ପ୍ରବୃତ୍ତ ହେବାପୂର୍ବରୁ ତାହାର ତାତ୍ତ୍ୱିକ ଓ ବୈଧାନିକ ଦିଗ ଉପରେ ଜ୍ଞାନ ଆହରଣ କରିବା ନିମିତ୍ତ ଏହା ସହାୟକ ହେବ ।
ସୂଚନାଯୋଗ୍ୟ ଯେ, ସପ୍ତମ ପର୍ଯ୍ୟାୟ( 7th Semester) ପାଇଁ ଉଦ୍ଦିଷ୍ଟ ଥିବା ପ୍ରଥମ ପତ୍ରକୁ ଅଧ୍ୟୟନ ନକରି ଗବେଷଣାରେ ପ୍ରବୃତ୍ତ ଛାତ୍ରଛାତ୍ରୀ ଏହି 'ଗବେଷଣା ପଦ୍ଧତି' ପତ୍ରଟିକୁ ଅଧ୍ୟୟନ କରିବେ ।

**Unit Wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**ପ୍ରଥମ ଏକକ :** ଗବେଷଣାର ସଂଜ୍ଞା - ସ୍ୱରୂପ ଓ ବିବିଧ ଗବେଷଣା ପ୍ରକ୍ରିୟା ସଂପର୍କରେ ଏହି ଏକକଟି ଦିଗ୍‌ଦର୍ଶନ ଦେବ ।

**ଦ୍ୱିତୀୟ ଏକକ :** ଗବେଷଣାରେ ବିଷୟ ନିର୍ବାଚନ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ । ଛାତ୍ରଛାତ୍ରୀ କିପରି ବିଷୟ ଭିତ୍ତିକ ଶୀର୍ଷକ ଚୟନ କରି ତାହାର ପରିଚ୍ଛେଦ ବିଭାଜନ କରିବେ ଓ ଗବେଷଣାର ଭାଷା ଶୈଳୀ କିପରି ହେବ ତାହା ଏଥିରୁ ଉପଲବ୍ଧି କରିପାରିବେ ।

**ତୃତୀୟ ଏକକ :** ବାସ୍ତବରେ ଗବେଷଣା ଏକ କଷ୍ଟକର କାର୍ଯ୍ୟ । ଏଥିପାଇଁ ଗବେଷକର ଧର୍ମ କଣହେବା ଉଚିତ ଓ ସେ କିପରି ତଥ୍ୟ ସଂଗ୍ରହ କରିବାରେ ଅକୁଣ୍ଠିତ ପରିଶ୍ରମ କରିବେ ତାହା ଅବଗତ ହେବେ ।

**ଚତୁର୍ଥ ଏକକ :** ଗବେଷଣା ନିବନ୍ଧର ଗଠନରୀତି , ପାଦଟୀକା, ସହାୟକ ଗ୍ରନ୍ଥତାଲିକା ପ୍ରସ୍ତୁତି ସଂପର୍କୀୟ ବିଧିବିଧାନ ସଂପର୍କରେ ଏହି ଏକକଟି ଶିକ୍ଷାର୍ଥୀଙ୍କୁ ଧାରଣା ଦେବ ।

# ପାଠ୍ୟ ବିଷୟ

**ପ୍ରଥମ ଏକକ:** ଗବେଷଣାର ସଂଜ୍ଞା ଓ ସ୍ୱରୂପ
ସାହିତ୍ୟ ଗବେଷଣାର ବିବିଧ ରୂପ (ଐତିହାସିକ, ନନ୍ଦନତାତ୍ତ୍ୱିକ, ତୁଳନାତ୍ମକ)

**ଦ୍ୱିତୀୟ ଏକକ:** ଗବେଷଣାର ବିଷୟ ନିର୍ବାଚନ ଓ ପରିଚ୍ଛେଦ ବିଭାଜନ
ଗବେଷଣାର ଭାଷା ଶୈଳୀ

**ତୃତୀୟ ଏକକ:** ଗବେଷକର ଧର୍ମ, ତଥ୍ୟ ସଂଗ୍ରହ
ଗବେଷଣାରେ ତତ୍ତ୍ୱାବଧାରକଙ୍କ ଦାୟିତ୍ୱ

**ଚତୁର୍ଥ ଏକକ :** ଗବେଷଣା ନିବନ୍ଧର ଗଠନରୀତି
ପାଦଟୀକା ଓ ସହାୟକ ଗ୍ରନ୍ଥସୂଚୀ ପ୍ରସ୍ତୁତି

**ସହାୟକ ଗ୍ରନ୍ଥସୂଚୀ( Books of Reference):**

୧. ଗବେଷଣା ପ୍ରବିଧି ସଂପାଦନା ଓ ଅନୁବାଦ କଳା – ସୁବୋଧ କୁମାର ଚାଟାର୍ଜୀ, ବିଦ୍ୟାପୁରୀ, କଟକ

୨. ଗବେଷଣା ପ୍ରକରଣ, ସଂପାଦନା ଓ ଅନୁବାଦ ପ୍ରବିଧି –କୃଷ୍ଣଚନ୍ଦ୍ର ପ୍ରଧାନ, ଜ୍ଞାନଯୁଗ ପବ୍ଲିକେଶନ୍ସ, ଭୁବନେଶ୍ୱର

୩. ଗବେଷଣା ଅନୁବାଦ ସଂପାଦନାକଳା ସମାଲୋଚନା- ନାରାୟଣ ସାହୁ , ସତ୍ୟେନାରାୟଣ ବୁକ୍ ଷ୍ଟୋର, କଟକ

୪. ଗବେଷଣା ବିଧି ଓ ଅନୁବାଦକଳା –ସଂ-ବନମାଳୀ ରାଉତ , ମନୋରମା ବିଶ୍ୱାଳ ମହାପାତ୍ର, ଓଡ଼ିଶା ଗବେଷଣା ପରିଷଦ, କଟକ

୫. Methodology and Technique of Research –R.K. Burma and Gopal Burma, Arjun Publishing House, New Delhi ।

**Sample questions (ନମୁନା ପ୍ରଶ୍ନାବଳୀ):**

୧. ଗବେଷଣା ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ କଣ ? (୧ ମାର୍କ )

୨. ଗବେଷକର ୨ଟି ଧର୍ମ ଲେଖ । ( ୨ ମାର୍କ)

୩. ଗବେଷଣାରେ ପାଦଟୀକା କିପରି ପ୍ରସ୍ତୁତ କରାଯାଏ ଦୃଷ୍ଟାନ୍ତ ସହ ଲେଖ । ( ୫ ମାର୍କ)

୪. ଐତିହାସିକ ଗବେଷଣାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କର । ( ୮ ମାର୍କ)

***

## ଗବେଷଣାର ବିସ୍ତାରିତ କ୍ଷେତ୍ର

**୧.** ଅଞ୍ଚଳ ଭିତ୍ତିକ ଲୋକସାହିତ୍ୟ ଓ ସଂସ୍କୃତି

୨. ଜିଲ୍ଲା ସ୍ତରୀୟ ସାହିତ୍ୟ ସାଧକଙ୍କ ପରିଚୟ ଓ କୃତିତ୍ୱ

୩. ଆଞ୍ଚଳିକ / କଥିତ ଓଡ଼ିଆ/ ଆଦିବାସୀ ଭାଷାର ସ୍ୱରୂପ ଓ ବୈଶିଷ୍ଟ୍ୟ

୪. ଅବଲୁପ୍ତପ୍ରାୟ ଲୋକକଳା: ସଂଗ୍ରହ ଓ ସମୀକ୍ଷଣ

୫. ପ୍ରମୁଖ ସାରସ୍ୱତ ସ୍ରଷ୍ଟା ଓ ଯୁଗୀୟ ଆଭିମୁଖ୍ୟ ଆକଳନ

## ଗବେଷଣା ନିମିତ୍ତ ନିୟମ ଓ ନିର୍ଦ୍ଦେଶାବଳୀ:-

ଗବେଷଣାର ବିଷୟ ନିର୍ବାଚନ ନିମନ୍ତେ ଛାତ୍ରଛାତ୍ରୀମାନେ ଉଲ୍ଲିଖିତ ବିସ୍ତାରିତ ପ୍ରସଙ୍ଗରୁ ଏକ ସୁକ୍ଷ୍ମଦିଗକୁ ନିର୍ବାଚନ କରିବେ । ଦିଗ୍‌ଦର୍ଶକମାନେ ସେମାନଙ୍କୁ ଏଦିଗରେ ସହାୟତା କରିବେ । ପ୍ରତ୍ୟେକ ଗବେଷଣା ପ୍ରକଳ୍ପ ଅନ୍ୟୁନ ଚାରୋଟି ପରିଚ୍ଛେଦରେ ବିଭକ୍ତ ହେବ । A-4 ସାଇଜ୍ ପେପରରେ ଗୋଟିଏ ପାର୍ଶ୍ୱରେ ଲିଖିତ ସନ୍ଦର୍ଭଟି ଅନ୍ୟୁନ ୮୦ ପୃଷ୍ଠା ବିଶିଷ୍ଟ ହେବ । ଛାତ୍ରଛାତ୍ରୀଙ୍କୁ ଅନ୍ୟୁନ୍ୟ ୧୫ ରୁ ୨୦ଟି ସମୀକ୍ଷା ପୁସ୍ତକର ସହାୟତା ନେବାକୁ ପଡ଼ିବ । ପ୍ରତ୍ୟେକ ପରିଚ୍ଛେଦରେ ପାଦଟୀକା ରହିବା ଆବଶ୍ୟକ । ନିବନ୍ଧର ଉପସଂହାର ପରେ ଗବେଷଣା ପଦ୍ଧତି ଅନୁଯାୟୀ ସହାୟକ ଗ୍ରନ୍ଥସୂଚୀ ରହିବ। ଏସବୁ ଗବେଷଣାତ୍ମକ ବିବରଣୀ ଉପସ୍ଥାପନ ପ୍ରକ୍ରିୟା ସଂପର୍କରେ ଛାତ୍ରଛାତ୍ରୀ ଗବେଷଣା ପଦ୍ଧତି ଶୀର୍ଷକ ପତ୍ରରେ ସବିଶେଷ ତାତ୍ତ୍ୱିକ ଅଧ୍ୟୟନ କରିବାର ସୁଯୋଗ ପାଇବେ । ନିବନ୍ଧ ପ୍ରସ୍ତୁତି ଓ ଉପସ୍ଥାପନା ୬୦+୨୦=୮୦ ନମ୍ବର ଏବଂ ମୌଖିକ ପରୀକ୍ଷା ପାଇଁ ୨୦ନମ୍ବର ରହିବ । ବାହ୍ୟ ଓ ଅଭ୍ୟନ୍ତରୀଣ ପରୀକ୍ଷକଙ୍କଦ୍ୱାରା ମୂଲ୍ୟାୟନ ହେବ । ସମୟ ନିର୍ଘଣ୍ଟ- ୧ ବର୍ଷ । ସପ୍ତମ ପର୍ଯ୍ୟାୟ(SEMESTER-VII) ରେ ଗବେଷଣା ପଦ୍ଧତି ଅଧ୍ୟୟନ ସହ ଛାତ୍ରଛାତ୍ରୀମାନେ ବିଷୟ ନିର୍ବାଚନ ଓ ତଥ୍ୟ ସଂଗ୍ରହ କାର୍ଯ୍ୟ କରିବେ। ଅଷ୍ଟମ ପର୍ଯ୍ୟାୟ(SEMESTER-VIII) ରେ ନିବନ୍ଧ ପ୍ରସ୍ତୁତି ଓ ଉପସ୍ଥାପନା କରିବେ ।

ଗବେଷଣା ନିବନ୍ଧ ପ୍ରସ୍ତୁତ କରୁଥିବା ଛାତ୍ରଛାତ୍ରୀ ସ୍ୱକୀୟ ନିବନ୍ଧ ପାଇଁ ୧୨ କ୍ରେଡିଟର weightage ପାଇବେ । ଏତଦ୍ ସମେତ ଏହି ପର୍ଯ୍ୟାୟରେ ୪+୪=୮ କ୍ରେଡ଼ିଟ ବିଶିଷ୍ଟ ୨ ଟି ପାଠ୍ୟପତ୍ରର ପରୀକ୍ଷା ମଧ୍ୟ ଦେବାକୁ ପଡ଼ିବ । ଏହିପରି ଭାବରେ ଅଷ୍ଟମ ପର୍ଯ୍ୟାୟ( SEMESTER-VIII) ର ପରୀକ୍ଷା ନିମନ୍ତେ ସେମାନଙ୍କ ପାଇଁ ମୋଟ ୨୦ କ୍ରେଡ଼ିଟ୍‌ର ପାଠ୍ୟ ଅଧ୍ୟୟନ କରିବାକୁ ପଡ଼ିବ । ସୂଚନାଯୋଗ୍ୟ ଯେ, ଗବେଷଣା ପତ୍ର ନନେଇ ୪ ବର୍ଷିଆ ପାଠ୍ୟକ୍ରମ ବିଶିଷ୍ଟ ସମ୍ମାନ ସ୍ନାତକ ଛାତ୍ରଛାତ୍ରୀମାନେ ୪X୪=୧୬ କ୍ରେଡିଟର(Core-I) + ୧ x ୪ = ୪( Core-II) ର ପାଠ୍ୟକ୍ରମ ଅଧ୍ୟୟନ କରିବେ ।

***

## Suggestive Area of discussion for Refresher Course

* ଓଡ଼ିଆ ୟୁନିକୋଡ ଓ ଇ - ରିସୋର୍ସର ବ୍ୟବହାର
* ତୁଳନାତ୍ମକ ସାହିତ୍ୟ
* ଅନୁବାଦର କଳା କୌଶଳ
* ନିବନ୍ଧ ପ୍ରସ୍ତୁତି ଓ ଗବେଷଣା ପଦ୍ଧତି
* ଶିଶୁ ସାହିତ୍ୟ
* ବିଜ୍ଞାନ ଭିତ୍ତିକ ସାହିତ୍ୟ
* E-journal, YouTube, Classroom ଆଦି ସମ୍ବନ୍ଧୀୟ ICT
* Blended Mode Based Teaching Learning
* Smart class
* ଓଡ଼ିଶାର ସାଂସ୍କୃତିକ ଇତିହାସ: ପର୍ବପର୍ବାଣି, ଓଷାବ୍ରତ ଓ ଧର୍ମଧାରା
* ଶ୍ରୀଜଗନ୍ନାଥ ଓ ଆଦିବାସୀ ସଂସ୍କୃତି
* ଓଡ଼ିଶାର ରାଜନୀତିକ ଇତିହାସ ଓ ସାମାଜିକ ବିବର୍ତ୍ତନ
* ନିର୍ଭୁଲ ଓଡ଼ିଆ ଲିଖନ କୌଶଳ ଓ ବ୍ୟାବହାରିକ ବ୍ୟାକରଣ
* ଧ୍ୱନି ତତ୍ତ୍ୱ ଓ ଶୁଦ୍ଧ ଓଡ଼ିଆ ଉଚ୍ଚାରଣ
* ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ ସାଂସ୍କୃତିକ ଉତ୍ଥାନ
* ପରଂପରାର୍ଜିତ ଜ୍ଞାନକୌଶଳ ଓ ଲୋକସଂସ୍କୃତି
* ଆଲୋଚନା ଚକ୍ର, କର୍ମଶାଳା ଆଦି ଆୟୋଜନ କରିବାର ତାତ୍ପର୍ଯ୍ୟ ଓ ପରିଚାଳନା କୌଶଳ
* ସର୍ଜନଶୀଳ ରଚନାକୌଶଳ (ଗଳ୍ପ, କବିତା, ପ୍ରବନ୍ଧ, ସମାଲୋଚନା, ଫିଚର୍ ଓ ସମ୍ବାଦ)
* ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ

***

# List of Resource Persons for Unit wise Video Clip

1. ସାରଳା ମହାଭାରତ - ପ୍ର. ନୀଳାଦ୍ରିଭୂଷଣ ହରିଚନ୍ଦନ, ପ୍ର. ଉଦୟନାଥ ସାହୁ
2. ଭାଗବତ - ପ୍ର. ବୈଷ୍ଣବ ଚରଣ ସାମଲ, ପ୍ର. ଉଦୟନାଥ ସାହୁ
3. ରାମାୟଣ - ପ୍ର. ବୈଷ୍ଣବ ଚରଣ ସାମଲ, ସୁବୋଧ ଚାଟାର୍ଜୀ
4. ମଧ୍ୟଯୁଗୀୟ କାବ୍ୟ - ପ୍ର. ବାଉରୀବନ୍ଧୁ ସାହୁ, ପ୍ର. ଶରତ ଚନ୍ଦ୍ର ରଥ
5. ପାଶ୍ଚାତ୍ୟ କାବ୍ୟତତ୍ତ୍ୱ - ପ୍ର. ବିଜୟ ଶତପଥୀ, ଛାୟାକାନ୍ତ ଷଡ଼ଙ୍ଗୀ
6. ପ୍ରାଚ୍ୟ କାବ୍ୟତତ୍ତ୍ୱ - ପ୍ର. ବସନ୍ତ କୁମାର ପଣ୍ଡା, ପ୍ର. ଅଶୋକ ଦାଶ
7. ଶାସ୍ତ୍ରୀୟ ଭାଷା: ଓଡ଼ିଆ - ପ୍ର.ଦେବୀ ପ୍ରସନ୍ନ ପଟ୍ଟନାୟକ, ସୁବ୍ରତ ପୃଷ୍ଟି, ବସନ୍ତ କୁମାର ପଣ୍ଡା, ପ୍ର.ଅଶୋକ ଦାଶ, ଅନ୍ତର୍ଯ୍ୟାମୀ ମିଶ୍ର
8. ଓଡ଼ିଆ ଲିପି - ପ୍ର. ଦେବୀ ପ୍ରସନ୍ନ ପଟ୍ଟନାୟକ, ଉପେନ୍ଦ୍ର ପ୍ରସାଦ ଦଳାଇ, ହର ପ୍ରସାଦ ଦାସ, କୈଳାସ ଚନ୍ଦ୍ର ଟିକାୟତରାୟ
9. ଓଡ଼ିଆ ବ୍ୟାକରଣ - ନଟବର ଶତପଥୀ, କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ର. ସଦାନନ୍ଦ ନାୟକ
10. ଓଡ଼ିଆ ଧ୍ୱନି ତତ୍ତ୍ୱ - ପ୍ର. ସବିତା ପ୍ରଧାନ, ପ୍ର.ପଞ୍ଚାନନ ମହାନ୍ତି,
11. ଚର୍ଯ୍ୟାଗୀତି - ପ୍ର. କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ର. ସଦାନନ୍ଦ ନାୟକ
12. ପଞ୍ଚସଖା ସାହିତ୍ୟ - ବାବାଜୀ ପଟ୍ଟନାୟକ, ସୁନନ୍ଦା ତ୍ରିପାଠୀ
13. ନାଥ ସାହିତ୍ୟ - ପ୍ର. ବୈଷ୍ଣବ ଚରଣ ସାମଲ, ପ୍ରଦୀପ୍ତ ପଣ୍ଡା
14. ରାଧାନାଥ, ଗଙ୍ଗାଧର, ମଧୁସୂଦନ ଓ ଫକୀର ମୋହନ - ପ୍ର. ମଣୀନ୍ଦ୍ର କୁମାର ମେହେର, ପ୍ର. ବଭ୍ରୁବାହନ ମହାପାତ୍ର
15. ଆଧୁନିକ କବିତା - ପ୍ର. ଗିରିବାଳା ମହାନ୍ତି, ଶତ୍ରୁଘ୍ନ ପାଣ୍ଡବ, ପ୍ର. ବଭ୍ରୁବାହନ ମହାପାତ୍ର, ପ୍ର. ସନ୍ତୋଷ କୁମାର ତ୍ରିପାଠୀ
16. ଆଧୁନିକ ଗଦ୍ୟ ସାହିତ୍ୟ - ପ୍ର. ମନୋରଞ୍ଜନ ପ୍ରଧାନ, ପ୍ର. ଆଦିକନ୍ଦ ସାହୁ
17. ସବୁଜ ସାହିତ୍ୟ - ସୁପ୍ରିୟା ମଲ୍ଲିକ, ପ୍ରମୋଦ ପାଢ଼ୀ, ପ୍ର. ପ୍ରସନ୍ନ ସ୍ୱାଇଁ
18. ପ୍ରଗତିବାଦୀ ସାହିତ୍ୟ - ପ୍ର. ବିଜୟ କୁମାର ଶତପଥୀ, ପ୍ର. ବଭ୍ରୁବାହନ ମହାପାତ୍ର
19. ନାଟକ - ପ୍ର. ନୀଳାଦ୍ରି ଭୂଷଣ ହରିଚନ୍ଦନ, ନାରାୟଣ ସାହୁ, ପ୍ର.ବିଜୟ ଶତପଥୀ, ପ୍ର. ସଙ୍ଘମିତ୍ରା ମିଶ୍ର
20. ଲୋକ ସାହିତ୍ୟ ତତ୍ତ୍ୱ - ପ୍ର. ଶ୍ୟାମ ସୁନ୍ଦର ମହାପାତ୍ର, ପ୍ର. କୁମୁଦ ରଞ୍ଜନ ପାଣିଗ୍ରାହୀ, ପ୍ର. କଇଳାଶ ପଟ୍ଟନାୟକ
21. ଆଦିବାସୀ ସଂସ୍କୃତି- ପ୍ର. ସବିତା ପ୍ରଧାନ, ଡ. ଦେବାଶିଷ ପାତ୍ର, ଡ. ଦମୟନ୍ତି ବେଶ୍ରା
22. ଶ୍ରୀ ଜଗନ୍ନାଥ ସଂସ୍କୃତି - ପ୍ର. ସୁରେନ୍ଦ୍ରନାଥ ଦାଶ, ସିଦ୍ଧେଶ୍ୱର ମହାପାତ୍ର, ଭାସ୍କର ମିଶ୍ର
23. ଅନୁବାଦ ସାହିତ୍ୟ - ପ୍ର. ମନୋରଞ୍ଜନ ପ୍ରଧାନ, ଶିଶିର ବେହେରା
24. ଗଣ ମାଧ୍ୟମ ଓ ଯୋଗାଯୋଗ - ପ୍ର. ସନ୍ତୋଷ ତ୍ରିପାଠୀ, ଶିଶିର ବେହେରା, ଡ.ନୃସିଂହ ଷଡଙ୍ଗୀ
25. ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ- ଡ. ରୁଦ୍ରନାରାୟଣ ମହାପାତ୍ର, ଗିରୀଶ ଚନ୍ଦ୍ର ମିଶ୍ର
26. ଆତ୍ମଜୀବନୀ - ଦେବୀ ପ୍ରସାଦ ଶତପଥୀ,
27. ଭ୍ରମଣ ସାହିତ୍ୟ – ପ୍ର. କୈଳାସ ପଟ୍ଟନାୟକ, ପ୍ର. ପ୍ରକାଶଚନ୍ଦ୍ର ପଟ୍ଟନାୟକ, ପ୍ର. ଗୌରାଙ୍ଗ ଚରଣ ଦାଶ
28. ତୁଳନାତ୍ମକ ସାହିତ୍ୟ - ପ୍ର. ଆଦିକନ୍ଦ ସାହୁ, ପ୍ର. ମନୋରଞ୍ଜନ ପ୍ରଧାନ, ପ୍ର, ପ୍ରକାଶଚନ୍ଦ୍ର ପଟ୍ଟନାୟକ, ଗୌରାଙ୍ଗ ଚରଣ ଦାଶ
29. ଆଧୁନିକ ସାହିତ୍ୟର ପୃଷ୍ଠଭୂମି - ପ୍ର. ମନୋରଞ୍ଜନ ପ୍ରଧାନ, ଶରତ କୁମାର ଜେନା
30. ଓଡ଼ିଶାର ଇତିହାସ - ଅତୁଲ ଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ପ୍ରଧାନ
31. ଓଡ଼ିଆ କମ୍ପ୍ୟୁଟରୀକରଣ – ରୁଦ୍ରନାରାୟଣ ମହାପାତ୍ର,
32. ଓଡ଼ିଆ ସାହିତ୍ୟର ଇତିହାସ - ବୈଷ୍ଣବ ଚରଣ ସାମଲ, କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରେମାନନ୍ଦ ମହାପାତ୍ର, ବଭ୍ରୁବାହନ ମହାପାତ୍ର

33. ଓଡ଼ିଆ ଲୋକସାହିତ୍ୟ – ପ୍ର.କଇଳାଶ ପଟ୍ଟନାୟକ, ଗିରୀଶ ଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ପ୍ରଧାନ, ଅଜୟ ମିଶ୍ର, ପ୍ର. ଜ୍ୟୋତ୍ସ୍ନା ବିଶ୍ୱାଳ ରାଉତ, ରୁଦ୍ରାଣୀ ମହାନ୍ତି

34. ଓଡ଼ିଆ କଥା ସାହିତ୍ୟ- କଇଳାଶ ପଟ୍ଟନାୟକ, ଡ. କବିତା ବାରିକ୍

## Suggestive Area for Internship

* ଓଡ଼ିଶା ଓ ଓଡ଼ିଶା ବାହାରେ ଥିବା ସରକାରୀ ଓ ଅଣସରକାରୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନକୁ ପରିଦର୍ଶନ ।
* ଐତିହ୍ୟ ସ୍ଥଳ ଓ ଐତିହାସିକ ପୀଠ, ତୀର୍ଥସ୍ଥାନ, ପ୍ରମୁଖ କବି ଲେଖକଙ୍କ ଜନ୍ମଭୂମିକୁ ଜ୍ଞାନାର୍ଜନ ନିମିତ୍ତ ଭ୍ରମଣ ।

  **ବିଶ୍ୱ ନାଟ୍ୟ ଗ୍ରାମ** - ସୁବୋଧ ପଟ୍ଟନାୟକ, ରଘୁରାଜପୁର, ବରପାଲି, ବରଗଡ଼, ବ୍ରହ୍ମପୁର, ଭଦ୍ରକ, କେନ୍ଦୁଝର, ମୟୁରଭଞ୍ଜ ଆଦି ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ।

  **ମିଶ୍ର ଶାଳ** - ଅଜୟ କୁମାର ମିଶ୍ର,କଟକ ଓ ଦାସିଆ ଅଜା ପାଠାଗାର, ନୟାଗଡ଼ ।
* ସାହିତ୍ୟ ଅନୁଷ୍ଠାନ, ପ୍ରକାଶନ ସଂସ୍ଥା, ପତ୍ରିକା, ଖବର କାଗଜ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ଆଲୋଚନା ଚକ୍ର, କର୍ମଶାଳା ଓ ଦଳଗତ ଆଲୋଚନାଦିରେ ଅଂଶ ଗ୍ରହଣ ।
* ନିଜ ମହାବିଦ୍ୟାଳୟରେ ମାସକୁ ଥରେ Seminar/Workshop/Symposium ଆୟୋଜନ କରିବା ।
* ଓଡ଼ିଶାର ନାଟ୍ୟ ସଂଗଠନ ଗୁଡ଼ିକର ପରିଦର୍ଶନ ।
* ସମ୍ବାଦ ସାହିତ୍ୟଘର ଗୁଡ଼ିକର ପରିଭ୍ରମଣ ।
* ପ୍ରଜାତନ୍ତ୍ର ବିଷୁବ ମିଳନରେ ଯୋଗଦାନ ।
* ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ଲୋକ ମହୋତ୍ସବ, ବାଲିଯାତ୍ରା, ଧନୁଯାତ୍ରା, ଦୋଳଯାତ୍ରା, ଚନ୍ଦନ ଯାତ୍ରା, ଚଇତି ପର୍ବ , ମକର ମେଳା ଆଦି ପରିଦର୍ଶନ ।
* ଉତ୍କଳ ସାହିତ୍ୟ ସମାଜ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ପରିଭ୍ରମଣ ।

# E- Resources

* ଓଡ଼ିଆ ବିଭବ (ସୃଜନିକା)
* SOA
* ମାତୃ ଏକାଡେମୀ
* Virtual Tutorial Project- vtputkal.odisha.gov.in
* Google
* Wikipedia
* YouTube
* EResources -OSOU
* EResources of OSHEC
* EResources of ATLC
* sodhganga.inflibnet.ac.in

***